RNI No.ODIODI/2010/33031

୧୭ ବର୍ଷ | Volume- 17

ISSUE -139 | ସଂଖ୍ୟା-୧୩୯

ଭୁବନେଶ୍ୱର, ବୁଧବାର ୧୨ ଅଗଷ୍ଟ ୨୦୨୬

Bhubaneswar, Wednesday 12 August, 2026

୦୮ ପୃଷ୍ଠା | Pages-08

ମୂଲ୍ୟ : ୨.୦୦ ଟଙ୍କା | Price : Rs.2.00

www.odishamanthan.com

MANTHAN

ମନ୍ଥନ

www.odishamanthan.com RNI No. ORIORI/2010/33031

ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର




# ଭୟଙ୍କର ମୌସୁମୀରେ ହିମାଚଳ ଛିନ୍‌ଛତ୍ର

## ୧୫୭ ମୃତ, ଭୂସ୍ଖଳନ ପରେ ୨୬୦ ରାସ୍ତା ବନ୍ଦ

ନୂଆଦିଲ୍ଲୀ, ୧୧।୮(ନି.ପ୍ର.): ପ୍ରକୃତିର ତାଣ୍ଡବରେ ଛିନଛତ୍ର ହିମାଚଳ ପ୍ରଦେଶ। ମୌସୁମୀ ଜନିତ ଲଗାଣ ବର୍ଷା ହିମାଚଳ ପ୍ରଦେଶର ସ୍ଥିତିକୁ ଦିନକୁ ଦିନ ଅଧିକ ଜଟିଳ କରିବାରେ ଲାଗିଛି। ଅବିଶ୍ରାନ୍ତ ବର୍ଷା ଯୋଗୁ ରାଜ୍ୟର ପ୍ରାୟ ୨୬୦ଟି ପ୍ରମୁଖ ରାସ୍ତା ବନ୍ଦ ହୋଇ ଯାଇଛି।

ସେହିପରି ବର୍ଷା ଜନିତ ଅଘଟଣ ଇତି ମଧ୍ୟରେ ୧୫୭ ଜଣଙ୍କ ଜୀବନ ନେଇ ସାରିଲାଣି। ପ୍ରାୟ ୯୦୦ ସମ୍ପତ୍ତି ଓ ସର୍ବସାଧାରଣ ସ୍ଥାନ ବର୍ଷା ଯୋଗୁ କ୍ଷତିଗ୍ରସ୍ତ ହୋଇଛି। ମୌସୁମୀ ବର୍ଷା ଯୋଗୁ ୮୮୬ କୋଟି ଟଙ୍କାର କ୍ଷତି ହୋଇଥିବା ରାଜ୍ୟ ଜରୁରିକାଳୀନ ଅପରେସନ ସେଣ୍ଟର(ସିଇଓସି) ରିପୋର୍ଟରେ କୁହାଯାଇଛି।

ରିପୋର୍ଟରେ ଜୁନ ୩୦ରୁ ଅଗଷ୍ଟ ୯ ମଧ୍ୟରେ ଲଗାଣ ବର୍ଷା, ଭୂସ୍ଖଳନ ଓ ଅନ୍ୟାନ୍ୟ ମୌସୁମୀ ଜନିତ ଅଘଟଣ ସମ୍ପର୍କରେ ଉଲ୍ଲେଖ କରାଯାଇଛି। ଏଥିରେ କୁହାଯାଇଛି ଯେ ଲଗାଣ ବର୍ଷା ଯୋଗୁ ହୋଇଥିବା ଭୂସ୍ଖଳନ ଓ ଅଚାନକ ବନ୍ୟା ଯୋଗୁ ୬୮ ଜଣ ପ୍ରାଣ ହରାଇଛନ୍ତି।ବର୍ଷା ବେଳେ ଘଟିଥିବା ସଡକ ଦୁର୍ଘଟଣା ଆଉ ୮୯ ଜଣଙ୍କ ଜୀବନ ନେଇଛି। ସେହିପରି ପ୍ରାୟ ୨୫୭ ଜଣ ବିଭିନ୍ନ ସ୍ଥାନରେ ନିଖୋଜ ହୋଇଯାଇଛନ୍ତି। ସେମାନଙ୍କ ପତ୍ତା ଏଯାଏ ମିଳି ନାହିଁ।

ପ୍ରକୃତରେ ଏଭଳି ଭୟଙ୍କର ରୂପରେ ତଳିତଳାନ୍ତ ହୋଇ ସାରିଥିବା ହିମାଚଳ ପ୍ରଦେଶକୁ ଏବେ ବି କୌଣସି ନିସ୍ତାର ମିଳିବାର ସମ୍ଭାବନା ନାହିଁ। କାରଣ ରାଜ୍ୟର ୫ଟି ଜିଲ୍ଲାକୁ ଭାରତୀୟ ପାଣିପାଗ ପ୍ରବଳ ବର୍ଷା ନେଇ ଅରେଞ୍ଜ ଆଲର୍ଟ ଜାରି କରିଛି। ବର୍ଷା ଜନିତ ବିପର୍ଯ୍ୟୟ ଯୋଗୁ ରାଜ୍ୟରେ ବିଜୁଳି ଯୋଗାଣ ମଧ୍ୟ ପ୍ରଭାବିତ ହୋଇଛି। କୁଲୁ ଓ ମଣ୍ଡି ଜିଲ୍ଲା ସବୁଠାରୁ ଅଧିକ ପ୍ରଭାବିତ ହୋଇଛନ୍ତି। ପ୍ରାୟ ଗୋଟିଏ ସପ୍ତାହରୁ ଅଧିକ ସମୟ ହେଲା ୧୬୧ଟି ବିତରଣ ଟ୍ରାନ୍ସଫରମର୍ସ(ଡିଆର) ଅଚଳ ହୋଇ ପଡିଛି। ମଣ୍ଡିରେ ଏହି ସଂଖ୍ୟା ୭୭ ଥିବା ବେଳେ ଶିମଲାରେ ୪୩ ଓ କୁଲୁର ୪୦ଟି ଡିଆର ଅକାମୀ ହୋଇଯାଇଛି।

ହିମାଚଳ ପ୍ରଦେଶରେ ଏହି ସମୟରେ ପ୍ରତିବର୍ଷ ଭଳି ଏଥର ମଧ୍ୟ ଲଗାଣ ବର୍ଷା ଜାରି ରହିଛି। ଏଥିଯୋଗୁ କୁଲୁର ବିଭିନ୍ନ ନଦୀ ଓ ଝରଣାରେ ହଠାତ୍ ଜଳସ୍ତର ବୃଦ୍ଧି ପାଇଛି। ଅବିଶ୍ରାନ୍ତ ବର୍ଷା ଯୋଗୁ ପାହାଡ଼ରୁ ବଡ଼ ବଡ଼ ଆବର୍ଜନା ଓ ମାଟି ଧସି ତଳକୁ ଖସୁଥିବା ବେଳେ ଅଚାନକ ବନ୍ୟାରେ କାର୍ ଓ ଅସ୍ଥାୟୀ ପୋଲଗୁଡ଼ିକ ଭାସିଯାଉଥିବା ଦେଖିବାକୁ ମିଳିଛି।



ଭୂସ୍ଖଳନ ଓ ପାହାଡ଼ ଧସିବା ଯୋଗୁ ହିମାଚଳର ପ୍ରାୟ ୨୫୯ଟି ରାସ୍ତା ବନ୍ଦ ହୋଇଯାଇଛି। ଏହା ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ମଣ୍ଡି-କୁଲୁ ଜାତୀୟ ରାଜପଥ ରହିଛି। ମଣ୍ଡି ସବୁଠାରୁ ଅଧିକ ପ୍ରଭାବିତ ହୋଇଛି। ଏଠାରେ ୧୨୦ଟି ରାସ୍ତା ବନ୍ଦ ରହିଛି। ଏହା ପରେ ଚମ୍ବାରେ ୪୨, କୁଲୁରେ ୪୦ ଓ ଶିମଲାରେ ୩୦ଟି ରାସ୍ତା ବନ୍ଦ ହୋଇଯାଇଛି।

କର୍ତ୍ତୃପକ୍ଷ କହିଛନ୍ତି ଯେ ରାସ୍ତାଗୁଡ଼ିକୁ ପୁଣି କାର୍ଯ୍ୟକ୍ଷମ କରିବା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ କାମ ଚାଲିଛି। କିନ୍ତୁ ପାହାଡ଼ିଆ ଅଞ୍ଚଳରେ ପୁଣି ଭୂସ୍ଖଳନ ଓ ପ୍ରବଳ ବର୍ଷା ମରାମତି କାର୍ଯ୍ୟରେ ବାଧା ସୃଷ୍ଟି କରୁଛି। ହିମାଚଳର ବିଭିନ୍ନ ଅଞ୍ଚଳରେ ପାନୀୟ ଜଳ ଯୋଗାଣ ମଧ୍ୟ ବ୍ୟାହତ ହୋଇଛି।

ସରକାରୀ ତଥ୍ୟ ଅନୁସାରେ, ୫୪ଟି ଜଳ ଯୋଗାଣ ବ୍ୟବସ୍ଥା ପ୍ରଭାବିତ ହୋଇଛି। ଶିମଲାରେ ସର୍ବାଧିକ ୩୩ଟି, ଚମ୍ବାରେ ୧୬ ଓ ହମୀରପୁରରେ ୫ଟି ଜଳ ଯୋଗାଣ ମାଧ୍ୟମ ଅଚଳ ହୋଇଯାଇଛି।

ଏପଟେ ଶିମଲା ସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କାଙ୍ଗ୍ରା, ମଣ୍ଡି, ହମୀରପୁର, ଶିମଲା ଓ ସିରମୌର ପାଇଁ ପ୍ରବଳ ବର୍ଷା ପାଇଁ ଅରେଞ୍ଜ ଆଲର୍ଟ ଜାରି କରିଛି। ଚମ୍ବା, କୁଲୁ, ସୋଲାନ ଓ ବିଲାସପୁରରେ ମଧ୍ୟମରୁ ପ୍ରବଳ ବର୍ଷାର ଆଶଙ୍କା ରହିଛି।

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅର୍ଥ ବିଭାଗର ସମୀକ୍ଷା

ଭୁବନେଶ୍ୱର, ୧୧।୮(ନି.ପ୍ର.): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନରେ ଅର୍ଥ ବିଭାଗର ସମୀକ୍ଷା କରି ରାଜସ୍ୱ ଆଦାୟ ବ୍ୟବସ୍ଥାକୁ ଆହୁରି ଦକ୍ଷ କରିବା ସହିତ ପୁଞ୍ଜି ଓ କାର୍ଯ୍ୟକ୍ରମ ବ୍ୟୟକୁ ଆହୁରି ବୃଦ୍ଧି କରିବା ନିମନ୍ତେ ପରାମର୍ଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟର ସାମଗ୍ରିକ ବିକାଶ ପାଇଁ ଏକ ଦକ୍ଷ ରାଜସ୍ୱ ଆଦାୟ ବ୍ୟବସ୍ଥାର ଆବଶ୍ୟକତା ଥିବା ବେଳେ ପୁଞ୍ଜି ଓ କାର୍ଯ୍ୟକ୍ରମ ଖର୍ଚ୍ଚକୁ ମଧ୍ୟ ବ୍ୟାପକ କରିବାର ଆବଶ୍ୟକତା ରହିଛି। ଏହାଦ୍ୱାରା ରାଜ୍ୟର ଅଭିବୃଦ୍ଧି ତ୍ୱରାନ୍ୱିତ ହୋଇପାରିବ।

ଅର୍ଥବିଭାଗ ପକ୍ଷରୁ ରାଜସ୍ୱ ପ୍ରାପ୍ତି ଓ ଖର୍ଚ୍ଚ ସମ୍ପର୍କରେ ଏକ ବିସ୍ତୃତ ଉପସ୍ଥାପନା ରଖାଯାଇଥିଲା। ବୈଠକରେ ଉପସ୍ଥାପିତ ହୋଇଥିବା ତଥ୍ୟ ଅନୁଯାୟୀ ରାଜ୍ୟ ସରକାରଙ୍କ ବିଭିନ୍ନ ସୂତ୍ରରୁ ମିଳୁଥିବା ରାଜସ୍ୱରେ କେନ୍ଦ୍ର ସରକାରଙ୍କ ଅନୁଦାନ ୧୦%, କେନ୍ଦ୍ରୀୟ ଟିକସରେ ଅଂଶ ୩୧%, ନିଜସ୍ୱ ଟିକସ ରାଜସ୍ୱ ୩୧% ଏବଂ ନିଜସ୍ୱ ଅଣରାଜସ୍ୱ ଟିକସ ୨୮%।



ଚଳିତ ଆର୍ଥିକ ବର୍ଷ ଜୁଲାଇ ସୁଦ୍ଧା ବିଭିନ୍ନ ସୂତ୍ରରୁ ସମୁଦାୟ ରାଜସ୍ୱ ଆଦାୟ ୬୧,୫୯୩ କୋଟି ଟଙ୍କା ଥିବା ବେଳେ ଗତ ଆର୍ଥିକ ବର୍ଷର ଏହି ସମୟ ସୁଦ୍ଧା ରାଜସ୍ୱ ଆଦାୟ ତୁଳନାରେ ଏହା ହେଉଛି ୭.୩% ଅଧିକ। ସେହିପରି, ଚଳିତ ବର୍ଷର ଜୁଲାଇ ସୁଦ୍ଧା ରାଜ୍ୟର ସମୁଦାୟ ନିଜସ୍ୱ ରାଜସ୍ୱ ପୂର୍ବ ବର୍ଷ ଜୁଲାଇ ଅପେକ୍ଷା ୧୧.୯% ଅଧିକ ରହିଛି। ରାଜ୍ୟର ସମୁଦାୟ ନିଜସ୍ୱ ଟିକସ ରାଜସ୍ୱ ମଧ୍ୟ ଜୁଲାଇ ସୁଦ୍ଧା ପୂର୍ବ ବର୍ଷ ଅପେକ୍ଷା ୯.୩% ଅଧିକ ରହିଛି, ଏବଂ ଅଣଟିକସ ରାଜସ୍ୱ ପୂର୍ବ ବର୍ଷ ଜୁଲାଇ ଅପେକ୍ଷା ୧୪.୮% ଅଧିକ ରହିଛି। ରାଜସ୍ୱ ଆଦାୟରେ ଅଭିବୃଦ୍ଧି ହାର ଉତ୍ତମ ଥିବା ସହିତ କାର୍ଯ୍ୟକ୍ରମ ବ୍ୟୟ ଓ ପୁଞ୍ଜି ଖର୍ଚ୍ଚ ମଧ୍ୟ ପୂର୍ବ ବର୍ଷ ଅପେକ୍ଷା ବୃଦ୍ଧି ପାଇଛି। ଚଳିତ ଆର୍ଥିକ ବର୍ଷ ଜୁଲାଇ ସୁଦ୍ଧା କାର୍ଯ୍ୟକ୍ରମ ବ୍ୟୟ ପୂର୍ବ ବର୍ଷର ଏହି ସମୟ ସୁଦ୍ଧା କାର୍ଯ୍ୟକ୍ରମ ବ୍ୟୟ ଠାରୁ ୧୯.୧% ଅଧିକ ରହିଛି। ସେହିପରି, କ୍ୟାପେକ୍ସ ବା ପୁଞ୍ଜିବ୍ୟୟ ମଧ୍ୟ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି।

୨୦୨୬ ଜୁଲାଇ ଶେଷ ସୁଦ୍ଧା ମୋଟ ପୁଞ୍ଜିଗତ ବ୍ୟୟ ୧୧,୩୦୦ କୋଟି ଟଙ୍କା ଥିବାବେଳେ ଗତ ବର୍ଷ ଜୁଲାଇ ସୁଦ୍ଧା ଏହି ପରିମାଣ ୯,୩୯୯ କୋଟି ଟଙ୍କା ଥିଲା। ସମୁଦାୟ କ୍ୟାପେକ୍ସ ଖର୍ଚ୍ଚ ଜୁଲାଇ ସୁଦ୍ଧା ଗତ ବର୍ଷ ତୁଳନାରେ ୨୦.୨% ବୃଦ୍ଧି ପାଇଛି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୨୦୩୬ ସୁଦ୍ଧା ସମୃଦ୍ଧ ଓଡିଶା ଗଠନର ଲକ୍ଷ୍ୟ ନେଇ ରାଜ୍ୟ ସରକାର ଅନେକ ଯୋଜନା ପ୍ରସ୍ତୁତ କରୁଛନ୍ତି। ଏଥିପାଇଁ ଭିତ୍ତିଭୂମି କ୍ଷେତ୍ରରେ ବ୍ୟାପକ ବିନିଯୋଗର ଆବଶ୍ୟକତା ରହିଛି। ରାଜସ୍ୱ ଆଦାୟ ଏବଂ କାର୍ଯ୍ୟକ୍ରମ ଓ ପୁଞ୍ଜିବ୍ୟୟ ପୂର୍ବ ବର୍ଷ ଅପେକ୍ଷା ଅଧିକ ଥିଲେ ମଧ୍ୟ ଏଥିରେ ଆହୁରି ଉନ୍ନତି ଆଣିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏଣୁ ରାଜସ୍ୱ ଆଦାୟ ବ୍ୟବସ୍ଥାକୁ ଆହୁରି ଦକ୍ଷ କରିବା ସହିତ କ୍ୟାପେକ୍ସ'ରେ ଯେପରି ଅଧିକ ବ୍ୟୟ ହେବ, ସେଥିପ୍ରତି ବିଭିନ୍ନ ବିଭାଗ ଆହୁରି ତ୍ୱରାନ୍ୱିତ ଭାବେ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଅର୍ଥବିଭାଗ ପକ୍ଷରୁ ବିଭାଗୀୟ ପ୍ରମୁଖ ସଚିବ ଶ୍ରୀ ସଞ୍ଜୀବ ମିଶ୍ର ତଥ୍ୟ ଉପସ୍ଥାପନ କରିଥିଲେ। ଏହି ବୈଠକରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଉନ୍ନୟନ କମିଶନର ଶ୍ରୀ ଡି.କେ ସିଂହ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଶାଶ୍ୱତ ମିଶ୍ର, ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ଶ୍ରୀମତୀ ଯାମିନୀ ଷଡଙ୍ଗୀ ଏବଂ ଅର୍ଥ ବିଭାଗର ବରିଷ୍ଠ ଅଧିକାରୀଗଣ ଉପସ୍ଥିତ ଥିଲେ।

# ପ୍ରତ୍ୟେକ ନିଖୋଜ ବ୍ୟକ୍ତିଙ୍କ ପାଇଁ ଏତଲା ରୁଜୁ କରିବା ବାଧ୍ୟତାମୂଳକ

ନୂଆଦିଲ୍ଲୀ, ୧୧।୮(ନି.ପ୍ର.): ଯେକୌଣସି ବ୍ୟକ୍ତି ନିଖୋଜ ହେବା ମାତ୍ରେ ତୁରନ୍ତ ଏତଲା ରୁଜୁ କରିବାପାଇଁ ଆଜି ସୁପ୍ରିମକୋର୍ଟ ସମସ୍ତ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ଗୁଡିକୁ ନିର୍ଦ୍ଦେଶ ଦେଇଛନ୍ତି। କିଛି ରାଜ୍ୟ ଏସଂକ୍ରାନ୍ତରେ ସୁପ୍ରିମକୋର୍ଟ ପୂର୍ବରୁ ଦେଇଥିବା ନିର୍ଦ୍ଦେଶ କେବଳ ନିଖୋଜ ଶିଶୁଙ୍କ କ୍ଷେତ୍ରରେ ଲାଗୁ ବୋଲି ଭାବିଥିବା ଜାଣି କୋର୍ଟ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ନିଖୋଜ ବ୍ୟକ୍ତି, ମାନବ ଚାଲାଣ ଏବଂ ପୀଡ଼ିତଙ୍କୁ ଉଦ୍ଧାର ଓ ପୁନଃ ଥଇଥାନ ପାଇଁ ସମଗ୍ର ଭାରତରେ ଏକ ସମନ୍ୱିତ ବ୍ୟବସ୍ଥା ପ୍ରତିଷ୍ଠା କରିବା ଦିଗରେ ଚାଲିଥିବା ପ୍ରକ୍ରିୟାର ଅଂଶ ଭାବେ ସୁପ୍ରିମକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ ଅହସାନୁଦ୍ଦିନ ଅମାନୁଲ୍ଲାହ ଏବଂ ଜଷ୍ଟିସ୍ ଆର୍ ମହାଦେବନଙ୍କ ଖଣ୍ଡପୀଠ କହିଛନ୍ତି, ମେ' ୨୨ ତାରିଖରେ କୋର୍ଟ ଏନେଇ ଯେଉଁ ନିର୍ଦ୍ଦେଶ ଦେଇଥିଲେ ତାହା ପାଳନ କରିବାରେ ବିଫଳ ହୋଇଥିବା ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ସଚିବ ଏବଂ ପୁଲିସ୍ ମହାନିର୍ଦ୍ଦେଶକଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ଚାଲିବ ଏବଂ ସେମାନଙ୍କୁ ବ୍ୟକ୍ତିଗତ ଭାବେ କୋର୍ଟରେ ହାଜର ହୋଇ ଏହି ତ୍ରୁଟି ଉପରେ ଜବାବ ରଖିବାକୁ ପଡିବ।



ନିଖୋଜ ବ୍ୟକ୍ତିଙ୍କ ମାମଲାରେ କୋର୍ଟ ଗତ ୫ ତାରିଖରେ ଏହି ରାୟ ଦେଇଥିଲେ ଯାହା ସୋମବାର ପ୍ରକାଶ ପାଇଛି। ରାୟରେ ଖଣ୍ଡପୀଠ କହିଛନ୍ତି, କିଛି ରାଜ୍ୟ ଭାବିଛନ୍ତି ଯେ 'ବ୍ୟକ୍ତି' ଶବ୍ଦ କେବଳ ଶିଶୁଙ୍କୁ ବୁଝାଏ ଏବଂ ବୟସ୍କଙ୍କୁ ନୁହେଁ। ଏପରି ରାଜ୍ୟଗୁଡ଼ିକ ଜାଣିଶୁଣି ଓ ଦୁର୍ଭାବନାପୂର୍ଣ୍ଣ ଭାବେ ଏହି ଭ୍ରାନ୍ତି ସୃଷ୍ଟି କରିଛନ୍ତି। ପୂର୍ବ ନିର୍ଦ୍ଦେଶରେ କୌଣସି ଅସ୍ପଷ୍ଟତା ନଥିବା ସ୍ପଷ୍ଟ କରି ଖଣ୍ଡପୀଠ କହିଛନ୍ତି, 'ଆମର ପୂର୍ବ ଆଦେଶର ଭାଷା ସ୍ପଷ୍ଟ ଏବଂ ଏଥିରେ କୌଣସି ଅସ୍ପଷ୍ଟତା ନାହିଁ। 'ବ୍ୟକ୍ତି' ଶବ୍ଦର ଅର୍ଥ ହେଉଛି ବୟସ କିମ୍ବା ଲିଙ୍ଗ ନିର୍ବିଶେଷରେ ପ୍ରତ୍ୟେକ ବ୍ୟକ୍ତି। ଯଦି କୌଣସି ରାଜ୍ୟ କିମ୍ବା କେନ୍ଦ୍ରଶାସିତ ଅଞ୍ଚଳ ମେ' ୨୨ ତାରିଖର ଆଦେଶକୁ 'ଏହାର ପ୍ରକୃତ ଅର୍ଥ ଓ ଉଦ୍ଦେଶ୍ୟ' ଅନୁଯାୟୀ ପାଳନ କରିନଥାଏ, ତେବେ ସମ୍ପୃକ୍ତ ମୁଖ୍ୟ ସଚିବ ଓ ଡିଜିପିଙ୍କୁ ଅଦାଲତ ଅବମାନନା ନୋଟିସ୍ ଜାରି କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ଦୁଇ ଅଧିକାରୀଙ୍କୁ ବ୍ୟକ୍ତିଗତ ଭାବେ କୋର୍ଟରେ ହାଜର ହୋଇ, ସେମାନଙ୍କ ବିରୋଧରେ କାହିଁକି ଅଦାଲତ ଅବମାନନା ମାମଲା ଚାଲିବ ନାହିଁ ଏବଂ ଜାଣିଶୁଣି ଅବଜ୍ଞା ଓ ଆଦେଶ ଅନୁପାଳନ ନକରିବା ପାଇଁ କାହିଁକି ଦଣ୍ଡ ଦିଆଯିବ ନାହିଁ, ସେ ସମ୍ପର୍କରେ ସତ୍ୟପାଠ ଦାଖଲ କରିବାକୁ ପଡ଼ିବ। ଉଲ୍ଲେଖଯୋଗ୍ୟ ସୁପ୍ରିମକୋର୍ଟଙ୍କ ମେ' ୨୨ ତାରିଖ ନିର୍ଦ୍ଦେଶ ଅନୁଯାୟୀ କୌଣସି ବ୍ୟକ୍ତି ନିଖୋଜ ହୋଇଥିବା ସୂଚନା ମିଳିଲେ ସମସ୍ତ ରାଜ୍ୟକୁ ଏତଲା ରୁଜୁ କରିବାକୁ ପଡ଼ିବ। କୋର୍ଟ ସ୍ପଷ୍ଟ ଭାବେ ପ୍ରତ୍ୟେକ ଥାନାକୁ ନିର୍ଦ୍ଦେଶ ଦେଇଥିଲେ ଯେ, 'କୌଣସି ବ୍ୟକ୍ତି ନିଖୋଜ'ସୂଚନା ମିଳିବାମାତ୍ରେ ତୁରନ୍ତ ଏତଲା ରୁଜୁ କରାଯିବ। ପ୍ରାଥମିକ ତଦନ୍ତ ଶେଷ ହେବା ପର୍ଯ୍ୟନ୍ତ କିମ୍ବା ପରିବାରକୁ ପ୍ରଥମେ ନିଖୋଜ ବ୍ୟକ୍ତିଙ୍କୁ ଖୋଜିବାକୁ କହି ଅପେକ୍ଷା କରାଯିବ ନାହିଁ। ନିଖୋଜ ବ୍ୟକ୍ତି, ମାନବ ଚାଲାଣ ଏବଂ ପୀଡ଼ିତଙ୍କୁ ଉଦ୍ଧାର ଓ ପୁନଃସ୍ଥାପନ ପାଇଁ ସମଗ୍ର ଭାରତରେ ଏକ ସମନ୍ୱିତ ବ୍ୟବସ୍ଥା ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ ଚାଲିଥିବା ପ୍ରକ୍ରିୟାର ଅଂଶ ଭାବେ ସୁପ୍ରିମକୋର୍ଟ ଏହି ନିର୍ଦ୍ଦେଶ ଦେଇଥିଲେ।

### ଓଡ଼ିଶା ପୁଲିସ ଡିଜି ଚୟନ ବିବାଦ

# ଆଜି ଶୁଣାଣି, କାହିଁକି ବାରମ୍ବାର ବଦଳିଛି ନିଷ୍ପତ୍ତି

ଭୁବନେଶ୍ୱର, ୧୧।୮(ନି.ପ୍ର.): ରାଜ୍ୟର ପରବର୍ତ୍ତୀ ପୁଲିସ ମୁଖିଆ(ଡିଜିପି) ଚୟନ ପ୍ରକ୍ରିୟାକୁ ନେଇ ବିବାଦ ଆଜି ସୁପ୍ରିମକୋର୍ଟ ପହଂଚିଛି। ସୁପ୍ରିମକୋର୍ଟଙ୍କ ପୂର୍ବ ନିର୍ଦ୍ଦେଶକୁ ଅଣଦେଖା କରି ଓଡିଶା ସରକାର ଅଯୋଗ୍ୟ ଅଫିସରଙ୍କୁ ସୁପାରିଶ ପ୍ୟାନେଲରେ ସାମିଲ ପାଇଁ ଉଦ୍ୟମ କରୁଥିବା ଅଭିଯୋଗରେ ଦାଖଲ ହୋଇଥିବା ରିଟ୍ ପିଟିସନ୍‌କୁ ଆଜି ଗ୍ରହଣ କରି ଆସନ୍ତାକାଲି (ବୁଧବାର) ଜରୁରୀ ଶୁଣାଣି କରିବା ପାଇଁ ସମ୍ମତି ଦେଇଛନ୍ତି।

ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ୩ଜଣିଆ ଖଣ୍ଡପୀଠ ଏହି ମାମଲାରେ ୟୁପିଏସସି ଓ ଓଡିଶା ସରକାରଙ୍କୁ ନୋଟିସ୍ ଜାରି କରିଥିବା ଜଣାପଡିଛି। ଏପଟେ ରାଜ୍ୟ ସରକାର ପୁଲିସ ଡିଜି ଚୟନ ନିମନ୍ତେ ମେ' ୧୪ତାରିଖରେ ୟୁପିଏଏସିଙ୍କୁ ଦେଇଥିବା ୧୧ଜଣିଆ ବରିଷ୍ଠ ଆଇପିଏସଙ୍କ ତାଲିକାରେ କାହିଁକି ଶେଷ ମୁହୂର୍ତ୍ତରେ(ଅଗଷ୍ଟ ୭ରେ ବୈଠକ ଦିନ) ପରିବର୍ତ୍ତନ କରିବାକୁ ଚାହିଁଲେ ଓ ଏଥିପାଇଁ ସରକାରଙ୍କୁ କିଏ ପରାମର୍ଶ ଦେଲା ତାହା ଏବେ ପାୱାର କରିଡରରେ ଚର୍ଚ୍ଚାର ବିଷୟ ପାଲଟିଛି।

ଆବେଦନକାରୀ ବାଲେଶ୍ୱର ଜିଲ୍ଲାର ଜୟନ୍ତ ଦାସଙ୍କ ପକ୍ଷରୁ ବରିଷ୍ଠ ଓକିଲ ପି.ଚିଦାମ୍ବରମ୍ ଆଜି ସୁପ୍ରିମକୋର୍ଟରେ ପକ୍ଷ ରଖି ଅଭିଯୋଗ କରିଥିଲେ ଯେ, ରାଜ୍ୟ ସରକାର ପୂର୍ବରୁ ୟୁପିଏସସି ନିକଟକୁ ପଠାଇଥିବା ଆଇପିଏସ୍ ଅଫିସରଙ୍କ ତାଲିକାକୁ ପ୍ରତ୍ୟାହାର କରିନେଇଛନ୍ତି। ଏବେ ଅତିରିକ୍ତ ଡିଜି ପାହ୍ୟାର ଅଫିସରଙ୍କୁ ପଦୋନ୍ନତି ଦେଇ ଡିଜିପି ପଦବୀକୁ ଆଣିବା ଓ ତାଙ୍କୁ ସୁପାରିସ ତାଲିକାରେ ପୂରାଇବା ପାଇଁ ବେଆଇନ ଉଦ୍ୟମ କରୁଛନ୍ତି। ଯାହାକି ପ୍ରକାଶ ସିଂହ ମାମଲାରେ ସୁପ୍ରିମକୋର୍ଟ ଦେଇଥିବା ଐତିହାସିକ ନିର୍ଦ୍ଦେଶାବଳୀର ସ୍ପଷ୍ଟ ଉଲ୍ଲଂଘନ ବୋଲି ସେ ଯୁକ୍ତି ବାଢ଼ିଥିଲେ।

ସେ ଆହୁରି ମଧ୍ୟ କହିଥିଲେ ଯେ, ଗତ ଏପ୍ରିଲ ମାସରେ ରାଜ୍ୟ ସରକାର ପ୍ରଥମେ ୟୁପିଏସସି ନିକଟକୁ ଏକ ତାଲିକା ପଠାଇଥିଲେ ମଧ୍ୟ ତାକୁ ଆପଣାଛାଏଁ ଫେରାଇ ନେଇଥିଲେ। ପରେ ମଇ ମାସରେ ୩ଜଣ ଡିଜି ପାହ୍ୟାର ଅଫିସର ଓ ଅନ୍ୟ ୮ ଜଣ ଅତିରିକ୍ତ ଡିଜିଙ୍କୁ ମିଶାଇ ମୋଟ ୧୧ ଜଣିଆ ପ୍ୟାନେଲ୍ ୟୁପିଏସସିଙ୍କୁ ପଠାଇଥିଲେ। ଅଗଷ୍ଟ ୭ ତାରିଖରେ ୟୁପିଏସସି ବୈଠକ କରି ଡିଜିପି ପଦବୀ ନିମନ୍ତେ ୩ ଜଣ ଅଫିସରଙ୍କ ନାମ ଚୂଡାନ୍ତ କରିବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ ଆୟୋଗ କେବଳ ଡିଜିପିସ୍ତରର ଯୋଗ୍ୟ ଅଫିସରଙ୍କ ନାମ ବିଚାର କରିବେ ବୋଲି ସ୍ପଷ୍ଟ କରିବା ପରେ ରାଜ୍ୟ ସରକାର ସେହି ତାଲିକାକୁ ମଧ୍ୟ ପ୍ରତ୍ୟାହାର କରି ନୂଆ ତାଲିକା ଗଢ଼ିବାକୁ ଚେଷ୍ଟା କରୁଛନ୍ତି ବୋଲି ଚିଦାମ୍ବରମ୍ ଆଜି କୋର୍ଟଙ୍କୁ ଅବଗତ କରିଥିଲେ।ଏହି ସମସ୍ତ ଯୁକ୍ତି ଶୁଣିବା ପରେ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ କହିଥିଲେ ଯେ, କେଉଁ ଅଫିସର ଯୋଗ୍ୟ ଓ କାହା ନାଁ ବିଚାର କରାଯାଇପାରିବ, ସେ ନେଇ ୟୁପିଏସସି ସମ୍ପୂର୍ଣ୍ଣ ଅବଗତ ଅଛି। ଯଦି ଅଯୋଗ୍ୟ ଅଫିସରଙ୍କ ନାମ ପଠାଯାଏ, ତେବେ ସୁପ୍ରିମକୋର୍ଟଙ୍କ ପୂର୍ବନିର୍ଦ୍ଦେଶ ଅନୁସାରେ ୟୁପିଏସସି କାର୍ଯ୍ୟ କରିବେ। ନିୟମାନୁସାରେ, ଲେଭଲ-୧୬ରେ ଥିବା ଡିଜିପି ପାହ୍ୟାର ଅଫିସରଙ୍କ ମଧ୍ୟରୁ ହିଁ ଶୀର୍ଷ ଲେଭଲ-୧୭ (ଡିଜିପି ପଦବୀ) ପାଇଁ ଚୟନ କରାଯାଏ। କମସଂଖ୍ୟକ ଯୋଗ୍ୟ ଅଫିସର ଅଛନ୍ତି ଦର୍ଶାଇ ନିୟମ ଭାଙ୍ଗିବାର କୌଣସି ଅଧିକାର ରାଜ୍ୟ ସରକାରଙ୍କର ନାହିଁ ବୋଲି ସୁପ୍ରିମକୋର୍ଟ ପୂର୍ବରୁ ମଧ୍ୟ ସ୍ପଷ୍ଟ କରିସାରିଛନ୍ତି। ଖଣ୍ଡପୀଠ ପ୍ରଥମେ ୟୁପିଏସସିଙ୍କ ପକ୍ଷ ଶୁଣିବାକୁ ଚାହୁଁଥିବା ମଧ୍ୟ କହିଛନ୍ତି।

### ସୁଭାଷ ଚନ୍ଦ୍ର ବୋଷଙ୍କ ଝିଅ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ

ନୂଆଦିଲ୍ଲୀ, ୧୧।୮(ନି.ପ୍ର.): ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଝିଅ ଅନିତା ବୋଷ ଫାଫ୍ ଜାପାନର ଟୋକିଓସ୍ଥିତ ରେଙ୍କଜି ମନ୍ଦିରରୁ ତାଙ୍କ ଚିତାଭସ୍ମ ଫେରାଇ ଆଣିବା ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କେନ୍ଦ୍ର ସରକାର, ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏବଂ ଗୃହ ମନ୍ତ୍ରଣାଳୟକୁ ନୋଟିସ୍ ଜାରି କରିଛନ୍ତି। ଶୁଣାଣି ସମୟରେ ବରିଷ୍ଠ ଆଇନଜୀବୀ ଏଏମ୍ ସିଂଘଭି କହିଛନ୍ତି ଯେ ଏହା ଏପରି ଏକ ମାମଲା ଯେଉଁଥିରେ ନେତାଜୀଙ୍କ ଝିଅ ବ୍ୟକ୍ତିଗତ ଭାବରେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଜଷ୍ଟିସ୍ ଜୟମାଲ୍ୟ ବାଗଚୀ କହିଥିଲେ ଯେ କେନ୍ଦ୍ର ସରକାରଙ୍କୁ ପ୍ରଥମେ ଜବାବ ଦେବାକୁ ଅନୁମତି ଦିଆଯିବା ଉଚିତ୍। ଏହାପରେ ସିଜେଆଇନୋଟିସ୍ ଜାରି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପୂର୍ବରୁ, ମାର୍ଚ୍ଚ ୨୦୨୬ ରେ, ସୁପ୍ରିମକୋର୍ଟ ନେତାଜୀଙ୍କ ପୁତୁରାଙ୍କ ପୁଅ ଆଶିଷ ରାୟଙ୍କ ଦ୍ୱାରା ଦାୟର ଏକ ଜନହିତକର ଆବେଦନର ଶୁଣାଣି କରିବାକୁ ମନା କରିଦେଇଥିଲେ।

# ବଜ୍ରାଘାତରେ ୪ ମୃତ, ୪ ଗୁରୁତର

ଭୁବନେଶ୍ୱର, ୧୧।୮(ନି.ପ୍ର.): ସୁନ୍ଦରଗଡ ଜିଲ୍ଲାର ଦୁଇଟି ପୃଥକ ପୃଥକ ଥାନାଞ୍ଚଳରେ ବଜ୍ରାଘାତରେ ୪ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୪ ଜଣ ଗୁରୁତର ଆହତ ହୋଇଛନ୍ତି। ଜିଲ୍ଲାର ତଲସରା ଥାନା ଅନ୍ତର୍ଗତ ବାଲିଶଙ୍କରା ଚାନ୍ଦନୀମାଲରେ ମଙ୍ଗଳବାର ଅପରାହ୍ନରେ ବଜ୍ରପାତରେ ୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଗୁରୁତର ଆହତ ହୋଇଛନ୍ତି।

ମୃତକ ଦ୍ୱୟ ହେଉଛନ୍ତି, ଚମ୍ପା ତିର୍କୀ (୭୦) ଓ ସୁଶୀଳା ତିର୍କୀ (୪୯)। ଗୁରୁତର ଆହତମାନେ ହେଉଛନ୍ତି, ସବା ତିର୍କୀ (୬୦), ଫୁଲକି ବାଡା ଓ ସରସ୍ୱତୀ ତିର୍କୀ। ମୃତାହତମାନେ ଛତିଶଗଡର ଯଶପୁର ଜିଲ୍ଲା ତୁମଲା ଥାନା ଅନ୍ତର୍ଗତ ବରଡିହି ଗ୍ରାମର। ସେମାନେ ଧାନ ରୋଇବା ପାଇଁ ବାଲିଶଙ୍କରା ଚାନ୍ଦନୀମାଲକୁ ଆସିଥିଲେ। ସେମାନେ ବିଲରେ କାମ କରୁଥିବା ବେଳେ ବଜ୍ରପାତ ହୋଇଥିଲା।

ବଜ୍ରାଘାତରେ ଏହି ୫ ଜଣ ଗୁରୁତର ଆହତ ହୋଇ ଜମିରେ ପଡିଥିଲେ। ଖବର ପାଇ ବାଲିଶଙ୍କରା ଗ୍ରାମର ଜଗଦୀଶ ନାଏକ, ନବୀନ କୁଜୁର, ଶରତ ସାଏ, ବିନୋଦ ଛତ୍ରିଆ ଓ ଚିତ୍ତରଞ୍ଜନ ନାଗ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେମାନେ ସମସ୍ତଙ୍କୁ ଉଦ୍ଧାର କରି ସବଡେଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଯାଞ୍ଚ କରିବା ପରେ ଚମ୍ପା ତିର୍କୀ ଓ ସୁଶୀଳା ତିର୍କୀଙ୍କୁ ମୃତ ଘୋଷଣା କରିଥିଲେ ଡାକ୍ତର। ଗୁରୁତର ଆହତମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ସୁନ୍ଦରଗଡ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

ସେହିପରି ବଜ୍ରାଘାତରେ ଜିଲ୍ଲାର ବଣାଇ ଥାନା ଅନ୍ତର୍ଗତ ଇନ୍ଦ୍ରପୁର ଗାଁରେ ୨ ଜଣ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ଝିର୍‌ଡାପାଲି ଗ୍ରାମରେ ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଆହତଙ୍କୁ ବଣାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମୃତକ ଦ୍ୱୟ ହେଉଛନ୍ତି, ସୁନୀତା ଓରାମ (୩୫) ଓ ଦ୍‌ରୌପଦୀ କିଷାନ (୮୩)। ଏହି ଦୁଇ ଜଣଙ୍କ ସମେତ ଇନ୍ଦ୍ରପୁର ଗାଁର ଆଉ କିଛି ମହିଳା ବିଲରେ କାମ କରୁଥିବା ବେଳେ ବଜ୍ରପାତ ହୋଇଥିଲା। ସୁନୀତା ଓ ଦ୍‌ରୌପଦୀଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ବଜ୍ରାଘାତରେ ଗୁରୁତର ଆହତ ହୋଇଥିବା ଝିର୍‌ଡାପାଲି ଗ୍ରାମର ଉକ୍ତ ମହିଳାଙ୍କୁ ପ୍ରଥମେ ବଣାଇ ଡାକ୍ତରଖାନାକୁ ନିଆଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ରାଉରକେଲା ସ୍ଥାନାନ୍ତର କରାଯାଇଛି।

### କଲମ୍ବିଆ ଭୂମିକମ୍ପରେ ଭୟଙ୍କର କ୍ଷତି; ଏପର୍ଯ୍ୟନ୍ତ ୧୩୨ ଜଣଙ୍କ ମୃତ୍ୟୁ

ବୋଗୋଟା, ୧୧।୮: ରିକ୍ଟର ସ୍କେଲରେ ୭.୪ ତୀବ୍ରତାର ଏକ ଶକ୍ତିଶାଳୀ ଭୂମିକମ୍ପ କଲମ୍ବିଆରେ ବ୍ୟାପକ କ୍ଷୟକ୍ଷତି ଘଟାଇଛି। ଏପର୍ଯ୍ୟନ୍ତ ୧୩୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୫୭୦ରୁ ଅଧିକ ଆହତ ହୋଇଥିବା ସୂଚନା ମିଳିଛି। ଭୂମିକମ୍ପରେ ୧,୫୭୫ ଘର କ୍ଷତିଗ୍ରସ୍ତ ହୋଇଛି ଏବଂ ଡଜନ ଡଜନ ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ୬୧ ଟି କୋଠା ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଅନେକ ଲୋକ ଭଗ୍ନାବଶେଷ ତଳେ ଫସି ରହିଥିବା ଆଶଙ୍କା କରାଯାଉଛି। ପଶ୍ଚିମ କଲମ୍ବିଆର ପ୍ରଭାବିତ ଅଞ୍ଚଳରେ ରିଲିଫ ଏବଂ ଉଦ୍ଧାର କାର୍ଯ୍ୟ ଜାରି ରହିଛି, ଦଳଗୁଡ଼ିକ ଭଗ୍ନାବଶେଷରେ ଫସି ରହିଥିବା ଲୋକଙ୍କୁ ଖୋଜୁଛନ୍ତି। କଲମ୍ବିଆରେ ୭.୪ ତୀବ୍ରତାର ଶକ୍ତିଶାଳୀ ଭୂମିକମ୍ପ ଆସିବାର ଗୋଟିଏ ଦିନ ପରେ ରିଲିଫ ଏବଂ ଉଦ୍ଧାର କାର୍ଯ୍ୟକୁ ଜୋରଦାର କରାଯାଇଛି।

# ନୂଆ ଖଣି ଆଇନ: ରାଜ୍ୟ କ୍ଷମତା ଦୁର୍ବଳ

ନୂଆଦିଲ୍ଲୀ, ୧୧।୮(ନି.ପ୍ର.): ଖଣି ଓ ଖଣିଜ ନିୟମରେ ସଂଶୋଧନ ପାଇଁ କେନ୍ଦ୍ର ସରକାର ସୋମବାର ଲୋକ ସଭାରେ ଏକ ବିଲ୍ ଆଗତ କରିଛନ୍ତି, ଯାହାଦ୍ୱାରା ରାଜ୍ୟ ସରକାରମାନେ ଖଣିଜ ଅଧିକାର ଉପରେ ଆଉ କୌଣସି ଅତିରିକ୍ତ ଟିକସ ଲଗାଇ ପାରିବେ ନାହିଁ। ବିରୋଧୀ ଦଳର ପ୍ରବଳ ହଟ୍ଟଗୋଳ ମଧ୍ୟରେ କୋଇଲା ଓ ଖଣିମନ୍ତ୍ରୀ ଜି. କିଷାନ ରେଡ୍ଡୀ ଏହି 'ଖଣି ଓ ଖଣିଜ (ବିକାଶ ଓ ନିୟନ୍ତ୍ରଣ) ସଂଶୋଧନ ବିଲ୍, ୨୦୨୬' ଉପସ୍ଥାପନ କରିଛନ୍ତି।

ଏହି ନୂତନ ସଂଶୋଧନ ଜରିଆରେ କେନ୍ଦ୍ର ସରକାର ଖଣିଜ ପଦାର୍ଥ ଥିବା ସମସ୍ତ ଜମିର ନିୟନ୍ତ୍ରଣ ଓ ସେ ସମ୍ପର୍କିତ ନିୟମାବଳୀକୁ ନିଜ ଅଧୀନକୁ ନେବାକୁ ଚାହୁଁଛନ୍ତି। ଫଳରେ ରାଜ୍ୟ ସରକାରମାନେ ଖଣିଜ ପଦାର୍ଥ, ଏହାର ମୂଲ୍ୟ କିମ୍ବା ରୟାଲଟି ଆଧାରରେ କୌଣସି ପ୍ରକାରର ଟ୍ୟାକ୍ସ, ସେସ୍ ? କିମ୍ବା ଅନ୍ୟ କୌଣସି ଶୁଳ୍କ ଆଦାୟ କରିପାରିବେ ନାହିଁ। କେବଳ କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ନିୟମ ଅନୁସାରେ ହିଁ କଟକଣା ଲାଗୁ ହେବ। ବିଲ୍ ?ର ବ୍ୟବସ୍ଥା ଅନୁଯାୟୀ, ସଂଶୋଧନ ଆଇନ ଲାଗୁ ହେବା ପୂର୍ବରୁ ଯଦି କୌଣସି ଟ୍ୟାକ୍ସ ବା ସେସ୍ ? ରାଜ୍ୟ ସରକାରଙ୍କ ପାଖରେ ଜମା ହୋଇନାହିଁ କିମ୍ବା ଆଦାୟ କରାଯାଇ ନାହିଁ, ତେବେ ତାହାକୁ ସମ୍ପୂର୍ଣ୍ଣ ରୂପେ



ଅବୈଧ ଘୋଷଣା କରାଯିବ। କେହି ବି ସେହି ବାକିଆ ଅର୍ଥ ରାଜ୍ୟକୁ ଦେବାକୁ ବାଧ୍ୟ କରିବେ ନାହିଁ। କିନ୍ତୁ ଯେଉଁ ଟ୍ୟାକ୍ସ ପୂର୍ବରୁ ଆଦାୟ ହୋଇ ସାରିଛି, ତାହା ରାଜ୍ୟ ସରକାର କମ୍ପାନୀଗୁଡ଼ିକୁ ଫେରସ୍ତ କରିବେ ନାହିଁ।

ଖଣିମନ୍ତ୍ରୀ କହିଛନ୍ତି, ଏହି ସଂଶୋଧନ ଦ୍ୱାରା ଦେଶର ଖଣି କ୍ଷେତ୍ରରେ ସ୍ଥିରତା ଓ ସ୍ୱଚ୍ଛତା ଆସିବ, ଯାହା 'ଆତ୍ମନିର୍ଭର ଭାରତ' ଏବଂ 'ବିକଶିତ ଭାରତ ୨୦୪୭'ର ଲକ୍ଷ୍ୟ ହାସଲ କରିବାରେ ସାହାଯ୍ୟ କରିବ। ଅଲଗା ଅଲଗା ରାଜ୍ୟରେ ଅତ୍ୟଧିକ ଟିକସ ଯୋଗୁ ସ୍ଥାନୀୟ ଖଣିଜପଦାର୍ଥ ମହଙ୍ଗା ହେଉଥିଲା। ଫଳରେ ଶିଳ୍ପଗୁଡ଼ିକ ବିଦେଶରୁ ଆମଦାନୀ ଉପରେ ନିର୍ଭର କରୁଥିଲେ। ସେ ଆହୁରି ମଧ୍ୟ କହିଛନ୍ତି, ଖଣି ଉତ୍ପାଦନ ସମୟରେ ଅଧିକ ଟିକସ ଲାଗିବା ଦ୍ୱାରା ଜିନିଷପତ୍ରର ଦାମ୍ ବଢ଼ିଯାଏ ଏବଂ ସାଧାରଣ ଜନତାଙ୍କ ଉପରେ ଜୀବନଯାପନର ବୋଝ ବଢ଼ିଥାଏ। ପଛୁଆ ତାରିଖରୁ ଟିକସ ଲଗାଇବା ଦ୍ୱାରା ନିବେଶକମାନଙ୍କ ମଧ୍ୟରେ ଭୟ ସୃଷ୍ଟି ହେଉଥିଲା। ଅନ୍ୟପଟେ ବିରୋଧୀ ଦଳ ଏହି ବିଲ୍‌କୁ ଜୋରଦାର ବିରୋଧ କରିଛନ୍ତି। ଆର୍‌ଏସ୍‌ପି ନେତା ଏନ. କେ. ପ୍ରେମଚନ୍ଦ୍ରନ ଏହି ବିଲ୍‌କୁ ବିରୋଧ କରି କହିଛନ୍ତି, ଏହା ଦେଶର ସଂଘୀୟ ଢାଞ୍ଚା ବିରୋଧୀ ଏବଂ ଏହାଦ୍ୱାରା ରାଜ୍ୟଗୁଡ଼ିକର ଅଧିକାର କ୍ଷୁଣ୍ଣ ହେବ।

### କିଏ କେଉଁଠି ଉତ୍ତୋଳନ କରିବେ ପତାକା

ଭୁବନେଶ୍ୱର, ୧୧।୮:ସ୍ୱାଧୀନତା ଦିବସରେ କିଏ କେଉଁଠାରେ ପତାକା ଉତ୍ତୋଳନ କରିବେ ସେନେଇ ରାଜ୍ୟ ସରକାରଙ୍କ ତାଲିକା ପ୍ରକାଶ ପାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜଧାନୀର ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମରେ ଯୋଗଦେବେ। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କଳାହାଣ୍ଡି, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୁନ୍ଦରଗଡ଼, ମନ୍ତ୍ରୀ ସୁରେଶ ପୂଜାରୀ କଟକ, ମନ୍ତ୍ରୀ ରବି ନାରାୟଣ ନାଏକ ଅନୁଗୋଳ, ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମାଲକାନଗିରି, ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ସମ୍ବଲପୁର, ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗଞ୍ଜାମ, ମନ୍ତ୍ରୀ ମୁକେଶ ମହାଲିଙ୍ଗ ରାୟଗଡ଼ା, ମନ୍ତ୍ରୀ ବିଭୂତି ଭୂଷଣ ଜେନା କନ୍ଧମାଳ, ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର ଖୋର୍ଦ୍ଧା, ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ପୁରୀ, ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବଲାଙ୍ଗୀର, ମନ୍ତ୍ରୀ ପ୍ରଦୀପ କୁମାର ବଳସାମନ୍ତ ବାଲେଶ୍ୱର, ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଗଜପତି, ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ କୋରାପୁଟ, ଜଗତସିଂହପୁରରେ ଉପକୂଳ ଆରଡିସି, ବ୍ରହ୍ମପୁରରେ ଦକ୍ଷିଣାଞ୍ଚଳ ଆରଡିସି, କରିବେ ଉତୋଳନ।

### ପୂର୍ବତନ ରାଷ୍ଟ୍ରପତିଙ୍କୁ ମୃତ୍ୟୁ ଦଣ୍ଡାଦେଶ ଶୁଣାଇଲେ କୋର୍ଟ

ଡାମସକସ୍, ୧୧।୮: ସିରିଆର ଏକ କୋର୍ଟ ମଙ୍ଗଳବାର ଦେଶର ପୂର୍ବତନ ରାଷ୍ଟ୍ରପତି ବଶର ଅଲ-ଆସାଦ ଏବଂ ତାଙ୍କ ସାନ ଭାଇ ମାହେର ଅଲ-ଆସାଦଙ୍କୁ ଫାଶୀ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଉଭୟ ମାନବତା ବିରୋଧୀ ଅପରାଧ ଏବଂ ଯୁଦ୍ଧ ଅପରାଧ ପାଇଁ ଦୋଷୀ ସାବ୍ୟସ୍ତ ହୋଇଥିଲେ।ସେମାନେ ସିରିଆର ୧୪ ବର୍ଷର ସଂଘର୍ଷ ସମୟରେ ମାନବତା ବିରୋଧୀ ଅପରାଧ ଏବଂ ଯୁଦ୍ଧ ଅପରାଧ ସହିତ ଜଡିତ ଅଭିଯୋଗର ସମ୍ମୁଖୀନ ହୋଇଥିଲେ। ଏହା ପ୍ରାୟ ୫,୦୦,୦୦୦ ଲୋକଙ୍କ ଜୀବନ ନେଇଥିଲା। ସମାନ ମାମଲାରେ ଆସଦଙ୍କ ସମ୍ପର୍କୀୟ ଭାଇ ଆତିଫ ନଜିବଙ୍କୁ ମଧ୍ୟ ମୃତ୍ୟୁଦଣ୍ଡ ଦିଆଯାଇଛି। ନଜିବଙ୍କ ବିରୋଧରେ ଦକ୍ଷିଣ ପ୍ରଦେଶ ଦାରାରେ ଏକ ଦମନର ନେତୃତ୍ୱ ନେବାର ଅଭିଯୋଗ ଥିଲା। ଏହା ବିଦ୍ରୋହକୁ ପ୍ରଜ୍ୱଳିତ କରିଥିଲା ଏବଂ ଗୃହଯୁଦ୍ଧ ଆରମ୍ଭ କରିଥିଲା। ସିରିଆର ବିଚାରପତି ଦଣ୍ଡାଦେଶ ଘୋଷଣା କରିବା ସମୟରେ ନଜିବ ଏକ ଥାନା ଭିତରେ କଏଦୀଙ୍କ ପୋଷାକ ପିନ୍ଧି ଠିଆ ହୋଇଥିଲେ।ଏହି ମାମଲାରେ ବଶର ଅଲ-ଆସାଦଙ୍କ ସମ୍ପର୍କୀୟ ଭାଇ ଆତିଫ ନଜିବଙ୍କୁ ମଧ୍ୟ ଫାଶୀ ଦଣ୍ଡାଦେଶ ଦିଆଯାଇଥିଲା। ଡିସେମ୍ବର ୨୦୨୪ରେ ସେମାନଙ୍କ ଶାସନ ପତନ ପରେ ବଶର ଏବଂ ମାହେର ରୁଷିଆ ପଳାଇ ଯାଇଥିଲେ। ପୁଟିନ ପ୍ରଶାସନ ସେମାନଙ୍କୁ ଆଶ୍ରୟ ଦେଇଥିଲା। ଆତିଫ ନଜିବ ରୁଷିଆକୁ ପଳାଇବାରେ ବିଫଳ ହୋଇଥିଲେ ଏବଂ ଜାନୁଆରୀ ୨୦୨୫ରେ ତାଙ୍କୁ ଗିରଫ କରାଯାଇଥିଲା। ସେ ମଙ୍ଗଳବାର କୋର୍ଟରେ ହାଜର ହୋଇଥିଲେ।



# ନିଶାମୁକ୍ତ ପ୍ରତିଜ୍ଞା ମହାଅଭିଯାନ

ଗଞ୍ଜାମ,୧୧।୮ :(ମନ୍ଥନ)ବ୍ରହ୍ମକୁମାରୀ ପ୍ରଭୁପ୍ରେମ ଭବନ ପକ୍ଷରୁ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୧୦ କୋଟି ନିଶାମୁକ୍ତ ପ୍ରତିଜ୍ଞା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ରାଜ ଯୋଗିନୀ କସ୍ତୁରୀ ଭଉଣୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଁ ସଦା ନିଶା ମୁକ୍ତ ରହିବି । ମୁଁ ଅନ୍ୟ ମାନଙ୍କୁ ମଧ ନିଶା ମୁକ୍ତ ପାଇଁ ପ୍ରେରଣା ଦେବି ।



ମୋର ଜୀବନ ପବିତ୍ର, ସ୍ୱାସ୍ଥ୍ୟବାନ ଓ ଆଧାତ୍ମିକ ହେବ । ଆମେ ସମସ୍ତେ ମିଶି ୧୦ କୋଟି ନିଶାମୁକ୍ତ ଭାରତ ସ୍ୱପ୍ନକୁ ସାକାର କରିବା । ପରମପିତା ପରାତ୍ମାଙ୍କ ଆଶୀର୍ବାଦ ମୋ ସହିତ ଅଛି.. ମୁଁ ବିଜୟୀ ଆତ୍ମା... ମୁଁ ଶକ୍ତିଶାଳି ଆତ୍ମା.... ମୁଁ ନିଶାମୁକ୍ତ ଆତ୍ମାବୋଲି ଉପସ୍ଥିତ ଛାତ୍ରୀ ମାନଙ୍କୁ ଶପଥ ଗ୍ରହଣ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନ ପ୍ରଧାନ ଶିକ୍ଷୟିତ୍ରୀ ବାନାନି ପାଣିଗ୍ରାହି, କ୍ରୀଡା ପ୍ରଶିକ୍ଷକ ମନୀଷା କୁମାରୀ ପଣ୍ଡା ସମ୍ମାନିତ ଅତିଥିଭାବେ ଯୋଗଦେଇ ନିଶାମୁକ୍ତ ଭାରତ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ୩୭ ଶିକ୍ଷୟିତ୍ରୀ ଓ ୧୫୩୦ ଜଣ ଛାତ୍ରୀ ଉପସ୍ଥିତ ରହି ନିଶାମୁକ୍ତ ଭାରତ ଗଠନ କରିବା ପାଇଁ ଶପଥ ଗ୍ରହଣ ଲାରିଥିଲେ ।

# ବର୍ଷାଦିନେ ରାସ୍ତା ସଫାକଲେ ଯୁବକ ସଙ୍ଘ

ତିର୍ତ୍ତୋଲ,୧୧।୮ :(ମନ୍ଥନ)ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ମଣିଜଙ୍ଗା ଏରସମା ରାସ୍ତା ବର୍ଷାଦିନେ ରାସ୍ତା ସ୍ଥାନେ ସ୍ଥାନେ ଗାତ ହେବା ସହ ଅନାବନା ଗଛ ରାସ୍ତା ଉପରକୁ ମାଡ଼ି ଆସିବା ଦ୍ୱାରା ଦୈନିକ ଛୋଟବଡ ଦୁର୍ଘଟଣା ଘଟୁଛି, ଏହାକୁ ଦୃଷ୍ଟିରେ ରଖି ନରୁଆ ଛକ ନିକଟସ୍ଥ ସାଗବାରିଆ ଗ୍ରାମର ଏକ ଗଛ ନାରାୟଣୀ ଯୁବ ସଙ୍ଗଠନ ର କାର୍ଯ୍ୟ ସରଳି କୁ ନେଇ ବିଭିନ୍ନ ମହଲରେ ଆଲୋଚନା ହେଉଛି। ଏହି ସଙ୍ଗଠନ ପକ୍ଷରୁ ଗତ ମାସରେ ବର୍ଷା ପାଣିରେ ରାସ୍ତା ଗାତ ହୋଇଥିବା କିଛି ସ୍ଥାନରେ କଂକ୍ରିଟ ଢଳାଇ କରିଥିବା ବେଳେ ଏବେ ନରୁଆ ଛକ ଠାରୁ ବଡିଲୋ ପର୍ଯ୍ୟନ୍ତ ରାସ୍ତାରେ ମାଡ଼ିଯାଇଥିବା ଅନାବନା ଗଛ କାଟିବା ସହ ବୋଲବମ୍ ଭକ୍ତ ମାନଙ୍କ ପାଇଁ ରାସ୍ତା ସଫାକରୁଥିବା ଦେଖିବାକୁ ମିଳିଛି । ଯେଉଁଠି ପ୍ରଶାସନ କାମ କରିବାରେ ବିଫଳ ହୋଇଛି ସେଇଠି ଏହି ଯୁବକ ସଙ୍ଗଠନ ର ଏହି ପ୍ରୟାସ କୁ ନେଇ ସୋଶିଆଲ୍ ମିଡିଆରେ ପ୍ରଶଂସା ର ସୁଅ ଛୁଟୁଛି।

# ଅନ୍ଧାରରେ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ, କାଉଡ଼ିଆ ଭୋଗୁଛନ୍ତି ଦୁର୍ଦ୍ଦଶା

ଗୋପ, ୧୧।୮ :(ମନ୍ଥନ)ବିଶ୍ୱପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ କୋଣାର୍କଠାରୁ ୪ କି.ମି. ଦୂରରେ ଅବସ୍ଥିତ ତୀର୍ଥ ପୁଷ୍କରିଣୀ ଅନ୍ଧକାର ମଧ୍ୟରେ ରହିଥିବାରୁ କାଉଡ଼ିଆମାନେ ଜଳ ଉଠାଇବା ପାଇଁ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି ଓ ପ୍ରକାଶ ଯେ, ଶ୍ରାବଣର ପ୍ରତ୍ୟେକ ସୋମବାର କାଉଡ଼ିଆମାନେ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀଠାରେ ପୂଜାର୍ଚ୍ଚନା କରିବା ସହ ପବିତ୍ର ତୀର୍ଥକ୍ଷେତ୍ରରୁ ଜଳ ଉଠାଇ



କୋଣାର୍କ ତଥା ଆଖପାଖ ଅଞ୍ଚଳର ଶୈବପୀଠ ଅଭିମୁଖେ ଯାତ୍ରା ଆରମ୍ଭ କରିଥାନ୍ତି ଦ୍ୱିତୀୟ ସୋମବାର ଅବସରରେ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀଠାରେ କାଉଡ଼ିଆଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ତୀର୍ଥକ୍ଷେତ୍ରରେ ଆଲୋକୀକରଣ ବ୍ୟବସ୍ଥା ନ ଥିବାରୁ ଅନ୍ଧକାର ପରିବେଶ ମଧ୍ୟରେ କାଉଡ଼ିଆମାନେଜଳଉଠାଇବା ଓ ପୂଜାର୍ଚ୍ଚନା ଆଦି କାର୍ଯ୍ୟ ବିଶେଷ ଭାବେ ପ୍ରଭାବିତ ହୋଇଛି। ଏହି ସମସ୍ୟା ଯୋଗୁ କାଉଡ଼ିଆଙ୍କ ଧାର୍ମିକ ଭାବନା ପ୍ରଭାବିତ ହେଉଛି। କାଉଡ଼ିଆଙ୍କ ସୁରକ୍ଷିତ ଜଳ ଉଠାଇବା ପାଇଁ କୋଣାର୍କ ଏନ୍ଏସି ପ୍ରଶାସନ ପକ୍ଷରୁ ଚନ୍ଦ୍ରଭାଗାତୀର୍ଥ ପୁଷ୍କରିଣୀଠାରେ ଆଲୋକୀକରଣ ବ୍ୟବସ୍ଥା କରିବା ପାଇଁ କୋଣାର୍କ ଅଞ୍ଚଳର ସାମାଜିକ କର୍ମୀ, ସଚେତନ ନାଗରିକ, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ଶ୍ରଦ୍ଧାଳୁ ଭକ୍ତସମାଜ ଓ କୋଣାର୍କ ଅଞ୍ଚଳର ଜନସାଧାରଣଙ୍କ ପକ୍ଷରୁ ଦାବି କରାଯାଉଛି।

# ଖଣ୍ଡପଡା ଏନଏସିରେ ବିଭିନ୍ନ ସ୍ଥାନରେ ଜଳୁନି ଏଲଇଡି ଲାଇଟ

ଖଣ୍ଡପଡା, ୧୧।୮ :(ମନ୍ଥନ)ଖଣ୍ଡପଡ଼ା ଏନଏସିରେ ଏବେ ବିଭିନ୍ନ ସ୍ଥାନରେ ଅନ୍ଧାର ରାଜୁତି କରୁଛି।ସହରାଞ୍ଚଳ ଅଧୀନ ବିଭିନ୍ନ ୱାର୍ଡ, ଗଳିକନ୍ଦି ଏପରିକି ମୁଖ୍ୟ ରାସ୍ତା କଡ଼ରେ ଲାଗିଥିବା ଶତାଧିକଏଲଇଡି ଷ୍ଟ୍ରିଟ ଲାଇଟ ଜଳୁ ନଥିବାରୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ସାଧାରଣ ଲୋକେ। ସହରାଞ୍ଚଳଅଧୀନ ୧ନଂ ୱାର୍ଡର ବାଇପାସ ରାସ୍ତାରେ ଥିବା ଆଦର୍ଶ ବିଦ୍ୟାଳୟ ସଂଲଗ୍ନ ଅଞ୍ଚଳ, ୧୨ନଂ ୱାର୍ଡମେଡିକାଲ ଛକ ଠାରୁ ସୁନାମୁହିଁ ପରିବେଶ ପର୍ଯ୍ୟଟନ ସ୍ଥଳୀ ଓ ୧୩ନଂ ୱାର୍ଡର ବହୁ ଅଞ୍ଚଳ ସହ ମୁଖ୍ୟଛକ, ଜନଗହଳି ପୂର୍ଣ୍ଣ ସ୍ଥାନ ଗୁଡିକରେ ଦୀର୍ଘ ଦିନ ଧରି ଷ୍ଟ୍ରିଟ ଲାଇଟ ଗୁଡ଼ିକ ଅଚଳ ଅବସ୍ଥାରେରହିଥିଲେ ସୁଦ୍ଧା ଏହାର ମରାମତି କରାଯାଉନାହିଁ। ଫଳରେ ରାତ୍ରି ସମୟରେ ଲୋକମାନେ ଉକ୍ତ ରାସ୍ତାଦେଇ



ଚଳପ୍ରଚଳ କରିବା ନିମନ୍ତେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ଅନ୍ୟପକ୍ଷରେ ବିଭିନ୍ନୱାର୍ଡବାସୀ ଅନ୍ଧାରରେ ରହିବା ଯୋଗୁଁ ସାଧାରଣରେ ଅସନ୍ତୋଷ ଦେଖା ଦେଇଛି। ଏନଏସିକାର୍ଯ୍ୟାଳୟରେ ଷ୍ଟ୍ରିଟ ଲାଇଟ ମରାମତି କାର୍ଯ୍ୟରେ ନିୟୋଜିତ ଥିବା କର୍ମଚାରୀ ମାନେ ଲୋକମାନଙ୍କ ଅଭିଯୋଗ ପ୍ରତି ଧ୍ୟାନ ଦେଉନଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ଦୀର୍ଘଦିନ ଧରି ୧୩ ନଂୱାର୍ଡ ଉମାଦେବୀ ଛକ ନିକଟରୁ କୁସୁମି ବଡଶଙ୍ଖ ଏବଂ ମାଳବନ୍ଧ ରାସ୍ତା ପାଟଚଣ୍ଡୀ ମନ୍ଦିରପର୍ଯ୍ୟନ୍ତ ଗୋଟିଏ ହେଲେ ଲାଇଟ ଜଳୁନଥିବା ସୂଚନା ମିଳିଛି। ସହରାଞ୍ଚଳ ଦେଇ ଚଳିତ ଶ୍ରାବଣ ମାସରେଶ୍ରଦ୍ଧାଳୁ ମାନେ ଦୂରଦୂରାନ୍ତକୁ ଯାତ୍ରା କରୁଥିବା ବେଳେ ଏଭଳି ସ୍ଥିତି ଦେଖି ଅସନ୍ତୋଷ ପ୍ରକାଶକରୁଛନ୍ତି। ତେବେ ଅଞ୍ଚଳ ବାସିନ୍ଦାଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଷ୍ଟ୍ରିଟ ଲାଇଟ ଗୁଡ଼ିକକାର୍ଯ୍ୟକ୍ଷମ କରିବା ନିମନ୍ତେ ବିଭିନ୍ନ ମହଲରୁ ଦାବି ହୋଇଛି।

# ଅସ୍ୱାସ୍ଥ୍ୟକର ପରିବେଶରେ ସହରାଞ୍ଚଳ ବାସିନ୍ଦା

ଖଣ୍ଡପଡା, ୧୧।୮ :(ମନ୍ଥନ) ଖଣ୍ଡପଡା ସହରାଞ୍ଚଳରେ ଅସ୍ୱାସ୍ଥ୍ୟକର ପରିବେଶରେ ଅତିଷ୍ଠହେଲେଣି ଅଞ୍ଚଳବାସୀ। ସହର ସାରା ମଶା ଭଣଭଣ ସ୍ଥିତି ଥିବାବେଳେ ଏକାଧିକ ସ୍ଥାନରେମୁକୁଳା ପଡିଛି ଡ୍ରେନ। ତେବେ ସ୍ଥିତି ମୁକାବିଲା ପାଇଁ ଏନଏସିକୁ ଆସିଥିବା ମଶା ଧୂଆଁ ମେସିନଗତ ୨ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଅଚଳ ହୋଇପଡିଛି। ଫଳରେ ମଶା କାମୁଡ଼ାରେ ଏବେ ୱାର୍ଡବାସିନ୍ଦା ନୟାନ୍ତ ହୋଇ ପଡିଲେଣି। ମିଳିଥିବା ସୂଚନା ଅନୁଯାୟୀ ଖଣ୍ଡପଡା ବିଜ୍ଞାପିତ ଅଞ୍ଚଳପରିଷଦରେ ପରିମଳ ବ୍ୟବସ୍ଥା ଘରୋଇ ସଂସ୍ଥା ହାତରେ ନ୍ୟସ୍ତ କରାଯାଇଛି। ଘରୋଇକରଣହେଲେ ପରିମଳ ବ୍ୟବସ୍ଥା ସୁଧୁରିବ ବୋଲି ଖଣ୍ଡପଡା ବିଜ୍ଞାପିତ ଅଞ୍ଚଳ ପରିଷଦ ବାସୀ ଆଶାରଖିଥିଲେ। ହେଲେ ଗତ ପ୍ରାୟ ୨ ବର୍ଷ ହେଲା ଗଣପତି ଗଣପତି ଇଣ୍ଟେଲିଜେନ୍ସ ନାମକ ଏକଘରୋଇ ସଂସ୍ଥାକୁ ସଫେଇ ଦାୟିତ୍ୱ ଦେବା ପରେ ଏନଏସି କର୍ତ୍ତୃପକ୍ଷ ମହରଗରୁ ଯାଇକାନ୍ତାରରେ ପଡିଛନ୍ତି। ସଂସ୍ଥା ପକ୍ଷରୁ ସଫେଇ କାର୍ଯ୍ୟରେ ବାରମ୍ବାର ଅଚଳାବସ୍ଥା ଯୋଗୁଁ ଏବେଅଞ୍ଚଳରେ ସହରାଞ୍ଚଳ ବାସିନ୍ଦା। ଯେଉଁଥିପାଇଁ ଡ୍ରେନେଜ ଓ ଅସ୍ୱାସ୍ଥ୍ୟକର ପରିବେଶ ସମସ୍ୟାରେସହରବାସୀ ଋଦ୍ଧି



ହେଉଛନ୍ତି। ରାସ୍ତାକଡରୁ ମଇଳା, ଡ୍ରେନ ସଫା ହେଉ ନ ଥିବାରୁ ମଶାଙ୍କଉପଦ୍ରବ ବଢିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ୨ ବର୍ଷ ହେବ କିନ୍ତୁ ମଶା ନିୟନ୍ତ୍ରଣରେ ଏନଏସିକର୍ତ୍ତୃପକ୍ଷ ସଂପୂର୍ଣ୍ଣ ବିଫଳ ହୋଇଛନ୍ତି। ଡ୍ରେନରେ ଆବଶ୍ୟକ ମଶାତେଲ ସିଞ୍ଚନର ବ୍ୟବସ୍ଥା ୨ବର୍ଷ ହେବ ଫାଇଲ ତଳେ। ଏକାଧିକ ଡ୍ରେନକୁ ଦେଖିଲେ କାଦୁଅ ଆବର୍ଜନାରେ ପରିପୂର୍ଣ୍ଣହେଉଥିବାରୁ ବର୍ଜ୍ୟପାଣି ଠିକ ଭାବରେ ନିଷ୍କାସିତ ହୋଇ ପାରୁନାହିଁ। ସହର ସାରା ସନ୍ତସନ୍ତିଆଜାଗା, ଗୋଳିଆ ପାଣି, ପଚାଶଢ଼ା ଓ ଅଳିଆ ଆବର୍ଜନା ମଶାଙ୍କ ଲାଗି ଭୂସ୍ୱର୍ଗ ପାଲଟିଛି।ଅନ୍ୟପକ୍ଷରେ ଏନଏସି କର୍ତ୍ତୃପକ୍ଷ ଗତ ବର୍ଷ ତଳେ ମଶା ଉପଦ୍ରବ ରୋକିବାକୁ ମଶା ଧୂଆଁମେସିନ ଆଣିଥିବା ବେଳେ ଦିନ କେଇଟାରେ ତାହା ଅଚଳ ହୋଇପଡିଛି। ସେବେଠାରୁ ତାହାରମରାମତି ଦିଗରେ ପଦକ୍ଷେପ ମଧ୍ୟ ନିଆଯାଇନାହିଁ। ଯାହାଫଳରେ ମଶାଙ୍କ ଦୌରାତ୍ମ୍ୟ ସହିତଡେଙ୍ଗୁ, ମ୍ୟାଲେରିଆ ଭଳି ମାରାତ୍ମକ ରୋଗ କାୟା ମେଲାଇବାର ଆଶଙ୍କା ସୃଷ୍ଟି ହୋଇଛି।ଶେଷଥର ପାଇଁ ୨୦୨୩ ଓ ୨୦୨୪ ମସିହାରେ ମଶା ନିୟନ୍ତ୍ରଣ ପାଇଁ ମଶା ତେଲ ଓ ଫଗିଂନିମନ୍ତେ ଯଥାକ୍ରମେ ୩ ଲକ୍ଷ ୩୩ ହଜାର ଓ ଲକ୍ଷେ ୪୫ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଥିବାସୂଚନା ଅଧିକାର ଆଇନରେ ତଥ୍ୟ ମିଳିଛି। ମାତ୍ର ୨୦୨୫ ଓ ୨୦୨୬ ରେ ଏ ବାବଦରେ ଟଙ୍କାଟିଏ ମଧ୍ୟ ଖର୍ଚ୍ଚ ହୋଇନଥିବା ସାମାଜିକ କର୍ମୀ ମାନସ ଚନ୍ଦ୍ର ସେଠୀ ମାଗିଥିବା ଆରଟିଆଇତଥ୍ୟର ଉତ୍ତର ଦେଇଛି ସ୍ଥାନୀୟ ପ୍ରଶାସନ। ସହରାଞ୍ଚଳ ବାସୀଙ୍କ ମୌଳିକ ସୁବିଧା ପାଇଁ ଥିବାଏନଏସି ପ୍ରଶାସନ ଏବେ ଲୋକଙ୍କୁ ଦୁର୍ଦ୍ଦଶା ଭିତରକୁ ଠେଲିଦେଇଥିବା ଉପାଧ୍ୟକ୍ଷ ମିହିର କୁମାରମିଶ୍ର ଅଭିଯୋଗ ଆଣିଛନ୍ତି। ଜିଲ୍ଲା ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

# ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର

ଖଣ୍ଡପଡା,୧୧।୮ :(ମନ୍ଥନ) ଖଣ୍ଡପଡା ବ୍ଲକ ସଭାଗୃହରେ ଜିଲ୍ଲାପାଳଙ୍କ ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ନୟାଗଡ ଜିଲ୍ଲାପାଳ ମଧୁମିତା ରଥ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଶୁଣିଥିଲେ। ସମୁଦାୟ ୧୪୭ଟି ଅଭିଯୋଗରୁ ୬୪ଟି ସମସ୍ୟାର ତୁରନ୍ତ ସମାଧାନ ହୋଇଥିବା ନେଇ ଜିଲ୍ଲା ପ୍ରଶାସନ ଠାରୁ ସୂଚନା ମିଳିଛି। ସେହିପରି ମୋଟ ୧୧୬ଟି ବ୍ୟକ୍ତିଗତ ସମସ୍ୟା ଥିବାବେଳେ, ୪ଟି



ଗ୍ରାମ୍ୟ ସମସ୍ୟା ଏବଂ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ପାଇଁ ୨୭ ଜଣ ଆବେଦନ କରିଥିବା ସୂଚନା ରହିଛି। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଲଗ୍ନଜିତ ରାଉତ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାର, ଏଡିଏମ ରୋଜିନା ଦାସ, ଖଣ୍ଡପଡା ବିଡ଼ିଓ ଅଙ୍କୁର ଅଭିଳାଷ, ତହସିଲଦାର ବିଶ୍ୱବିସ୍ତୃତ ତ୍ରିପାଠୀଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ଜିଲ୍ଲା ସଂସ୍କୃତ ବିଦ୍ୟାଳୟ ଶିକ୍ଷକ ସଙ୍ଘ ବୈଠକ

କେନ୍ଦ୍ରାପଡ଼ା,୧୧।୮ :(ମନ୍ଥନ) ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ନରେନ୍ଦ୍ରପୁର ତୁଳସୀ ସଂସ୍କୃତ ବିଦ୍ୟାଳୟରେ କେନ୍ଦ୍ରାପଡା ଜିଲ୍ଲା ସଂସ୍କୃତ ବିଦ୍ୟାଳୟ ଶିକ୍ଷକ ସଙ୍ଘର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଙ୍ଘର ସଭାପତି ପଣ୍ଡିତ ସୁବାସ ଚନ୍ଦ୍ର ପାଣିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟଅତିଥି ଭାବେ ନିଖିଳ ଉତ୍କଳ ସଂସ୍କୃତ ମହାମଣ୍ଡଳର ସାଧାରଣ ସମ୍ପାଦକ ଆର୍ତ୍ତତ୍ରାଣ ତ୍ରିପାଠୀ, ପରୀକ୍ଷା ସଞ୍ଚାଳକ କୃଷ୍ଣଚନ୍ଦ୍ର ମିଶ୍ର, ଅଷ୍ଟସମ୍ଭୁ ସଂସ୍କୃତ ବିଦ୍ୟାଳୟ ପ୍ରଧାନ ପଣ୍ଡିତ ରତ୍ନାକର ଦାସ ଓ ନିଖିଳ ଉତ୍କଳ ସଂସ୍କୃତ ମହାମଣ୍ଡଳର ପରୀକ୍ଷା ନିୟନ୍ତ୍ରକ କୃଷ୍ଣଚନ୍ଦ୍ର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଂସ୍କୃତ ଶିକ୍ଷାର ଉନ୍ନତିତଥା ଜିଲ୍ଲା ସଂସ୍କୃତ ଶିକ୍ଷକ ସଙ୍ଘର ବିଭିନ୍ନ ଦାବି ଉପରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଶିକ୍ଷୟତ୍ରୀ ସୁଲୋଚନା ସ୍ୱାଇଁ ବେଦପାଠ କରିଥିଲେ। ଶିକ୍ଷକ ଦୟାନିଧି ରାଉତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଭାପତି ଶ୍ରୀ ପାଣି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ପଣ୍ଡିତ ମହେଶ୍ୱର ନନ୍ଦ, କୃଷ୍ଣଚନ୍ଦ୍ରଷଡଙ୍ଗୀ, ବ୍ରଜସୁନ୍ଦର ନନ୍ଦ, ନିରଞ୍ଜନ ସାହୁ, ନାରାୟଣ ପ୍ରଧାନ, ଘନଶ୍ୟାମ ପରିଡ଼ା, ରତ୍ନାକର ଦାସ, ପର୍ଶୁରାମ ବିଶ୍ୱାଳ, ବ୍ରଜକିଶୋର ମହାନ୍ତି, କଳ୍ପତରୁ ନାୟକ, ସତ୍ୟନାରାୟଣ ମହାନ୍ତି, ବିଶ୍ୱନାଥ ରାଉତ, ଶିକ୍ଷୟିତ୍ରୀ ଅଞ୍ଜଳିପ୍ରଭା ନାୟକ ପ୍ରମୁଖଙ୍କୁ ସଙ୍ଘ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

# ଯାଜପୁରରେ 'ଜାତୀୟ କୃମି ନାଶକ ଦିବସ' ପାଳିତ

## ଶିଶୁ ଓ କିଶୋର-କିଶୋରୀଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ବ୍ୟାପକ ସଚେତନତା

ଯାଜପୁର, ୧୧।୮ :(ମନ୍ଥନ)ଜିଲ୍ଲା ସ୍ୱାସ୍ଥ୍ୟ ସମିତି, ଯାଜପୁର ଏବଂ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ମିଳିତ ଆନୁକୂଲ୍ୟରେ ଆଜି ଯାଜପୁର ସ୍ଥିତ କ୍ରାନିୟମ ପବ୍ଲିକ ସ୍କୁଲ ଠାରେ 'ଜାତୀୟ କୃମି ନାଶକ ଦିବସ' ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡା ରମେଶ ଚନ୍ଦ୍ର ମଲ୍ଲିକ ଙ୍କ ଅଧ୍ୟକ୍ଷତାରେ ଶୁଭାରମ୍ଭ ସହିତ ହୋଇଯାଇଛି। ଏହି ଅବସରରେ ୩୦୦ ଜଣ କ୍ରାନିୟମ ପବ୍ଲିକ ସ୍କୁଲ ପିଲାଙ୍କୁ କୃମି ନାଶକ ଔଷଧ ଖାଇବାକୁ ଦିଆଯାଇଥିଲା । ଏହି ସଚେତନତା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି କୃମି ସଂକ୍ରମଣରୁ ଶିଶୁ, କିଶୋର-କିଶୋରୀ ଏବଂ ମହିଳାମାନଙ୍କୁ ସୁରକ୍ଷିତ ରଖି ସେମାନଙ୍କର ଶାରୀରିକ ଓ ମାନସିକ ବିକାଶକୁ ସୁନିଶ୍ଚିତ କରିବା। କୃମି ସଂକ୍ରମଣ ଯୋଗୁଁ ଶିଶୁମାନଙ୍କଠାରେ ଅପପୁଷ୍ଟି, ଶାରୀରିକ ଦୁର୍ବଳତା ଏବଂ ରକ୍ତହୀନତା ଭଳି ଗମ୍ଭୀର ସମସ୍ୟା ଦେଖାଦେଇଥାଏ, ଯାହା ସେମାନଙ୍କର ପାଠପଢ଼ା ଓ ଭବିଷ୍ୟତ ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଜିଲ୍ଲାର ୧ ରୁ ୧୯ ବର୍ଷ ବୟସର ସମସ୍ତ ପିଲାଙ୍କୁ ବିଦ୍ୟାଳୟ, କଲେଜ ଓ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ କୃମି ନାଶକ ଔଷଧ (ଆଲବେଣ୍ଡାଜୋଲ୍ ବଟିକା କିମ୍ବା ସିରପ୍) ପ୍ରଦାନ କରାଯାଉଛି। ଏହାସହିତ ୨୦ ରୁ ୨୪ ବର୍ଷର ପ୍ରଜନନକ୍ଷମ ମହିଳାମାନଙ୍କୁ ମଧ



ଆଙ୍ଗନବାଡ଼ି କେନ୍ଦ୍ର ମାଧ୍ୟମରେ ଏହି ଔଷଧ ସେବନ କରାଯାଉଛି। ଏହି ଅଭିଯାନ ଆଜି ଜିଲ୍ଲାର ୨୨୫୪ ସରକାରୀ ବିଦ୍ୟାଳୟ, ୨୭୬ ବେସରକାରୀ ବିଦ୍ୟାଳୟ ଓ ୨୭୬୮ ଅଙ୍ଗନୱାଡି କେନ୍ଦ୍ରରେ ଆରମ୍ଭ ହୋଇଛି। ଏହି ସମସ୍ତ ସ୍ଥାନରେ ଆଶା କର୍ମୀ, ଅଙ୍ଗନବାଡି ଦିଦି, ଶିକ୍ଷକ ଶିକ୍ଷୟିତ୍ରୀ ଓ ସ୍ୱାସ୍ଥ୍ୟ କର୍ମୀମାନଙ୍କ ଉପସ୍ଥିତି ରେ ପିଲା ମାନଙ୍କୁ କୃମି ନାଶକ ବଟିକା ଓ ସିରପ ଆଲବେଣ୍ଡାଜୋଲ ଖାଇବାକୁ ଦିଆଯାଉଛି। ଜିଲ୍ଲାର ସରକାରୀ, ବେସରକାରୀ ବିଦ୍ୟାଳୟରେ ୩୯୮,୪୪୯ ଜଣ ପିଲାମାନଙ୍କୁ ଓ ଅଙ୍ଗନବାଡ଼ି କେନ୍ଦ୍ରରେ ୧,୧୯,୯୭୬ ଜଣ ପିଲାମାନଙ୍କୁ ଏହି ବଟିକା ଓ ଶିରପ ଦିଆଯିବାର ଲକ୍ଷ୍ୟ ଧାର୍ଯ୍ୟ ରହିଛି। ଯେଉଁ ପିଲାମାନେ କୌଣସି କାରଣରୁ ଆଜି ଜାତୀୟ କୃମି ନାଶକ ଦିବସରେ ଔଷଧ ଖାଇବାରୁ ବଂଚିତ ହୋଇଥିବେ, ସେମାନଙ୍କ ପାଇଁ ଆସନ୍ତା ୧୭ ଅଗଷ୍ଟ ଦିନ 'ମୋପ୍-ଅପ୍ ରାଉଣ୍ଡ' ପାଳନ କରାଯାଇ ବିଶେଷ ଭାବେ ଔଷଧ ଦିଆଯିବ। କୃମି ସଂକ୍ରମଣରୁ ରକ୍ଷା ପାଇବା ପାଇଁ କେବଳ ଔଷଧ ସେବନ ଯଥେଷ୍ଟ ନୁହେଁ, ବରଂ ଦୈନନ୍ଦିନ ଜୀବନରେ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖିବା ନିହାତି ଆବଶ୍ୟକ। ଏହି ଅବସରରେ ଖୋଲାସ୍ଥାନରେ ମଳତ୍ୟାଗ ନକରି ସଦାସର୍ବଦା ଶୌଚାଳୟ ବ୍ୟବହାର କରିବା, ଖାଇବା ପୂର୍ବରୁ ଓ ଶୌଚାଳୟ ବ୍ୟବହାର ପରେ ସାବୁନରେ ହାତ ଧୋଇବା, ସ୍ୱଚ୍ଛ ଖାଦ୍ୟ-ଜଳ ଗ୍ରହଣ କରିବା, ନଖ ଛୋଟ ରଖିବା ଏବଂ ବାହାରକୁ ଯିବା ସମୟରେ ଜୋତା-ଚପଲ ପିନ୍ଧିବା ଭଳି ସ୍ୱାସ୍ଥ୍ୟକର ଅଭ୍ୟାସ ଆପଣାଇବା ପାଇଁ ଶପଥ ଗ୍ରହଣ କରାଯାଇଥିଲା। ଏହି ସଭାରେ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ରମେଶ ଚନ୍ଦ୍ର ମଲ୍ଲିକ, ଏପିଡେମୋଲୋଜିଷ୍ଟ ଡ଼ା. ଜ୍ୟୋତି ରଞ୍ଜନ ରାଉତ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ସଂଯୁକ୍ତା ପଣ୍ଡା, ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ, ସ୍ୱାସ୍ଥ୍ୟ ବିଭାଗର କର୍ମକର୍ତ୍ତା, ଆଶା-ଅଙ୍ଗନବାଡ଼ି କର୍ମୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ବୈତରଣୀ ନଦୀ ରେ ପୁନଶ୍ଚ ବନ୍ୟାଜଳ ବୃଦ୍ଧି : ପ୍ରଭାବିତ ଅଂଚଳ ବୁଲି ଦେଖିଲେ ଜିଲ୍ଲାପାଳ

ଯାଜପୁର,୧୧।୮ :(ମନ୍ଥନ) ଲଗାଣ ବର୍ଷା ଓ ବୈତରଣୀ-କାଣୀ ନଦୀର ଜଳସ୍ତର ବୃଦ୍ଧି ଯୋଗୁଁ ଯାଜପୁର ଜିଲ୍ଲାର ଦଶରଥପୁର ବ୍ଲକର ବିଭିନ୍ନ ଅଂଚଳ ପୁନଶ୍ଚ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି। ବୈତରଣୀ ନଦୀର ଉପର ମୁଣ୍ଡରେ ପ୍ରବଳ ବର୍ଷା ହେତୁ (୦୯.୦୮.୨୦୨୬) ଅପରାହ୍ନ ୪ଟା ସୁଦ୍ଧା ଦଶରଥପୁର ନିକଟରେ ନଦୀର ଜଳସ୍ତର ବିପଦ ସଙ୍କେତ (୯.୫୨ ମିଟର) ଟପି ୧୦.୬୦ ମିଟରରେ ପ୍ରବାହିତ ହେଉଛି। ଏହି ସଙ୍କଟଜନକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଆଜି ଯାଜପୁର ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର ଦଶରଥପୁର ବ୍ଲକର ବନ୍ୟା ପ୍ରଭାବିତ ଅଂଚଳ ପରିଦର୍ଶନ କରି ସମଗ୍ର ସ୍ଥିତିର ସମୀକ୍ଷା କରିଛନ୍ତି। ଜିଲ୍ଲାପାଳ ବିଶେଷ କରି ଡୋଭାବିଲ, ଖସାଲପୁର, କସପା ଓ ମଲ୍ଲିକାପୁର ପ୍ରଭୃତି ସଂବେଦନଶୀଳ ଓ ବନ୍ୟା ପ୍ଲାବିତ ଅଂଚଳ ବୁଲି ଦେଖିବା ସହ ଅହିୟାସ ଠାରେ ଘାଇ ମରାମତି କାର୍ଯ୍ୟର ସ୍ଥିତି ଅନୁଧ୍ୟାନ କରିଥିଲେ। ବନ୍ୟାଜଳ ହ୍ରାସ ପାଇବା କ୍ଷଣି ଘାଇ ମରାମତି କାର୍ଯ୍ୟକୁ ଦ୍ରୁତ, ସୁଦୃଢ଼ ଓ ଗୁଣାତ୍ମକ ମାନରେ ସମ୍ପନ୍ନ କରାଯିବ। ଏହାସହ ବନ୍ୟା ପ୍ରଭାବିତ ପ୍ରତ୍ୟେକ



ପରିବାର ନିକଟରେ ଆବଶ୍ୟକୀୟ ରିଲିଫ୍ ସାମଗ୍ରୀ, ରନ୍ଧା ଖାଦ୍ୟ, ଶୁଖିଲା ଖାଦ୍ୟ ଓ ପଲିଥିନ୍ ପହଂଚାଇବା ଏବଂ ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟକୁ ସର୍ବୋଚ୍ଚ ପ୍ରାଥମିକତା ଦେବାକୁ ଜିଲ୍ଲାପାଳ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲା ଜରୁରୀକାଳୀନ ବିଭାଗର ସୂଚନା ଅନୁଯାୟୀ, ଜିଲ୍ଲାର ୨ଟି ବ୍ଲକ୍ (ଦଶରଥପୁର ଓ ବଡ଼ଚଣା)ର ୪ଟି ଗ୍ରାମପଂଚାୟତ ଓ ୧୦ଟି ଗ୍ରାମର ମୋଟ ୧୩,୪୨୨ ଜଣ ଜନସାଧାରଣ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି। ବର୍ତ୍ତମାନ ୧୦ଟି ମାଗଣା ରୋଷେଇ / ରିଲିଫ୍ କେନ୍ଦ୍ର ଖୋଲାଯାଇ ୪,୯୬୪ ଜଣ (୩,୮୯୮ ବୟସ୍କ ଏବଂ ୧,୦୬୬ ଶିଶୁ)ଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି। ଆଜି ପ୍ରଭାବିତଙ୍କ ପାଇଁ ୦.୫୦ କ୍ୱିଂଟାଲ ଚୁଡ଼ା ଓ ୦.୧୦ କ୍ୱିଂଟାଲ ଗୁଡ଼ ବଂଟନ କରାଯାଇଥିବା ବେଳେ ତୁରନ୍ତ ଉଦ୍ଧାର ପାଇଁ ଦଶରଥପୁରରେ ୦୧ଟି ଓଡ୍ରାଫ୍ ଟିମ୍ ମୂତୟନ୍ ହୋଇଛନ୍ତି। ବନ୍ୟାରେ କୌଣସି ଜୀବନହାନି ହୋଇନଥିବା ସ୍ପଷ୍ଟ କରାଯାଇଛି। ଏହି ଗସ୍ତ ସମୟରେ ଦଶରଥପୁର ବିଡ଼ିଓଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଏବଂ ସ୍ଥାନୀୟ ଅଂଚଳବାସୀ ଉପସ୍ଥିତ ଥିଲେ। ବନ୍ୟା ପରିସ୍ଥିତି ଉପରେ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ସଜାଗ ରହିବା ସହ ତୀକ୍ଷ୍ଣ ନଜର ରଖିଛି।

# ଇଣ୍ଡିଆନ ମେଡିକାଲ ଆସୋସିଏସନ ଯାଜପୁର ମିଡ଼ ଟର୍ମ ସି ଏମ ଇ ଅନୁଷ୍ଠିତ

ଯାଜପୁର,୧୧।୮ :(ମନ୍ଥନ)ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନରେ ଇଣ୍ଡିଆନ ମେଡିକାଲ ଆସୋସିଏସନ ର ଏକ ମିଡ଼ ଟର୍ମ ସି ଏମ ଇ ଅନୁଷ୍ଠିତ ହୋଇଯାଇଛି। ଏହି ମେଗା କାର୍ଯ୍ୟକ୍ରମ ରେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡାକ୍ତର ମାନେ ହେଉଛନ୍ତି ଏ ସମାଜ ର ଅଭିନ୍ନ ଅଙ୍ଗ ଓ ଦ୍ୱିତୀୟ ଭଗବାନ ରୂପେ ବର୍ଣ୍ଣନା କରିଥିଲେ। ଏହି ଅବସରରେ ଇଣ୍ଡିଆନ ମେଡିକାଲ ଆଶୋସିଏସନ ଯାଜପୁର ୟୁନିଟର ସଭାପତି ଡା କ୍ଷୀରୋଦ ଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତା ରେ ସମ୍ମାନିତ ଅତିଥି ଭାବେ ଇଣ୍ଡିଆନ ମେଡିକାଲ ଆସୋସିଏସନ ରାଜ୍ୟ ସଭାପତି ଡା ହରେକୃଷ୍ଣ ନାୟକ, ଜିଲ୍ଲା ସମ୍ପାଦକ ଡା ଅନୁପ ନାଥ ଶର୍ମା, କାର୍ଯ୍ୟକାରୀ ସଭାପତି ଡା କାର୍ତ୍ତିକ ରାଉତ ଉପସ୍ଥିତ ରହିଥିଲେ। ସର୍ବ ପ୍ରଥମେ ପ୍ରଫେସର ଡା ଅତନୁ ମହାନ୍ତି ଅସ୍ଥିସଲ୍ୟ ବିଭାଗ ର ବିଭିନ୍ନ ରୋଗ ଉପରେ ଆଲୋକପାତ କରିଥିଲେ, ରୋବୋଟିକ ସର୍ଜରୀ ଉପରେ ପ୍ରଫେସର ଡା ଶ୍ରୀଜୟ ମିଶ୍ର ବ୍ୟାଖ୍ୟା କରିଥିଲେ। ମଧୁମେହ ରୋଗ ର ବିଶେସଜ୍ଞ ପ୍ରଫେସର ଡା ଅଭୟ ସାହୁ ଯୋଗ ଦେଇ ଏବେ ବହୁଳ ଭାବେ ବ୍ୟାପି ଚାଲିଥିବା ମଧୁମେହ ରୋଗ କୁ କିପରି ସଚେତନ ହେବ କିପ୍ରକାର ଜୀବନ ଶୈଳୀ ରହିବା ଉଚିତ ସେ ବିଷୟରେ ବିକ୍ଷିପ୍ତ ଭାବେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମ ରେ ବହୁ ବିଶେଷଜ୍ଞ ଡାକ୍ତର ମାନଙ୍କ ଦ୍ୱାରା ବିଭିନ୍ନ ରୋଗ ଓ ତାର ନିରାକରଣ ଏବଂ ନୂତନ ଔଷଧ ଉପରେ ବିକ୍ଷିପ୍ତ ଆଲୋଚନା ହୋଇଥିଲା । ଏହି କାର୍ଯ୍ୟକ୍ରମ ରେ ଯାଜପୁର ଜିଲ୍ଲାର ଡାକ୍ତର ଙ୍କ ସହିତ ବିଭିନ୍ନ ଜିଲ୍ଲାର ଅଭିଜ୍ଞ ଡାକ୍ତର ମାନେ ଅଂଶଗ୍ରହଣ କରିଥିଲେ।

# ମାହାଙ୍ଗା ଅଞ୍ଚଳରେ ଲଗାଣ ବର୍ଷା ରେ ହୋଇଥିବା ବନ୍ୟା ପରିସ୍ଥିତି ବୁଲି ଦେଖିଲେ ବିଧାୟକ ସାରଦା ପ୍ରଧାନ

ମାହାଙ୍ଗା,୧୧।୮ :(ମନ୍ଥନ)ଅଂଚଳରେ ଲଗାଣ ବର୍ଷା ଦ୍ୱାରା ହୋଇ ଥିବା ବନ୍ୟା ପରିସ୍ଥିତିକୁ ଆଜି ମାହାଙ୍ଗାର ଜନପ୍ରିୟ ବିଧାୟକ ଶ୍ରୀଯୁକ୍ତ ସାରଦା ପ୍ରସାଦ ପ୍ରଧାନ , ଉପଜିଲ୍ଲାପାଳ ସ୍ମୃତି ରଞ୍ଜନ ଦେଓ,ବ୍ଲକ ତହସିଲଦାର ସୁବାଷିସ ପାଲଟା,ମଣ୍ଡଳ ଉନ୍ନୟନ ଅଧିକାରୀ ତିଲୋତ୍ତମା ପୃଷ୍ଟି,ଡ୍ରେନେଜ ଜେ.ଇ,ଏବଂ ବିଭିନ୍ନ ବିଭାଗର ସରକାରୀ କର୍ମଚାରୀ ମାହାଙ୍ଗା ର ବିଭିନ୍ନ ଅଂଚଳ ରେ ଜଳମଗ୍ନ ଥିବା ହେକ୍ଟର ହେକ୍ଟର ଚାଷ ଜମି ବୁଲି ଦେଖିଲେ, ପ୍ରଥମେ ଲଳିତଗିରି, ପାଇକରାପୁର, ପଣସପୁର, ପୋଡାମରାଇ, ଗୋକନ,ଓଷଙ୍ଗ, ପଳିସାହି ଭଁଉରିଆ ଏବଂ ବିଭିନ୍ନ ଗ୍ରାମପଞ୍ଚାୟତ ପରିଦର୍ଶନ କରିଥିଲେ ଓ ଲୋକଙ୍କୁ ପ୍ରତିଶୃତି ଦେଲେ ଖୁବ୍ ଶୀଘ୍ର ଏହି ସମସ୍ୟାର ସମାଧାନ କରିବା ପାଇଁ ମାନ୍ୟବର ବିଭାଗୀୟ ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ମାନ୍ୟବର ଯଶସ୍ୱୀ ମୁଖ୍ୟ ମନ୍ତ୍ରୀ ମୋହନ ଚରଣ ମାଝୀ ମହୋଦୟଙ୍କ ସାଙ୍ଗରେ ଆଲୋଚନା କରି ସ୍ଥାଇ ସମସ୍ୟା ର ସମାଧାନ କରାଯିବ ବୋଲି ପ୍ରତିଶୃତି ଦେଇଛନ୍ତି।



# ନାଉଗାଁ ବ୍ଲକ କାର୍ଯ୍ୟାଳୟ ଠାରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର

ଜଗତସିଂହପୁର,୧୧।୮ :(ମନ୍ଥନ) ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ନାଉଗାଁ ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିର ରେ ଉପସ୍ଥିତ ରହି ଜିଲ୍ଲାପାଳ ଶ୍ରୀ ଜେ ସୋନାଲ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ। ଆଜି ମୋଟ ୧୦୩ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୯୩ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୦ ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମସ୍ୟା ସମ୍ପର୍କୀୟ ୨ ଟି,ଆବାସ ଯୋଜନା ସମ୍ପର୍କୀୟ ୯ ଟି ,ଜମିଜମା ସମସ୍ୟା ସମ୍ପର୍କୀୟ ୧୬ ଟି, ଭତ୍ତା ପାଇବା ପାଇଁ ୭ ଟି, ପୋଲିସ୍ ସହାୟତା ପାଇଁ ୨ ଟି ଏବଂ ଅନ୍ୟାନ୍ୟ ୧୬ ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୪୧ ଟି ଅଭିଯୋଗର ତତକାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଜ୍ୟୋତି ଶଙ୍କର ରାୟ, ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା



ପରିଷଦ ଶ୍ରୀ ଅକ୍ଷୟ ପିଲ୍ଲେ, ଉପ ଜିଲ୍ଲାପାଳ ଶ୍ରୀ ପ୍ରଶାନ୍ତ କୁମାର ତରାଇ, ତହସିଲଦାର, ନାଉଗାଁ, ଶ୍ରୀ ଅକ୍ଷୟ କୁମାର ବଡୁ, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ।

# ସମୁଦ୍ର କୂଳ ଖାଉଛି, ବିପଦରେ ଆର୍ଯ୍ୟପଲ୍ଲୀ

ଛତ୍ରପୁର, ୧୧।୮ :(ମନ୍ଥନ)ଦିନକୁ ଦିନ ସମୁଦ୍ର କୂଳ ଧସି ଗ୍ରାମ ଆଡ଼କୁ ମାଡ଼ି ଆସୁଥିବାରୁ ଭୟଭୀତ ଅବସ୍ଥାରେ ରହିଛନ୍ତି ଛତ୍ରପୁର ପୌରପରିଷଦ ଅନ୍ତର୍ଗତ ଆର୍ଯ୍ୟପଲ୍ଲୀ ଅଞ୍ଚଳବାସୀ। ସମୁଦ୍ର ଉପକୂଳରେ ସ୍ଥାୟୀ ପଥର ବନ୍ଧ ନିର୍ମାଣ କରି ଅଞ୍ଚଳକୁ ସୁରକ୍ଷା ଦେବା ଦାବିରେ ମଙ୍ଗଳବାର ସାନ ଆର୍ଯ୍ୟପଲ୍ଲୀ, ବଡ଼ ଆର୍ଯ୍ୟପଲ୍ଲୀ, କେ. ଆର୍ଯ୍ୟପଲ୍ଲୀ ଓ କତୁର ଗ୍ରାମର ଭଦ୍ରବ୍ୟକ୍ତି ଓ ଅଞ୍ଚଳବାସୀ ଗଞ୍ଜାମ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି ।ଏନେଇ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଲିଖିତ ଦାବିପତ୍ର ପ୍ରଦାନ କରି ସମୁଦ୍ର କୂଳରେ ଶୀଘ୍ର ସ୍ଥାୟୀ ପଥର ବନ୍ଧ ନିର୍ମାଣ ପାଇଁ ଦାବି କରାଯାଇଛି । ଦାବି ପୂରଣ ନହେଲେ ଆସନ୍ତା ୧୭ ତାରିଖରେ ଆନ୍ଦୋଳନକୁ ଓହ୍ଲାଇ ଗୋପାଳପୁର ପୋର୍ଟର ମୁଖ୍ୟ ଫାଟକ ସମ୍ମୁଖରେ ଗଣଧାରଣା ଦିଆଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି ।ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ, ଗତବର୍ଷ ଜୁଲାଇ ୨୫ ତାରିଖରେ ଗୋପାଳପୁର ପୋର୍ଟ ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଦିଆଯାଇଥିଲା। ପରେ ଜିଲ୍ଲା ପ୍ରଶାସନର ମଧ୍ୟସ୍ଥତାରେ ତ୍ରିପାକ୍ଷିକ ବୈଠକ ହୋଇଥିଲା। ବୈଠକରେ ଗ୍ରାମର ସମୁଦ୍ର କୂଳ ସମ୍ପୂର୍ଣ୍ଣ ସୁରକ୍ଷିତ ନହେବା ପର୍ଯ୍ୟନ୍ତ ପ୍ରତିଦିନ ୨୫ଟି ହାଇୱା ଟ୍ରକ୍ ଯୋଗେ ପଥର ପକାଇବାକୁ ନିଷ୍ପତ୍ତି ହୋଇଥିଲା। ହେଲେ ମାତ୍ର ୧୦ ଦିନ କାମ ହେବା ପରେ ଏହା ବନ୍ଦ ହୋଇଯାଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି ।ଫଳରେ ସମୁଦ୍ର କୂଳ ସୁରକ୍ଷାରେ କୌଣସି ସ୍ଥାୟୀ ସମାଧାନ ହୋଇନଥିବା ବେଳେ ସମୁଦ୍ର ଆହୁରି ଗ୍ରାମ ନିକଟକୁ ମାଡ଼ି ଆସୁଛି। ଏଭଳି ସ୍ଥିତି ଜାରି ରହିଲେ ଆର୍ଯ୍ୟପଲ୍ଲୀ ଗ୍ରାମ ସମୁଦ୍ର ଗର୍ଭରେ ଲୀନ ହୋଇଯିବାର ଆଶଙ୍କା ରହିଥିବା ଅଞ୍ଚଳବାସୀ କହିଛନ୍ତି। ତେଣୁ ଯଥାଶୀଘ୍ର ସ୍ଥାୟୀ ପଥର ବନ୍ଧ ନିର୍ମାଣ କରି ଗ୍ରାମକୁ ସୁରକ୍ଷା ଦେବାକୁ ସେମାନେ ଦାବି କରିଛନ୍ତି ।ଦାବିପତ୍ର ପ୍ରଦାନ ବେଳେ ଗଞ୍ଜାମ ଜିଲ୍ଲା ମତ୍ସ୍ୟଜୀବୀ ଫୋରମ୍‌ର ଜିଲ୍ଲା ସଭାପତି ଏମ୍. ଗୁମାଲୀ, ସାଧାରଣ ସମ୍ପାଦକ ବି. ଭୀମସେନ, ପୂର୍ବତନ ଛତ୍ରପୁର ବ୍ଲକ ଉପାଧ୍ୟକ୍ଷ ପ୍ରଶାନ୍ତ କୁମାର କର, ଏମ୍. ଗୋବିନ୍ଦା, ଏମ୍. ଶାମା, ଜେ. ଚିନେୟାଙ୍କ ସମେତ ବହୁ ଅଞ୍ଚଳବାସୀ ଉପସ୍ଥିତ ଥିଲେ।



# ଏସ୍‌ଆଇଆର୍‌ର ସଂଶୋଧିତ କାର୍ଯ୍ୟସୂଚୀ ନେଇ ସର୍ବଦଳୀୟ ବୈଠକ

ଛତ୍ରପୁର,୧୧।୮ :(ମନ୍ଥନ) ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)-୨୦୨୬ର ସଂଶୋଧିତ କାର୍ଯ୍ୟସୂଚୀ ଓ ଅନ୍ୟାନ୍ୟ ବିଷୟ ନେଇ ଛତ୍ରପୁର ସ୍ଥିତ ସଦ୍‌ଭାବନା ସମ୍ମିଳନୀ କକ୍ଷରେ ମଙ୍ଗଳବାର ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଦେବଦତ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ସ୍ୱୀକୃତିପ୍ରାପ୍ତ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ଯୋଗଦେଇଥିଲେ ।ଗଞ୍ଜାମ ଜିଲ୍ଲାରେ ଏସ୍‌ଆଇଆର୍ କାର୍ଯ୍ୟକ୍ରମ ସୁଚାରୁରୂପେ ସମ୍ପାଦିତ ହେଉଥିବାରେ ରାଜନୈତିକ ଦଳଗୁଡ଼ିକର ସହଯୋଗକୁ ଶ୍ରୀ ପଣ୍ଡା ପ୍ରଶଂସା କରିବା ସହ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ରାଜନୈତିକ ଦଳକୁ ଧନ୍ୟବାଦ ଜଣାଇଥିଲେ ।ବୈଠକରେ ଏସ୍‌ଆଇଆର୍ ପ୍ରକ୍ରିୟାରେ ଦାବି ଓ ଆପତ୍ତି ଗ୍ରହଣ ସହ ଏହାର ଫଇସଲା ପ୍ରକ୍ରିୟା ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ସଂଶୋଧିତ କାର୍ଯ୍ୟସୂଚୀ ଅନୁଯାୟୀ, ଦାବି ଓ ଆପତ୍ତି ଦାଖଲର ଅବଧି ୫ ଜୁଲାଇରୁ ୧୯ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ରହିଛି। ଦାବି ଓ ଆପତ୍ତିର ଫଇସଲା ସମ୍ପର୍କିତ



ନୋଟିସ୍ ପର୍ଯ୍ୟାୟ ୫ ଜୁଲାଇରୁ ୧୭ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ଚାଲିବ। ଏହାପରେ ୨୧ ସେପ୍ଟେମ୍ବର ୨୦୨୬ରେ ଚୂଡ଼ାନ୍ତ ମତଦାତା ତାଲିକା ପ୍ରକାଶ ପାଇବ ।ଏହାସହ ବୈଠକରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ଉପସ୍ଥାପନ କରିଥିବା ବିଭିନ୍ନ ପ୍ରସଙ୍ଗ ଓ ପରାମର୍ଶ ଉପରେ ଆଲୋଚନା କରାଯାଇଥିଲା ।ବୈଠକରେ ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ, ଡେପୁଟି କଲେକ୍ଟର ଡ. ଅରୁଣ କୁମାର ଖଣ୍ଡା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୌରଭ ପ୍ରଧାନଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଏନ୍. ଗଙ୍ଗାଧର ରେଡ୍ଡୀ, ଭି. ମଙ୍ଗଳେଶ୍ୱର ରାଓ, ଲକ୍ଷ୍ମୀ ନାରାୟଣ ପଣ୍ଡା, କାଳିଆ ରାଉଳ, ଭଗବାନ ଗନ୍ତାୟତ ଓ ଯୁବରାଜ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ବରିଷ୍ଠ ଶିକ୍ଷାବିତ୍ ଅକ୍ଷୟ କୁମାର ପାତ୍ରଙ୍କୁ ଡକ୍ଟରେଟ ଉପାଧି

ପିପିଲି,୧୧।୮ :(ମନ୍ଥନ)ପିପିଲି ବ୍ଲକ କଂଟି ପଂଚାୟତ ଅର୍ନ୍ତଗତ ନିଜଗଡକୁରଖି ଗ୍ରାମର ବରିଷ୍ଠ ଶିକ୍ଷାବିତ୍ ଅକ୍ଷୟ କୁମାର ପାତ୍ରଙ୍କୁ ଡକ୍ଟରେଟ ଉପାଧି ପ୍ରଦାନ କରାଯାଇଛି। ଭାରତ ସରକାରଙ୍କ ଦ୍ୱାରା ପଞ୍ଜିକୃତ କର୍ପୋରେଟ ବ୍ୟାପର ମନ୍ତ୍ରାଳୟ ରାଉଲକେଲା ଠରେ ଶିକ୍ଷା ବିଭାଗର ବିଏ ଏବଂ



ବିଇଡି ରେ ତାଙ୍କୁ ଏହି ଡକ୍ଟରେଟ ଉପାଧି ମିଳିଛି ।ଏହି ଉପାଧି ମିଳିବା ପରେ ପିପିଲି ସମେତ ଆଖପାଖ ଅଂଚଳ ନିଜ ଗାଁ ନିଜଗଡକୁରଖି,କୁଦିଆରୀ,କୁହା ଆଦି ଅଂଚଳରୁ ଶୁଭେଚ୍ଛା ଓ ଅଭିନନ୍ଦନର ସୁଅ ଛୁଟିଛି। ସେ ଜଟଣିସ୍ଥିତ କୁଦିଆରୀ ଉଚ୍ଚ ବିଦ୍ୟାଳୟରୁ ଶିକ୍ଷକତା ଆରମ୍ଭ କରି କ୍ଷେତ୍ରପାଳୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକତା କରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ତତ୍ ସହିତ ଛାତ୍ରଛାତ୍ରୀ ମାନଙ୍କୁ ଉତମ ଶିକ୍ଷାଦାନ, ବିଦ୍ୟାଳୟର ସୁପରିଚାଳନା ,ବିଦ୍ୟାଳୟ ର ସ୍ୱଚ୍ଛ ଓ ସୁସ୍ଥ ପରିବେଶ,ସରକାରୀ କାର୍ଯ୍ୟରେ ସଫଳ ରୁପାୟନ ଆଦି ବଳିଷ୍ଠ କାର୍ଯ୍ୟ ଦକ୍ଷତା ପାଇଁ ସବୁଠି ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ଶିକ୍ଷା ବିଭଗରେ ଡକ୍ଟରେଟ ଉପାଧି ପାଇ ଆଉ ପାଦେ ଆଗକୁ ଆଗେଇ ଥିବାରୁ ପରିବାର ସମେତ ଆଖପାଖ ବନ୍ଧୁ ବାନ୍ଧବ,ଛାତ୍ରଛାତ୍ରୀ ମାନଙ୍କ ମନରେ ଆନନ୍ଦର ଲହରୀ ଖେଳିଯାଇଛି।

# କବିସୂର୍ଯ୍ୟନଗର ସହରରେ ଫେଲ୍ ମାରିଛି ସ୍ୱଚ୍ଛ ଭାରତ ମିଶନ !

କବିସୂର୍ଯ୍ୟନଗର,୧୧।୮ :(ମନ୍ଥନ)ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ସହରରେ ଫେଲ୍ ମାରିଛି କି ସ୍ୱଚ୍ଛ ଭାରତ ମିଶନ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଦୁଇଟି ଗୋଷ୍ଠୀ ଶୌଚାଳୟ ଆଜି ଜରାଜୀର୍ଣ୍ଣ ଅବସ୍ଥାରେ। ପୂର୍ବ ସରକାରଙ୍କ ୫-ଟି ଯୋଜନା ମାଧ୍ୟମରେ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଏହି ଶୌଚାଳୟ ଏଯାଏଁ କାର୍ଯ୍ୟକ୍ଷମ ହୋଇନଥିବା ଅଭିଯୋଗ ହୋଇଛି। ଫଳରେ ଶୌଚ ପାଇଁ ନିତିଦିନିଆ ଯାତ୍ରୀ ଓ ସ୍ଥାନୀୟ ଲୋକେ ହଇରାଣ ହେଉଛନ୍ତି ।ଗଞ୍ଜାମ ଜିଲ୍ଲାର ଏକ ପୁରାତନ ସହର ହେଉଛି କବିସୂର୍ଯ୍ୟନଗର। ଏଠାରେ ରହିଛି ପ୍ରସିଦ୍ଧ ମା' ମହାମାୟୀଙ୍କ ପୀଠ। ପ୍ରତିଦିନ ଏଠାରେ ହଜାର ହଜାର ଭକ୍ତ, ଯାତ୍ରୀ ଓ ପର୍ଯ୍ୟଟକଙ୍କ ସମାଗମ ହୋଇଥାଏ ।ସାଧାରଣ ଲୋକଙ୍କ ସୁବିଧା ପାଇଁ ପୂର୍ବ ସରକାରଙ୍କ ୫-ଟି ଯୋଜନା ଅଧୀନରେ ସହରରେ ଦୁଇଟି ଗୋଷ୍ଠୀ ଶୌଚାଳୟ ନିର୍ମାଣ କରାଯାଇଥିଲା। ଏଥିପାଇଁ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ହୋଇଥିବା କୁହାଯାଉଛି। ହେଲେ ନିର୍ମାଣ ପରେ ମଧ୍ୟ ଏହି ଶୌଚାଳୟଗୁଡ଼ିକ ନିୟମିତ ଭାବେ କାର୍ଯ୍ୟକ୍ଷମ ହୋଇପାରିନଥିବାରୁ ଏବେ ଜରାଜୀର୍ଣ୍ଣ ଅବସ୍ଥାକୁ ଆସିଯାଇଛି ।ଫଳରେ ବାହାରୁ ଆସୁଥିବା ଯାତ୍ରୀଙ୍କ ସମେତ ସ୍ଥାନୀୟ ଜନସାଧାରଣ, ବିଶେଷକରି ମହିଳା ଓ କଲେଜ ଛାତ୍ରୀମାନେ ଶୌଚ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି ।କେବଳ ଶୌଚାଳୟ ନୁହେଁ, ସହରର ବିଭିନ୍ନ ସ୍ଥାନରେ କୁଢ଼ କୁଢ଼ ଅଳିଆ ଆବର୍ଜନା ପଡ଼ି ରହିଥିବା ଦୃଶ୍ୟ ମଧ୍ୟ ସାମ୍ନାକୁ ଆସିଛି। ଅଳିଆ ଆବର୍ଜନା ଯୋଗୁଁ ଅନେକ ସ୍ଥାନରେ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଏହାକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି ।ସହରର ପରିମଳ ବ୍ୟବସ୍ଥାକୁ ସୁଧାରିବା ସହ ନିର୍ମାଣ ହୋଇଥିବା ଶୌଚାଳୟଗୁଡ଼ିକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ଏବଂ ନିୟମିତ ଭାବେ ଅଳିଆ ଆବର୍ଜନା ସଫା କରିବାକୁ ସହରବାସୀ ଦାବି କରିଛନ୍ତି ।ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଶୌଚାଳୟ ଯଦି ଲୋକଙ୍କ କାମରେ ନଆସେ, ତେବେ ଏହାର ନିର୍ମାଣ କରିବାର ଉଦ୍ଦେଶ୍ୟ କଣ ପାଇଁ ବୋଲି ସହରରେ ଆଲୋଚନା ହେଉଛି। ଶୌଚାଳୟର କାର୍ଯ୍ୟକ୍ଷମ କରିବା ପ୍ରତି ପ୍ରଶାସନ କେବେ ଦୃଷ୍ଟି ଦେଇ ପଦକ୍ଷେପ ନେଉଛନ୍ତି ତାହା ଦେଖିବାକୁ ବାକି ରହିଲା।

# ମହାପାଟ ମହାବିଦ୍ୟାଳୟରେ ଜିଲ୍ଲା ଯାଦବ ମହାସଭା ପକ୍ଷରୁ ବୃକ୍ଷରୋପଣ

କେନ୍ଦୁଝର, ୧୧।୮ :(ମନ୍ଥନ) ପରିବେଶ ସୁରକ୍ଷା ଓ ସବୁଜ ପରିବେଶ ସୃଷ୍ଟି ଲକ୍ଷ୍ୟରେ ମହାପାଟ ମହାବିଦ୍ୟାଳୟ, ଜଂଘିରା ପରିସରରେ କେନ୍ଦୁଝର ଜିଲ୍ଲା ଯାଦବ ମହାସଭା ପକ୍ଷରୁ ଏକ ବୃହତ୍ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଜିଲ୍ଲା ଯାଦବ ମହାସଭାର ସଭାପତି ଶ୍ରୀ ପ୍ରଦୀପ କୁମାର ବାରିକଙ୍କ ନିର୍ଦ୍ଦେଶକ୍ରମେ ଏହି ମହତ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।କାର୍ଯ୍ୟକ୍ରମରେ କେନ୍ଦୁଝର ଜିଲ୍ଲା ଯାଦବ ମହାସଭାର ବିଭିନ୍ନ କାର୍ଯ୍ୟକର୍ତ୍ତା, ହରିଚନ୍ଦନପୁର ଓ ଜଂଘିରା ଅଞ୍ଚଳର ଯାଦବ ସମାଜର କର୍ମକର୍ତ୍ତା, ମହାବିଦ୍ୟାଳୟର ଅଧ୍ୟାପକ-ଅଧ୍ୟାପିକା ଏବଂ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଯୋଗଦେଇଥିଲେ ।ପ୍ରଥମେ ମା' ତାରିଣୀଙ୍କ ଫଟୋଚିତ୍ରରେ ମୁଖ୍ୟ ଅତିଥି ଓ ଅନ୍ୟ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ଦୀପ ପ୍ରଜ୍ୱଳନ କରି ସଭାକାର୍ଯ୍ୟର ଶୁଭାରମ୍ଭ କରିଥିଲେ ।ଏହି ଅବସରରେ ଅତିଥିମାନେ ପରିବେଶ ସୁରକ୍ଷାରେ ବୃକ୍ଷର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। "ବୃକ୍ଷ ହିଁ ଜୀବନ" ବୋଲି ଉଲ୍ଲେଖ କରି ଜିଲ୍ଲା ଯାଦବ ମହାସଭାର ସଭାପତି ଶ୍ରୀ ପ୍ରଦୀପ କୁମାର ବାରିକ କହିଥିଲେ ଯେ, ବୃକ୍ଷ କେବଳ ଆମକୁ ଅମ୍ଳଜାନ ଦେଇନଥାଏ, ଏହା ପରିବେଶର ସନ୍ତୁଳନ ରକ୍ଷା ସହିତ ମାନବ ସମାଜର ଜୀବନଧାରଣର ଏକ ପ୍ରମୁଖ ଆଧାର। ତେଣୁ ବୃକ୍ଷରୋପଣ କରିବା ସହିତ ରୋପଣ କରାଯାଇଥିବା ଗଛଗୁଡ଼ିକର ଯତ୍ନ ନେଇ ସେଗୁଡ଼ିକୁ ବଞ୍ଚାଇ ରଖିବା ଆମ ସମସ୍ତଙ୍କ ଗୁରୁଦାୟିତ୍ୱ ।ଅନ୍ୟ ଅତିଥିମାନେ ମଧ୍ୟ ପରିବେଶ ସୁରକ୍ଷା, ଜଳବାୟୁ ପରିବର୍ତ୍ତନ ଓ ଭବିଷ୍ୟତ ପିଢ଼ି ପାଇଁ ସବୁଜ ପରିବେଶର ଆବଶ୍ୟକତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଉପାଦେୟ ପରାମର୍ଶ ଦେଇଥିଲେ ।ଏହାପରେ ଜିଲ୍ଲା ଯାଦବ ମହାସଭାର ସଭାପତି ଶ୍ରୀ ପ୍ରଦୀପ କୁମାର ବାରିକ ପ୍ରଥମେ ବୃକ୍ଷରୋପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପରେ ଅନ୍ୟ ଅତିଥି, ଯାଦବ ମହାସଭାର କାର୍ଯ୍ୟକର୍ତ୍ତା, ଅଧ୍ୟାପକ-ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀମାନେ ମହାବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାରର ମୂଲ୍ୟବାନ ବୃକ୍ଷର ଚାରା ରୋପଣ କରିଥିଲେ ।ଏହି ବୃହତ୍ କାର୍ଯ୍ୟକ୍ରମରେ ପ୍ରାୟ ୬୦୦ଟି ମୂଲ୍ୟବାନ ବୃକ୍ଷ ଚାରା ରୋପଣ କରାଯାଇଥିବା ଜଣାପଡ଼ିଛି। ମହାବିଦ୍ୟାଳୟ ପରିସରକୁ ସବୁଜ ଓ ସୁନ୍ଦର କରିବା ସହିତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପରିବେଶ ସୁରକ୍ଷାର ଚେତନା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ।ଶେଷରେ ମହାପାଟ ମହାବିଦ୍ୟାଳୟ ପକ୍ଷରୁ ଉପସ୍ଥିତ ସମସ୍ତ ଅତିଥି, ଯାଦବ ମହାସଭାର କାର୍ଯ୍ୟକର୍ତ୍ତା, ଅଧ୍ୟାପକ-ଅଧ୍ୟାପିକା ଓ ଛାତ୍ରଛାତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

# ରାଜ୍ୟସ୍ତରୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ ପାଇଁ ପ୍ରସ୍ତୁତି ବୈଠକ

ଗୋପ, ୧୧।୮ :(ମନ୍ଥନ)୮୦ତମ ସ୍ୱାଧୀନତା ଦିବସ ପାଳନ ଅବସରରେ କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ ସହଯୋଗ କ୍ରମେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ରିଙ୍ଗ ରୋଡ୍ ସ୍ଥିତ କୋଣାର୍କ ଏନ.ଏ.ସି କଲ୍ୟାଣ ମଣ୍ଡପ ପରିସରରେ ଆୟୋଜନ ହେବ। ଏହି ଟୁର୍ନାମେଣ୍ଟକୁ କୋଣାର୍କ ସ୍ପ ?ର୍ଟ ଏକାଡେମୀ ଓ ଜନମଙ୍ଗଳ ଯୁବ ସଂଗଠନ ମିଳିତ ଭାବରେ ଆୟୋଜନ କରିବେ ବୋଲି ଜଣାପଡିଛି । ଆସନ୍ତା ୧୫ ତାରିଖ ଅପରାହ୍ଣ ୩ ଘଟିକା ରୁ ଆରମ୍ଭ ହ୍ ।ଏଥିରେ ରାଜ୍ୟର ବଛା ବଛା ଚାରିଗୋଟି ଦଳ ଭାଗ ନେବେ ବୋଲି ଆୟୋଜକ ସଂସ୍ଥା ପକ୍ଷରୁ ପ୍ରକାଶ କରାଯାଇଛି ।ଏହି ଟୁର୍ଣ୍ଣାମେଣ୍ଟରେ ବାଲେଶ୍ୱର କ୍ଲବ, ପୁରୀ କ୍ଲବ, ରେନବୋ ଭୁବନେଶ୍ୱର ଓ ଚନ୍ଦ୍ରଭାଗା କ୍ଲବ ମଧ୍ୟରେ

ମ୍ୟାଚ ଗୁଡିକ ଖେଳାଯିବ। ଏଥିରେ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରାଯା ସହ ପ୍ରତି ଭାବାନ ଖେଳାଳିଙ୍କୁ ସମ୍ମାନିତ କରାଯିବ ବୋଲି କୋଣାର୍କ ସ୍ପର୍ଟ ଏକାଡେମୀର ସଭାପତି ଚନ୍ଦ୍ରଶେଖର ରାଉତରାୟ ଓ ଜନମଙ୍ଗଳ ଯୁବ ସଂଗଠନର ସମ୍ପାଦକ ରାମକୃଷ୍ଣ ମହାନ୍ତି ସୂଚନା ପ୍ରଦାନ କରିଥିଲେ ଓ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ସ୍ପର୍ଟ ସ ଏକାଡେମୀର ସମ୍ପାଦକ ରମାକାନ୍ତ ଖଟୋଇ, ସଂଗ୍ରାମ କେଶରୀ ସାହୁ, ଶିଶିର ସେଠ, ନୀଳମଣି ମହାନ୍ତି, ପ୍ରସନ ମହାନ୍ତି, ମଙ୍ଗରାଜ ମୁଦୁଲି, ସ୍ୱାଧୀନ ନାୟକ, ବିପିନ ପରିଡା, ରମେଶ ସ୍ୱାଇଁ, ସୁଧାଂଶୁ ଶେଖର ପାଢ଼ୀ, ପିଙ୍କନ ଜେନା, ସୁ ଜି ତ ରାଉତରାୟ, ବିଶ୍ୱଜିତ ରାଉତରାୟ, ସୁବ୍ରତ ମହାନ୍ତି ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଆମ୍ବେଦକାର ଲୋହିଆ ମଂଚ ପକ୍ଷରୁ ବିଭିନ୍ନ କିସମ ର ଚାରା ରୋପଣ

ଡେଲାଙ୍ଗ,୧୧।୮ :(ମନ୍ଥନ) ପାକୃତିକ ବିପର୍ଯ୍ୟୟକୁ ରୋକିବାକୁ ହେଲେ ଚାରା ରୋପଣ ସହିତ ସବୁଜିମା ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱଦେବା ଆବଶ୍ୟକତା ରହିଛି । ପରିବେଶକୁ ସୁସ୍ଥ ଓ ସୁରକ୍ଷିତ ରଖିବା ପାଇଁ ପ୍ରତ୍ୟେକ ବ୍ୟକ୍ତି ଗୋଟିଏ ଚାରା ରୋପଣ କରିବା ଦ୍ୱାରା ମୃତିକା, ଜଳବାୟୁ ପ୍ରଭୃତିର ସୁରକ୍ଷା ହୋଇପାରିବ ବୋଲି ଝାରପଡା ସ୍ଥିତ ଆମ୍ବେଦକର ଲୋହିଆ ମଂଚର ଚାରା ରୋପଣ କାର୍ଯ୍ୟକ୍ରମରେ ଅତିଥିମାନେ ଯୋଗଦେଇ ନିଜର ମତବ୍ୟକ୍ତ ରଖିଥିଲେ । କେତେକ ଅସାମାଜିକ ବ୍ୟକ୍ତି ଜଙ୍ଗଲଜମି ନଷ୍ଟ କରିବା ସହିତ ବେଆଇନ୍ ଭାବେ ବୃକ୍ଷ କାଟି ଚୋରାଚାଲାଣ କରୁଛନ୍ତି । ଯାହା ଫଳରେ ଜଙ୍ଗଲରେ ବସବାସ କରୁଥିବା ଅନେକ ପଶୁ ଜଙ୍ଗଲ ଛାଡି ଗାଁ ମୁହାଁ ହେଉଛନ୍ତି । ଅନେକ ସ୍ଥାନରେ ଜଙ୍ଗଲ ନଷ୍ଟ ହେବା ଫଳରେ ଅନେକ ବନ୍ୟଜନ୍ତୁ ଲୋପ ପାଇବାକୁ ବସିଲେଣି । ଜଙ୍ଗଲ ଯନ୍ତୁଙ୍କ ସୁରକ୍ଷା ଓ ପରିବେଶ ସନ୍ତୁଳନ ବଜାୟ ରଖିବା ପାଇଁ ଗାଁ ଗାଁରେ ସଚେତନତା କରିବା ପାଇଁ ମଂଚ ପକ୍ଷରୁ ଆହ୍ୱାନ ଦିଆଯାଇଥିଲା । ଏହି ପରିପ୍ରେକ୍ଷିରେ ବରିଷ୍ଠ ସାମ୍ବାଦିକ ପ୍ରସନ୍ନ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାବେଶରେ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରାୟ, ପରିବେଶପ୍ରେମୀ ଦେବୀ ପୃଷ୍ଟି, ସ୍ଥାନୀୟ ଲୋହିଆ ମଂଚର ସଭାପତି ଭରତ ବେହେରା, ମଂଚର ରାଜ୍ୟ ସାଧାରଣ ସମ୍ପାଦକ କିଷାନ ପଟ୍ଟନାୟକ , ବ୍ଲକ ସଭାପତି ତଥା ଜିଲ୍ଲା ସମ୍ପାଦକ ଅକ୍ଷୟ ବେହେରା, ପ୍ରସନ୍ନ ଭଟ୍ଟ, ଭାସ୍କର ନାୟକ, ଶଶ୍ମୀତା ଭଟ୍ଟ, ଅନିତା ରାଉତ ପ୍ରମୁଖ ଉପସ୍ଥିତ ରହି ଚାରା ରୋପଣର ସୁପ୍ରଭାବ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ସ୍ଥାନୀୟ ସରକାରୀ ଜମିରେ ୧୦୦ରୁ ଊର୍ଦ୍ଧ୍ୱ ବିଭିନ୍ନ କିସମର ଚାରା ରୋପଣ କରିଥିଲେ ।

# ଜିଲ୍ଲାସ୍ତରୀୟ ଜାତୀୟ କୃମି ନାଶକ କାର୍ଯ୍ୟକ୍ରମର ଶୁଭାରମ୍ଭ

ଜଗତସିଂହପୁର,୧୧।୮ :(ମନ୍ଥନ) ଜଗତସିଂହପୁର ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଆଜି ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଜାତୀୟ କୃମି ନାଶକ କାର୍ଯ୍ୟକ୍ରମ ର ଶୁଭାରମ୍ଭ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା ସ୍ନିଗ୍ଧମୟୀ ମହାନ୍ତି ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ କୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଉପସ୍ଥିତ ଛାତ୍ରୀ ଓ ଶିକ୍ଷକ,ଶିକ୍ଷୟିତ୍ରୀ ମାନଙ୍କୁ ଏ ଦିଗରେ ସଚେତନ କରିବା ନିମନ୍ତେ ସେ କୃମି ନାଶକ ବଟିକା ଆଲବେଣ୍ଡାଜୋଲ ଖାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ୧ ରୁ ୧୯ ବର୍ଷ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ଏହି ସିରପ ଓ ବଟିକା ସେବନ କରାଇବା ନିମନ୍ତେ ଆଶା କର୍ମୀ, ସ୍ୱାସ୍ଥ୍ୟ କର୍ମୀ ଓ ଅଙ୍ଗନବାଡି ଦିଦି, ଶିକ୍ଷକଶିକ୍ଷୟିତ୍ରୀ ତଥା ଅଭିଭାବକ ମାନଙ୍କର ଗୁରୁଦାୟିତ୍ୱ ରହିଛି ବୋଲି ସେ କହିଥିଲେ ।ଏହି କାର୍ଯ୍ୟକ୍ରମରେ ଡ଼ା ପ୍ରମୋଦ କୁମାର ବାରିକ ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ଆଜି ଦିବସ ର ମହତ୍ତ୍ୱ ପ୍ରତିପାଦିତ କରିବାକୁ ଯାଇ କହିଲେ ୨୦୧୫ ମସିହା ଠାରୁ ପ୍ରତିବର୍ଷ ପରି ଏହି ବର୍ଷ ୧୦ ଅଗଷ୍ଟ ରେ ଜାତୀୟ କୃମି ନାଶକ ଦିବସ ପାଳନ କରାଯାଉଛି। ଯାହାର ଉଦ୍ଦେଶ୍ୟ ହେଉଛି ୧ ରୁ ୧୯ ବର୍ଷ ବୟସର ସମସ୍ତ ଶିଶୁ ଓ କିଶୋର



କିଶୋରୀ ତଥା ୨୦ରୁ ୨୪ ବର୍ଷ ବୟସର ସମସ୍ତ ମହିଳା ଯିଏକି (ଗର୍ଭବତୀ ଓ ପ୍ରସୂତି ହୋଇନଥିବେ) ଙ୍କୁ କୃମି ନାଶକ ବାଟିକାର ସେବନ କରାଇ ଏହି ଅଭିଯାନ କୁ ସଫଳ କରାଇବା। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସୁଶାନ୍ତ କୁମାର ମହାନ୍ତି କୃମି ଦ୍ୱାରା ସଂକ୍ରମିତ ହେଲେ ପୁଷ୍ଟିହୀନତା ,ରକ୍ତହୀନତା, ବଦହଜମୀ, ଶାରୀରିକ ତଥା ମାନସିକ ଅନଗ୍ରସରତା ଦେଖାଯିବା ସହ କାର୍ଯ୍ୟ ଦକ୍ଷତା କମିଯାଏ। ତେଣୁ କୃମି ସଂକ୍ରମଣ ରୁ ରକ୍ଷା ପାଇବା ପାଇଁ କୃମି ନାଶକ ବଟିକା ସେବନ କରିବା ସାଙ୍ଗେ ପରିଷ୍କାର ପରିଚ୍ଛନ ରହିବା, ମଳତ୍ୟାଗ ସମୟରେ ପାଇଖାନା ରେ ଚପଲ ବ୍ୟବହାର, ବିଶୁଦ୍ଧ ପାନୀୟ ଜଳ ସେବନ, ଖାଇବା ପୂର୍ବରୁ ହାତ ସଫା କରିବା, ନଖ କାଟିବା ଆଦି ବିଷୟରେ ଉପସ୍ଥିତ ଅତିଥି ମାନେ ସମସ୍ତଙ୍କୁ ସଚେତନ କାରାଇଥିଲେ। ଏହି ଅଭିଯାନ ମାଧ୍ୟମରେ ଆଜି ଜିଲ୍ଲାର ୧୪୦୩ ସରକାରୀ, ବେସରକାରୀ ବିଦ୍ୟାଳୟ, ୧୮୧୬ ଅଙ୍ଗନବାଡି କେନ୍ଦ୍ରରେ କୃମି ନାଶକ ଦିବସ ଆରମ୍ଭ ହୋଇଛି। ଏହି ସମସ୍ତ ସ୍ଥାନରେ ଆଶା କର୍ମୀ, ଅଙ୍ଗନବାଡି କର୍ମୀ , ଶିକ୍ଷକଶିକ୍ଷୟିତ୍ରୀ ଓ ସ୍ୱାସ୍ଥ୍ୟ କର୍ମୀମାନଙ୍କ ଉପସ୍ଥିତି ରେ ପିଲା ମାନଙ୍କୁ କୃମି ନାଶକ ବଟିକା ଓ ଶିରପ (ଆଲବେଣ୍ଡାଜୋଲ) ଖାଇବାକୁ ଦିଆଯାଇଛି। ଜିଲ୍ଲାର ୧୯୧୬୬୫ ଜଣ ୧ ରୁ ୧୯ ବର୍ଷ ବୟସର ଶିଶୁ ଓ କିଶୋର, ୨୦୦୩୯ ଜଣ ୨୦ରୁ ୨୪ ବର୍ଷ ବୟସର ପ୍ରସୂତି ବା ଗର୍ଭବତୀ ହୋଇନଥିବା ପ୍ରଜନନକ୍ଷମ ମହିଳା ମାନଙ୍କୁ ଏହି ବଟିକା ଓ ଶିରପ ଦିଆଯିବାର ଲକ୍ଷ୍ୟ ଧାର୍ଯ୍ୟ ରହିଛି । ଜିଲ୍ଲା ସ୍ତରୀୟ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆଇ ସି ଡି ଏସ ପ୍ରୋଗ୍ରାମ ଅଫିସର ରୁକ୍ମଣୀ ଲାକ୍ରା , ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା ବାସନ୍ତୀ ପାଲ, ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ବିଜୟଲକ୍ଷ୍ମୀ ଦାସ , ଡେପୁଟୀ ମ୍ୟାନେଜର ସନ୍ଧ୍ୟାରାଣି ପଣ୍ଡା ଓ ବିଦ୍ୟାଳୟ ର ସମସ୍ତ ଶିକ୍ଷୟତ୍ରୀ, ସ୍ୱାସ୍ଥ୍ୟ ବିଭାଗର କନ୍‌ସଲଟାଣ୍ଟ ଓ ଅନ୍ୟାନ୍ୟ କର୍ମକର୍ତା, ତଥା ବିଦ୍ୟାଳୟର ଛାତ୍ରୀ ଗଣ ଉପସ୍ଥିତ ଥିଲେ । ବିଦ୍ୟାଳୟ ସ୍ତରୀୟ କାର୍ଯ୍ୟକ୍ରମ ରେ ମହିଳା ସ୍ୱାସ୍ଥ୍ୟ କର୍ମୀ ,ସହରାଞ୍ଚଳ ର ଆଶା, ଆଦି ଉପସ୍ଥିତ ଥିଲେ। ଡେପୁଟି ମ୍ୟାନେଜର ସନ୍ଧ୍ୟା ରାଣୀ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ସହାୟକ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ସୁବ୍ରତ କୁମାର ମହାପାତ୍ର ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାର ପରିବର୍ତ୍ତନକୁ ବିରୋଧ

ଛତ୍ରପୁର, ୧୧।୮ :(ମନ୍ଥନ) ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ଆୟୁଷ୍ମାନ ଭାରତ ଯୋଜନାରେ ପରିବର୍ତ୍ତନ କରିବା ପ୍ରକ୍ରିୟାକୁ ଓଡ଼ିଶା ସାମ୍ବାଦିକ ସଂଘ (ଓଜେୟୁ) ଗଞ୍ଜାମ ଜିଲ୍ଲା ଶାଖା ପକ୍ଷରୁ ବିରୋଧ କରାଯାଇଛି। ଏନେଇ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଗଞ୍ଜାମ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି ।ସଂଘ ପକ୍ଷରୁ କୁହାଯାଇଛି ଯେ, କାର୍ଯ୍ୟରତ ସାମ୍ବାଦିକମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ପ୍ରଚଳିତ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାରେ ସ୍ୱତନ୍ତ୍ର ସୁବିଧା ରହିଛି। ଏହି ଯୋଜନାକୁ ଆୟୁଷ୍ମାନ ଭାରତ ଯୋଜନା ସହ ପରିବର୍ତ୍ତନ କରାଯିବା ନେଇ ଖବର ପ୍ରକାଶ ପାଇବା ପରେ ସାମ୍ବାଦିକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି ।ଓଜେୟୁ ଗଞ୍ଜାମ ଜିଲ୍ଲା ଶାଖା ପକ୍ଷରୁ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ପୂର୍ବବତ୍ ସ୍ୱତନ୍ତ୍ର ଭାବେ ଜାରି ରଖିବାକୁ ଦାବି କରାଯାଇଛି। ଏଥିସହ ସାମ୍ବାଦିକମାନଙ୍କ ପିତାମାତାଙ୍କୁ ମଧ୍ୟ ଏହି ଯୋଜନାରେ



ସାମିଲ କରିବାକୁ ସଂଘ ଦାବି ଜଣାଇଛି ।ସାମ୍ବାଦିକମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ସହ ଜଡ଼ିତ ଏହି ଯୋଜନା ସମ୍ପର୍କରେ ସରକାର ଶୀଘ୍ର ସ୍ପଷ୍ଟ ଓ ନିର୍ଭରଯୋଗ୍ୟ ନିଷ୍ପତ୍ତି ନେବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ଦାବିଗୁଡ଼ିକ ପୂରଣ ନହେଲେ ଆଗାମୀ ଦିନରେ ଓଜେୟୁ ପକ୍ଷରୁ ଗଣତାନ୍ତ୍ରିକ ଉପାୟରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି ।ଦାବିପତ୍ର ପ୍ରଦାନ ସମୟରେ ଓଜେୟୁ ଗଞ୍ଜାମ ଜିଲ୍ଲା ଶାଖାର କାର୍ଯ୍ୟକାରୀ ସଭାପତି ଉମାକାନ୍ତ ବେହେରା, ଉପସଭାପତି ପ୍ରଶାନ୍ତ କୁମାର ମହାରଣା ଓ ସରୋଜ କୁମାର ମହାନ୍ତି, ସାଧାରଣ ସମ୍ପାଦକ ଶିବ ପ୍ରସାଦ ସାହୁ, ରାଜ୍ୟ ଆବାହିକା ବିଜୟ ଲକ୍ଷ୍ମୀ ମହାକୁଡ, ସାମ୍ବାଦିକ ଶବର ତରାଇ, ସରୋଜ ସାମଲ, ବିଦ୍ୟାଧର ସାହୁ, ବଟକୃଷ୍ଣ ରାଉଳ, ରାକେଶ ରଞ୍ଜନ ଦାଶ, ସରୋଜ କୁମାର ପଟ୍ଟନାୟକ, ଦିଲ୍ଲୀପ କୁମାର ସାମଲ, ସନ୍ତୋଷ ସାହୁ, ଭଗବାନ ଦାଶ, ସୁଜୟ ସୁପ୍ରକାଶ ଧଳ, ପ୍ରଦୀପ କୁମାର ସାହୁ, ଦ୍ୱାରକା ପ୍ରସାଦ ପଟ୍ଟନାୟକ, କିଶୋର ଚନ୍ଦ୍ର ମହାନ୍ତି, ଗୌର ପ୍ରସାଦ ମହାପାତ୍ର, କେ. ରମେଶ, ଜିତେନ୍ଦ୍ର ନାୟକ, ଭାସ୍କର ବେହେରା ଓ ସୂର୍ଯ୍ୟ ନାରାୟଣ ପାଣିଗ୍ରାହୀଙ୍କ ସମେତ ଜିଲ୍ଲାର ବହୁ ସାମ୍ବାଦିକ ଉପସ୍ଥିତ ଥିଲେ।

ବୁଧବାର ୧୨ ଅଗଷ୍ଟ, ୨୦୨୬, ଭୁବନେଶ୍ୱର

Wednesday 12 August, 2026, Bhubaneswar



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।

ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

## ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି

ବର୍ଷା ଆସିବ, ମେଘ ଜମିବ, ଆକାଶ ଡାକିଯିବ, ଧାରାଧାରା ବର୍ଷାରେ ମାଟି ଭିଜିବ, ନଦୀ-ନାଳାରେ ପାଣି ବଢ଼ିବ—ଏହା ପ୍ରକୃତିର ନିୟମ। ଓଡ଼ିଶା ପରି ଏକ ବର୍ଷାପ୍ରବଣ ରାଜ୍ୟ ପାଇଁ ବର୍ଷା କୌଣସି ନୂଆ ଘଟଣା ନୁହେଁ। ବର୍ଷା ଆମ କୃଷିର ଜୀବନ, ଆମ ନଦୀର ପ୍ରାଣ, ଆମ ମାଟିର ଆଶା। କିନ୍ତୁ ପ୍ରଶ୍ନ ହେଉଛି—ଏହି ବର୍ଷା ଯେତେବେଳେ ସହରର ରାସ୍ତାକୁ ନଦୀରେ ପରିଣତ କରେ, ଘର ଭିତରକୁ ପାଣି ପଶେ, ଯାତାୟାତ ଠପ ହୋଇଯାଏ, ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହୁଏ ଏବଂ ହଜାର ହଜାର ଲୋକ ଘଣ୍ଟା ଘଣ୍ଟା ଧରି ଜଳବନ୍ଦୀ ହୋଇ ରହନ୍ତି—ତେବେ ଦୋଷ କେବଳ ବର୍ଷାର କି ? ନିଶ୍ଚୟ ନୁହେଁ। ବର୍ଷା ପ୍ରକୃତିର ଦାନ, କିନ୍ତୁ ବର୍ଷାଜଳକୁ ନିଷ୍କାସନ କରିବାରେ ଆମର ବିଫଳତା ମାନବସୃଷ୍ଟ ସମସ୍ୟା। ପ୍ରତିବର୍ଷ ବର୍ଷା ଆସୁଛି, ପ୍ରତିବର୍ଷ ସହର ଜଳମଗ୍ନ ହେଉଛି, ପ୍ରତିବର୍ଷ ନାଗରିକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ପ୍ରତିବର୍ଷ ପ୍ରଶାସନ ପକ୍ଷରୁ ନାଳା ସଫା, ଜଳନିଷ୍କାସନ ଓ ଜରୁରୀ ବ୍ୟବସ୍ଥା ସମ୍ପର୍କରେ ଆଶ୍ୱାସନ ମିଳୁଛି, ତଥାପି ବର୍ଷା ଆସିଲେ ସେହି ପୁରୁଣା ଚିତ୍ର ଆମ ସାମ୍ନାରେ ଫେରିଆସୁଛି। ତେବେ ପ୍ରଶ୍ନ ଉଠିବା ସ୍ୱାଭାବିକ—ଆମେ କ'ଣ ଶିଖୁଛୁ ? ବର୍ଷା ହଠାତ୍ ଆସେ ନାହିଁ। ବର୍ଷା ଋତୁ ଆସିବ ବୋଲି ପ୍ରଶାସନ ଜାଣେ, ନାଗରିକ ଜାଣନ୍ତି, ବିଶେଷଜ୍ଞ ଜାଣନ୍ତି। ପାଣିପାଗ ବିଭାଗ ମଧ୍ୟ ଅନେକ ସମୟରେ ଆଗୁଆ ସତର୍କତା ଜାରି କରେ। ତେବେ ପ୍ରସ୍ତୁତି କାହିଁକି ବର୍ଷା ପରେ ଆରମ୍ଭ ହୁଏ ? ବର୍ଷା ପୂର୍ବରୁ ନାଳା ସଫା ହେବା ଦରକାର, ଜଳ ନିଷ୍କାସନ ପଥରେ ଥିବା ଅବରୋଧ ହଟିବା ଦରକାର, ପୋଖରୀ, ଜଳାଶୟ ଓ ପ୍ରାକୃତିକ ଜଳପଥର ସୁରକ୍ଷା ହେବା ଦରକାର, ନିମ୍ନାଞ୍ଚଳର ଅବସ୍ଥା ଚିହ୍ନଟ କରି ଆଗୁଆ ପଦକ୍ଷେପ ନିଆଯିବା ଦରକାର। କିନ୍ତୁ ଅନେକ ସହରରେ ଦେଖାଯାଏ, ନାଳା ସଫା କାମ ବର୍ଷା ଆସିବା ପରେ ଦ୍ରୁତଗତିରେ ଚାଲିଥାଏ, ଜଳବନ୍ଦୀ ହେବା ପରେ ପମ୍ପ ଲଗାଯାଏ, ରାସ୍ତାରେ ପାଣି ଜମିବା ପରେ ଜଳ ନିଷ୍କାସନର ବ୍ୟବସ୍ଥା ଖୋଜାଯାଏ। ଏହା କି ପ୍ରସ୍ତୁତି, ନା ଏହା କେବଳ ସଙ୍କଟ ପରେ ସଙ୍କଟ ପରିଚାଳନା ? ସହରର ଜଳବନ୍ଦୀର ଏକ ବଡ଼ କାରଣ ହେଉଛି ଅବ୍ୟବସ୍ଥିତ ଜଳନିଷ୍କାସନ ବ୍ୟବସ୍ଥା। ବହୁ ସ୍ଥାନରେ ନାଳା ଥିଲେ ମଧ୍ୟ ତାହାର ଗଭୀରତା, ପ୍ରସ୍ଥ ଓ ପ୍ରବାହ କ୍ଷମତା ପର୍ଯ୍ୟାପ୍ତ ନୁହେଁ। କେଉଁଠି ନାଳା ଆବର୍ଜନାରେ ପୂରିଯାଇଛି, କେଉଁଠି ଅବୈଧ ନିର୍ମାଣରେ ଜଳପଥ ସଙ୍କୁଚିତ ହୋଇଛି। ସହର ବଢ଼ୁଛି, ନୂଆ ଘର ହେଉଛି, ନୂଆ ରାସ୍ତା ହେଉଛି, ବହୁତଳ କୋଠା ଉଠୁଛି, କିନ୍ତୁ ଏହି ବିକାଶ ସହିତ ବର୍ଷାଜଳ ଯିବାର ପଥ ବଢ଼ୁଛି କି ? ବରଂ ଅନେକ ସ୍ଥାନରେ ଜଳ ଶୋଷିବା ପାଇଁ ଥିବା ମାଟି ଉପରେ ପକ୍କା ନିର୍ମାଣ ହେଉଛି, ପୋଖରୀ ପୋତାଯାଉଛି, ଖୋଲା ଜମି କମୁଛି, ଜଳାଶୟ ସଙ୍କୁଚିତ ହେଉଛି। ଫଳରେ ବର୍ଷାର ପାଣି ମାଟି ଭିତରକୁ ଯିବାର ସୁଯୋଗ ପାଉନାହିଁ। ସେହି ପାଣି ରାସ୍ତାକୁ ଯାଉଛି, ରାସ୍ତାରୁ ନାଳାକୁ ଯିବା କଥା, ନାଳାରୁ ନଦୀ କିମ୍ବା ଜଳାଶୟକୁ ଯିବା କଥା, କିନ୍ତୁ ମଝିରେ ଯଦି ପଥ ଅବରୋଧ ହୋଇଥାଏ, ତେବେ ପାଣି ଯିବ କେଉଁଠି ? ଉତ୍ତର ହେଉଛି—ଲୋକଙ୍କ ଘରକୁ। ଆମ ପୂର୍ବପୁରୁଷମାନେ ସହର ଓ ଗାଁର ଯୋଜନାରେ ଜଳକୁ ଗୁରୁତ୍ୱ ଦେଇଥିଲେ। ପୋଖରୀ ଥିଲା, ଜଳାଶୟ ଥିଲା, ନଦୀ ଓ ନାଳାର ପ୍ରାକୃତିକ ପଥ ଥିଲା। ଆଜି ଆମେ ବିକାଶର ନାମରେ ସେହି ପ୍ରାକୃତିକ ବ୍ୟବସ୍ଥାକୁ ଧ୍ୱଂସ କରୁଛୁ। ପୋଖରୀ ଭରି ଘର ହେଉଛି, ଜଳାଶୟର ଜମି ଅନ୍ୟ କାମରେ ବ୍ୟବହୃତ ହେଉଛି, ନଦୀପଥ ଓ ନାଳାପଥ ଧୀରେ ଧୀରେ ସଙ୍କୁଚିତ ହେଉଛି। ପ୍ରକୃତିର ନିୟମ ସରଳ। ଯେଉଁଠି ପାଣି ରହିବାର ସ୍ଥାନ ନଥାଏ, ସେଠି ପାଣି ନିଜ ପଥ ନିଜେ ଖୋଜିବ। ସେହି ପଥ ଯଦି ରାସ୍ତା ହୁଏ, ରାସ୍ତା ଜଳମଗ୍ନ ହେବ। ସେହି ପଥ ଯଦି ଘର ହୁଏ, ଘର ଜଳମଗ୍ନ ହେବ। ତେଣୁ ଜଳବନ୍ଦୀର ସମାଧାନ କେବଳ ବଡ଼ ନାଳା ତିଆରି କରିବା ନୁହେଁ, ପ୍ରଥମେ ଜଳର ପ୍ରାକୃତିକ ପଥକୁ ବୁଝିବା ଦରକାର। ଏକ ସହର କେବଳ ରାସ୍ତା, କୋଠା ଓ ବଜାରର ସମାହାର ନୁହେଁ। ଏକ ସହରର ନିଜସ୍ୱ ଜଳ ବ୍ୟବସ୍ଥା ଥାଏ। ବର୍ଷାଜଳ କେଉଁଠି ପଡ଼ିବ, କେଉଁଠି ରହିବ, କେଉଁଠି ଯିବ—ଏହାର ଯୋଜନା ରହିବା ଆବଶ୍ୟକ। ଆମ ସହର ଯଦି ଆଗାମୀ ଦଶ କିମ୍ବା କୋଡ଼ିଏ ବର୍ଷର ଜନସଂଖ୍ୟାକୁ ଧ୍ୟାନରେ ରଖି ଗଢ଼ାଯାଉଛି, ତେବେ ଆଗାମୀ ଦଶ କିମ୍ବା କୋଡ଼ିଏ ବର୍ଷର ବର୍ଷାକୁ ମଧ୍ୟ ଧ୍ୟାନରେ ରଖିବାକୁ ପଡ଼ିବ। ଆଜି ଯେଉଁ ଅଞ୍ଚଳରେ ଦଶ ବର୍ଷ ପୂର୍ବରୁ ବର୍ଷା ହେଲେ ଜଳ ଜମୁନଥିଲା, ସେଠାରେ ଏବେ ଅଳ୍ପ ସମୟର ବର୍ଷାରେ ଜଳ ଜମୁଛି। ଏହାର ଅର୍ଥ କେବଳ ବର୍ଷାର ପରିମାଣ ବଢ଼ିଛି ନୁହେଁ, ସହରର ଜଳ ଧାରଣ ଓ ଜଳନିଷ୍କାସନ କ୍ଷମତା ମଧ୍ୟରେ ଅସମତୁଳନ ବଢ଼ିଛି। ଏହି ଅସମତୁଳନକୁ ଏବେ ଠିକ୍ କରିବାର ସମୟ ଆସିଛି। ଓଡ଼ିଶାର ଲୋକଙ୍କ ପାଇଁ ବର୍ଷା ଅଭିଶାପ ନୁହେଁ। ଚାଷୀ ପାଇଁ ବର୍ଷା ଆଶୀର୍ବାଦ, ଜଳାଶୟ ପାଇଁ ବର୍ଷା ଜୀବନ, ଭୂତଳ ଜଳ ପାଇଁ ବର୍ଷା ଆବଶ୍ୟକ। ସମସ୍ୟା ହେଉଛି ଆମେ ବର୍ଷାକୁ ସଂରକ୍ଷଣ କରିବା ବଦଳରେ ତାହାକୁ ଶୀଘ୍ର ସହର ବାହାରକୁ ପଠାଇବାକୁ ଚାହୁଁଛୁ। କିନ୍ତୁ ସହରର ପ୍ରାକୃତିକ ଜଳପଥ ଯଦି ଅବରୋଧ ହୋଇଥାଏ, ତେବେ ସେହି ଯୋଜନା ବିଫଳ ହେବା ନିଶ୍ଚିତ।

# ବର୍ଷା ଋତୁ, ଲିଭର ଓ ଲେପ୍ଟୋସ୍ପାଇରୋସିସ୍ ସଂକ୍ରମଣ

### ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଚଳିତ ମୌସୁମୀ ବର୍ଷାର ଅସ୍ୱାସ୍ଥ୍ୟକର ଚିତ୍ର ମୁମ୍ବାଇ ଓ ଭାରତର କିଛି ମହାନଗରୀରରେ ଏକ ଜଟିଳ ସ୍ୱାସ୍ଥ୍ୟ ସଂକ୍ରମଣକୁ ସୃଷ୍ଟି କରିଛି। ଗଣମାଧ୍ୟମର ଖବର ଅନୁଯାୟୀ ସ୍ଥାନୀୟ ସ୍ୱାସ୍ଥ୍ୟ ଅଧିକାରୀମାନେ ଏହି ସଂକ୍ରମଣରେ ଲେପ୍ଟୋସ୍ପାଇରୋସିସର ପ୍ରଭାବୀ ଭୂମିକା ସମ୍ପର୍କରେ ତଥ୍ୟ ରଖିଛନ୍ତି। ସାଧାରଣତଃ ଲେପ୍ଟୋସ୍ପାଇରୋସିସ୍ ସଂକ୍ରମଣ ହେଉଛି ଏକ ବ୍ୟାକ୍ଟେରିଆ ଜନିତ ରୋଗ ଯାହାକି ପ୍ରାୟତଃ ବର୍ଷା ଦିନରେ ହିଁ ଏହାର ଭୟଙ୍କର ରୂପ ଦେଖାଇଥାଏ। ଯେତେବେଳେ ଜଣେ ମୂଷାର ପରିସ୍ରା ଦ୍ୱାରା ଦୂଷିତ ପାଣି କିମ୍ବା ମାଟି ସଂସ୍ପର୍ଶରେ ଆସିଥାଏ ସେତେବେଳେ ଏହି ରୋଗକୁ ସାମ୍ନା କରିଥାଏ। ପୃଥିବୀ ବିଖ୍ୟାତ ଗବେଷଣାଭିତ୍ତିକ ସ୍ୱାସ୍ଥ୍ୟ ପତ୍ରିକା 'ଲାନସେଟ୍' ଏହାର ଚଳିତ ଜୁଲାଇ ସଂଖ୍ୟାରେ ଏହି ରୋଗ ସମ୍ପର୍କରେ ବିଶେଷ ଭାବରେ ଉଲ୍ଲେଖ କରିଛି। ବିଶ୍ୱର ସବୁଠାରୁ ଘାତକ ଓ ସଂକ୍ରମଣ ଜୁନୋଟିକ୍ ରୋଗ ଭିତରୁ ଏହା ଅନ୍ୟତମ। ଏହି ରୋଗର ଭୟାବହତା ବିଶେଷକରି ପ୍ରବଳ ବର୍ଷା ଓ ବନ୍ୟା ସମୟରେ ଜନସ୍ୱାସ୍ଥ୍ୟ କ୍ଷେତ୍ରର ବଡ଼ ସମସ୍ୟା ଭାବରେ ସାମ୍ନାକୁ ଆସିଥାଏ। ଉଦବେଗଜନକ ତଥ୍ୟ ହେଉଛି ପ୍ରାରମ୍ଭିକ ସମୟରେ ଅନେକ ଏହାକୁ ଚିହ୍ନଟ କରିପାରିନଥାନ୍ତି। ଯାହାକି ପରବର୍ତ୍ତୀ ସମୟରେ ଏକ ସାଂଘାତିକ ରୂପ ଦେଖାଇଥାଏ।

ଲେପ୍ଟୋସ୍ପାଇରା ପ୍ରଜାତିର ବ୍ୟାକ୍ଟେରିଆ ଲେପ୍ଟୋସ୍ପାଇରୋସିସ୍ ଏଥିପାଇଁ ଦାୟୀ। ସେହିପରି ଆମେରିକାର ସେଣ୍ଟର ଫର ଡିଜଜ୍ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନସନ ଅନୁଯାୟୀ ଦୂଷିତ କାଦୁଅ କିମ୍ବା ଜଳ ସଂସ୍ପର୍ଶରେ ଆସିଲେ ଏହି ବ୍ୟାକ୍ଟେରିଆ ଚର୍ମ, ପାଟି, ଆଖି ଓ ନାକ ଦେଇ ଜଣଙ୍କ ଶରୀରକୁ ପ୍ରବେଶ କରି ସଂକ୍ରମିତ କରିଥାଏ। କେବଳ ମୂଷା ମାନଙ୍କ ସହିତ ନୁହେଁ ଏହି ଘାତକ ଜୀବାଣୁମାନେ କୁକୁର, ଗୋରୁଗାଈ, ଘୁଷୁରୀ ଓ ଚଢ଼େଇ ମାନଙ୍କ ଦ୍ୱାରା ବ୍ୟାପିଥାଏ। ପ୍ରବଳ ବର୍ଷା ହେଉଥିବା ସମୟରେ ଯେଉଁମାନେ ସୁରକ୍ଷିତ ଜୋତା ନପିନ୍ଧି ବନ୍ୟା ପାଣିରେ ଚାଲନ୍ତି ଏପରିକି ସଫେଇ କର୍ମଚାରୀ, ଉଦ୍ଧାରକାରୀ ଦଳ ଓ ଚାଷୀମାନେ ସହଜରେ ଏଭଳି ସଂକ୍ରମଣର ଶିକାର ହୋଇଥାନ୍ତି। ତେବେ ଏହାର ଉଦବେଗଜନକ ଚିତ୍ରଟି ହେଉଛି ଆମେ ଆଲୋଚନା କରୁଥିବା ଲୋପ୍ଟୋସ୍ପାଇରୋସିସର ପ୍ରାରମ୍ଭିକ ଲକ୍ଷଣ ଗୁଡ଼ିକ ପ୍ରାୟତଃ ଇନଫ୍ଲୁଏଞ୍ଜା କିମ୍ବା ଅନ୍ୟ ସାଧାରଣ ଋତୁକାଳୀନ ରୋଗ ଭଳି ଜଣକୁ ଲାଗିଥାଏ। ସାଧାରଣତଃ କେହି ସଂକ୍ରମଣର ପ୍ରାରମ୍ଭିକ ଲକ୍ଷଣ ହେଉଛି ଜଣଙ୍କ ଦେହରେ ଜ୍ୱର ସହିତ ମୁଣ୍ଡବିନ୍ଧା ହୋଇଥାଏ, ମାଂସପେଶୀରେ ଲଗାତର ଯନ୍ତ୍ରଣା ଦେଖାଯାଏ, ଅତ୍ୟଧିକ କ୍ଲାନ୍ତି ଓ ସମଗ୍ର ଦେହ ଘୋଳା ବିନ୍ଧା ଅନୁଭବ ହୁଏ, ଜଣକୁ ଅସ୍ୱାଭାବିକ ଭାବରେ ଶୀତ ଲାଗିଥାଏ ଏବଂ ବେଳେ ବେଳେ କମ୍ପ ଆସିବା ପରି ଅନୁଭବ ହୁଏ, ଖାଦ୍ୟ ଅରୁଚିକର ଲାଗେ, ବାନ୍ତି ଲଗାତର ଭାବେ ଦେଖାଯାଏ ଏବଂ ଝାଡ଼ା ପରିସ୍ରାରେ ସମସ୍ୟା ଦେଖାଯାଏ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ତଥ୍ୟ ଅନୁଯାୟୀ ଏହି ଲେପ୍ଟୋସ୍ପାଇରୋସିସର ସଂକ୍ରମଣର ବର୍ଷା ଋତୁରେ ଜଟିଳତା ହେଉଛି ଏହା ଖାଦ୍ୟ ପରିପାକ ସମସ୍ୟା ଓ ଲିଭରକୁ ଗୁରୁତର ଭାବେ ପ୍ରଭାବିତ କରିଥାଏ। ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ କୁହାଯାଉଥିବା ଲିଭର, କିଡ଼ନୀ, ଫୁସଫୁସ୍ ଓ ମସ୍ତିଷ୍କକୁ ଏହା ପ୍ରଭାବିତ କରିଥାଏ। ଲିଭର ଏହାର ସହଜ ଶିକାର ହୋଇ ଅନବରତ ଭାବେ ପେଟ ଟାଣିବା ପରି ଅନୁଭବ ହୁଏ ଏବଂ ଝାଡ଼ା ଲାଗିଥାଏ କିନ୍ତୁ ଶୌଚାଳୟକୁ ଯିବା ପରେ ଝାଡ଼ା ହୋଇନଥାଏ। ପେଟ ଫାମ୍ପିଲା ପରି ଅନୁଭବ ହୁଏ ଓ କେତେକ କ୍ଷେତ୍ରରେ ଭୋକ ଲାଗିଥାଏ କିନ୍ତୁ ଜଣେ ଖାଦ୍ୟ ଖାଇବା ଆରମ୍ଭ କରିବା ମାତ୍ରେ ତାଙ୍କୁ ବିରକ୍ତିକର ଲାଗେ ଓ ଖାଦ୍ୟ ଅରୁଚିକର ହୋଇଥାଏ। କେତେକ କ୍ଷେତ୍ରରେ ଏହା ପେଟକୁ ଏପରି ସଂକ୍ରମିତ କରିଥାଏ ଯେ ଜଣେ ଖାଦ୍ୟ ନଖାଇବା ଦ୍ୱାରା ତାଙ୍କ ଶରୀରରେ ଜଳୀୟ ଶୁଷ୍କତା ଦେଖାଯାଏ। ଏହାର ଗୁରୁତ୍ୱପୂର୍ଣ୍ଣ ପାର୍ଶ୍ୱପ୍ରତିକ୍ରିୟା ସ୍ୱରୂପ ଅନେକ କ୍ଷେତ୍ରରେ ଅଭ୍ୟନ୍ତରୀଣ ରକ୍ତସ୍ରାବ, କିଡ଼ନୀ ଫେଲ ଓ ମେନିଞ୍ଜାଇଟିସ୍ ଭଳି ସ୍ଥିତି ଦେଖାଇଥାଏ। ତେଣୁ ଏହିପରି ସମସ୍ୟା ସାମ୍ନା କଲାବେଳେ ଜଣେ ଯଦି ଦୂଷିତ ଜଳ, ମାଟି ଓ ପରିବେଶ ସଂସ୍ପର୍ଶରେ ଆସିଥାଏ ତୁରନ୍ତ ଲିଭର ବିଶେଷଜ୍ଞଙ୍କ ପରାମର୍ଶ ନେବା ଜରୁରୀ।

ଘାତକ ଲେପ୍ଟୋସ୍ପାଇରୋସିସ୍ ସଂକ୍ରମଣ ବର୍ଷା ଋତୁରେ ଏହାର ଭୟାନକ ରୂପ ଦେଖାଇଥାଏ। ଯେକୌଣସି ବ୍ୟକ୍ତିଙ୍କୁ ଏହା ହୋଇପାରେ କିନ୍ତୁ ଯେଉଁମାନେ ବାରମ୍ବାର ବନ୍ୟାଜଳ ଓ ଦୂଷିତ ପାଣିରେ ସଂସ୍ପର୍ଶରେ ଆସିଥାନ୍ତି ସେମାନଙ୍କ ପାଇଁ ଏହା ବିପଦ ସାବ୍ୟସ୍ତ ହୋଇଥାଏ। ଏହା ବ୍ୟତୀତ ଯେଉଁମାନଙ୍କ ଚର୍ମରେ କଟା ଚିହ୍ନ କିମ୍ବା ଦୁର୍ବଳ ପ୍ରତିରୋଧକ ଶକ୍ତି ଥାଏ ସେମାନେ ମଧ୍ୟ ଏହାର ସହଜରେ ସଂକ୍ରମିତ ହୋଇଥାନ୍ତି। ପୂର୍ବରୁ କୌଣସି ଲିଭର ସମସ୍ୟା ଥିଲେ ଲେପ୍ଟୋସ୍ପାଇରୋସିସର ସଂକ୍ରମଣ ହେଲେ ଏହା ଜଣଙ୍କ ଶରୀରକୁ ଅତ୍ୟନ୍ତ ଘାତକ ପେଟ ସମସ୍ୟା ପାଇଁ ବଡ଼ ବିପଦ ସୃଷ୍ଟି କରିଥାଏ। ବର୍ଷା ଦିନରେ ପ୍ରାୟତଃ ପରିପାକ ସମସ୍ୟା ଅନେକଙ୍କର ସ୍ୱାଭାବିକ ନଥାଏ। ସେହିପରି ବର୍ଷା ଦିନରେ ବାହାର ଖାଦ୍ୟ ପ୍ରଦୂଷିତ ହେବାର ଅନେକ ସମ୍ଭାବନା ରହିଥାଏ। ତେଣୁ ଏହି ଋତୁରେ ସୁଷମ ଖାଦ୍ୟ ଓ ଭଲ ଭାବରେ ସିଝା ହୋଇଥିବା ଘରୋଇ ପ୍ରସ୍ତୁତ ଖାଦ୍ୟ ଗ୍ରହଣ କରନ୍ତୁ। ବିଶୋଧିତ ପାଣି, ଫୁଟା ପାଣି ସବୁଠାରୁ ଭଲ। ଆମିଷ ଖାଦ୍ୟ, ବଜାରର ଫାଷ୍ଟଫୁଡ, ଫ୍ରିଜରେ ରହୁଥିବା ଖାଦ୍ୟ ଏସବୁ ଠାରୁ ଦୂରେଇ ରହିବା ସବୁଠାରୁ ଭଲ। ଫଳ ଏହି ଋତୁରେ ପରିପାକ ପାଇଁ ଅନେକଙ୍କ ଠାରେ ସ୍ୱାଭାବିକ ହୋଇନଥାଏ। ତେଣୁ ଏହି ସମୟରେ କମ ଫଳ ଖାଇବା ଭଲ। କୌଣସି ପରିସ୍ଥିତିରେ ନିଶାଦ୍ରବ୍ୟ ଗ୍ରହଣ କରନ୍ତୁ ନାହିଁ। ବର୍ଷାକୁ ସାମ୍ନା କରୁଥିଲେ, ଚାଷୀ ମାନଙ୍କ କ୍ଷେତ୍ର ଏବଂ ଦୂଷିତ ବନ୍ୟାଜଳ ସଂସ୍ପର୍ଶରେ ଆସୁଥିବା ଲୋକମାନେ ୱାଟର ପ୍ରୁଫ୍ ବୁଟ ଓ ଗ୍ଲୋଭସ୍ ବ୍ୟବହାର କରିବା ଜରୁରୀ। ହାତକୁ ଭଲ ଭାବରେ ପରିଷ୍କାର ରଖନ୍ତୁ, କୌଣସି ଛୋଟିଆ ମୋଟିଆ କ୍ଷତ ହୋଇଥିଲେ ତୁରନ୍ତ ୱାଟପ୍ରୁଫ୍ ବ୍ୟାଣ୍ଡେଜ ଲଗାନ୍ତୁ, ଶୀଘ୍ର ଓଦା ପୋଷାକକୁ ବଦଳାନ୍ତୁ ଏବଂ ଘରର ପରିବେଶକୁ ଯଥା ସମ୍ଭବ ମୁକ୍ତ ବାୟୁ, ସନ୍ତସନ୍ତିଆ ପରିବେଶ ଠାରୁ ଦୂରେଇ ରଖନ୍ତୁ। ବର୍ଷା ଦିନରେ ପ୍ରାୟତଃ ଲିଭର ସମସ୍ୟା ଏହି ଦୂଷିତ ଖାଦ୍ୟ ଓ ପାନୀୟ ପାଇଁ ଦେଖାଦେଇଥାଏ। ତେଣୁ ବର୍ଷା ଋତୁରେ ନଖ ଉଷୁମ ପାଣି ପିଇବା ସବୁଠାରୁ ଭଲ। କୌଣସି ପ୍ରକାର ପେଟ ସମସ୍ୟା ଦେଖାଦେଲ ମନଇଚ୍ଛା ଯନ୍ତ୍ରଣା ଉପଷମକାରୀ ଟାବଲେଟେ ଗ୍ରହଣ କରନ୍ତୁ ନାହିଁ। ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ର କିମ୍ବା ଲିଭର ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ଆପଣଙ୍କ ସାଧାରଣ ପେଟ ସମସ୍ୟା, ବାନ୍ତି ସମସ୍ୟା ଏବଂ ଅସ୍ୱାଭାବିକ ଦେହ ହାତ ଘୋଳାବିନ୍ଧା ସମସ୍ୟା କୌଣସି ସଂକ୍ରଣର ପରିପାର୍ଶ୍ୱିକ କାରଣ ମଧ୍ୟ ହୋଇପାରେ। ତେଣୁ ବର୍ଷା ଋତୁରେ ପ୍ରାୟତଃ ଲେପ୍ଟୋସ୍ପାଇରୋସିସ ସଂକ୍ରମଣ ଠାରୁ ଦୂରେଇ ରହିବାକୁ ହେଲେ ଉପରୋକ୍ତ ପରାମର୍ଶ ଅତ୍ୟନ୍ତ ସ୍ୱାସ୍ଥ୍ୟକର, ଏହାକୁ ବିଚାର କରି ଏହି ଋତୁଟି ଯେପରି ଆନନ୍ଦମୟ ହେବ ଗୁରୁତ୍ୱ ଦିଅନ୍ତୁ।

ପ୍ରତିରତ୍ୱିକ ଓ ଅବସରପ୍ରାପ୍ତ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

# ଜେନ-ଜେଡ ଓ ମହିଳା ସଂରକ୍ଷଣ

### ସୌଭାଗ୍ୟ ରଂଜନ ମହାନ୍ତି

ଆସନ୍ତା ୧୩ ତାରିଖ ଦିନ ପାର୍ଲିଆମେଂଟର ମୌସୁମୀ ଅଧିବେଶନ ଶେଷ ହେବାକୁ ଯାଉଥିବାବେଳେ ଦିଲ୍ଲୀରେ ଛାତ୍ର-ଯୁବକଙ୍କ ଉପରେ ପୋଲିସର ଅମାନୁଷିକ ଦମନ ଲୀଳା ନେଇ ବିରୋଧି ଦଳର ଲଗାତାର ହଟ୍ଟଗୋଳ ଯୋଗୁଁ ଗୃହରେ ଏକ ପ୍ରକାର ଅଚଳାବସ୍ଥା ଲାଗି ରହିଛି ସଂସଦର ଗତ ଦୁଇ ଦିନିଆ ସ୍ୱତନ୍ତ୍ର ଅଧିବେଶନରେ ତିନୋଟି ଗୁରୁତ୍ୱପୂର୍ଣ୍ଣ ସମ୍ବିଧାନିକ ବିଲ୍ ଗୃହୀତ କରାଇବାରେ ସରକାର ଅସଫଳ ହେବା ପରେ ଏବେ ପୁଣି ସେଗୁଡିକୁ ଅନୁମୋଦିତ କରାଇବା ଯୋଜନା କରିଥିବା ପ୍ରକାଶ। ଗୋଟିଏ ପଟେ ସଂସଦରେ ଅଚଳାବସ୍ଥା ଲାଗି ରହିଥିବାବେଳେ ଅନ୍ୟପଟେ ସ୍ୱତନ୍ତ୍ର ଅଧିବେଶନ ଡକାଇ ସରକାର ବିଲ୍‌ଗୁଡିକ ଅନୁମୋଦିତ କରାଇବା ପାଇଁ ପୁନର୍ବାର ପ୍ରୟାସ କରିବା ନିଶ୍ଚିତ ଭାବେ ପାର୍ଲିଆମେଂଟ ଏକ ମହତ୍ୱପୂର୍ଣ୍ଣ ମୋଡରେ ପଦାର୍ପଣ କରିଛି ବୋଲି କୁହାଯାଇପାରିବ। ଅବଶ୍ୟ ପରିବର୍ତ୍ତିତ ରାଜନୈତିକ ଦୃଶ୍ୟ ପଟ୍ଟରେ ଶାସକ ଦଳର ଗାଣିତିକ ସଂଖ୍ୟା ବୃଦ୍ଧି ପାଇଛି। ତୃଣମୂଳ କଂଗ୍ରେସର ବିଭାଜନ ପରେ ୨୦ଜଣ ସାଂସଦ ଓ ଶିବସେନାର ୬ଜଣ ସାଂସଦଙ୍କ ସହ ୪୫ଜଣ ନୂତନ ସାଂସଦ ଇତିମଧ୍ୟରେ ବିଜେପି ନେତୃତ୍ୱରେ ଗଠିତ ଏନଡିଏରେ ସାମିଲ ହୋଇଛନ୍ତି। ଆସନ୍ତା ୧୬ ଓ ୧୭ ତାରିଖରେ ସଂସଦର ସ୍ୱତନ୍ତ୍ର ଅଧିବେଶନ ଡକାଇବା ପାଇଁ ସରକାର ଯୋଜନା କରୁଥିବା ନେଇ ଗଣମାଧ୍ୟମରେ ଚର୍ଚ୍ଚା ଯୋର ଧରିଥିବା ବେଳେ ଏନେଇ ସରକାରୀ ଭାବେ କୌଣସି ସ୍ପଷ୍ଟ ସୂଚନା ନାହିଁ। ଉଲ୍ଲେଖଯୋଗ୍ୟ ଯେ, ଆସନ୍ତା ୨୦୩୪ ସାଧାରଣ ନିର୍ବାଚନ ପର୍ଯ୍ୟନ୍ତ ଅପେକ୍ଷା ନକରି ୨୦୨୯ ସାଧାରଣ ନିର୍ବାଚନରେ ଉଭୟ ଲୋକସଭା ଓ ବିଧାନସଭାରେ ମହିଳାଙ୍କ ପାଇଁ ଏକ ତୃତୀୟାଂଶ ଆସନ ସଂରକ୍ଷଣ ପାଇଁ ବହୁ ଚର୍ଚ୍ଚିତ 'ନାରୀ ଶକ୍ତି ବିଧାନ ଅଧିନିୟମ-୨୦୨୩' ଆଇନକୁ ଲାଗୁ କରିବା ପାଇଁ ସରକାର ଅତ୍ୟନ୍ତ ତରବରିଆ ଅଛନ୍ତି। ଏଥିଲାଗି ତିନୋଟି ଗୁରୁତ୍ୱପୂର୍ଣ୍ଣ ବିଲ୍ ତଥା ନିର୍ବାଚନମଣ୍ଡଳୀ ସୀମା ପୁନର୍ନିର୍ଦ୍ଧାରଣ ବିଲ୍-୨୦୨୬ ୧୩୧ତମ ସମ୍ବିଧାନ ସଂଶୋଧନ ବିଲ୍-୨୦୨୬ ଏବଂ କେନ୍ଦ୍ରଶାସିତ ଆଇନ(ସଂଶୋଧନ) ବିଲ୍-୨୦୨୬କୁ ସଂସଦର ଅନୁମୋଦନ କରିବା ପାଇଁ ସରକାର ପୁଣି ଥରେ ଦୁଇଦିନିଆ ସ୍ୱତନ୍ତ୍ର ଅଧିବେଶନ ଡକାଇବାକୁ ଯୋଜନା କରିଛନ୍ତି। ଏଥିପାଇଁ ସରକାର ବିରୋଧିଦଳମାନଙ୍କର ସହମତି ଏବଂ ସମର୍ଥନ ପାଇଁ ଉଦ୍ୟମ କରିଥିବା ସତ୍ୱେ କୌଣସି ସୁଫଳ ମିଳିନଥିବା ଜଣାଯାଏ। କିନ୍ତୁ ଆବଶ୍ୟକୀୟ ଦୁଇ ତୃତୀୟାଂଶ ସମର୍ଥନ ନେଇ ବିଲ୍ ଗୁଡିକ ଏବେ କାଟ୍ ଖାଇବା ଆଶଙ୍କାରେ ଥିବା କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ବହୁଚର୍ଚ୍ଚିତ ନିଟ୍ ପ୍ରଶ୍ନପତ୍ର ପ୍ରଘଟକୁ ନେଇ ବ୍ୟାଙ୍ଗାତ୍ମକ ଏବଂ ପ୍ରଭାବଶାଳୀ କକ୍ରୋଜ ଜନତା ପାର୍ଟି (ସିଜେପି) ନେତୃତ୍ୱରେ ଜେନଜେଡ ଆନ୍ଦୋଳନ ଏକ ଅକଳ୍ପନୀୟ ସଫଳତା ହାସଲ କରିଛି। ପ୍ରଥମତଃ ଦୀର୍ଘ ଦିନ ଧରି ଜନସାଧାରଣଙ୍କ ଜୀବନରେ ଥିବା ଭୟ ଓ ଆତଙ୍କର ଛାୟାକୁ ଦୂର କରିବାରେ ସଫଳ ହୋଇଥିବାବେଳେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ପ୍ରମାଣିତ କରିଛି ଯେ, ଭାରତୀୟ ଯୁବ ସମାଜ ସଫଳତାର ସହ ଶିକ୍ଷା ଓ ଶ୍ରେଣୀକକ୍ଷର ସମ୍ବଳଗୁଡିକ ପାଇଁ ବ୍ୟବସ୍ଥାଗତ ଉତରଦାୟିତ୍ୱ ଦାବି କରିପାରିବ। ଆନ୍ଦୋଳନରେ ସଂଖ୍ୟାଧିକ ସଂଖ୍ୟକ ଛାତ୍ରୀ ଓ ଯୁବତୀ ସାମିଲ୍ ହୋଇଥିଲେ। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି , ସିଜେପିର ୫ଟି ମୁଖ୍ୟ ଦାବି ମଧ୍ୟରେ ମହିଳାଙ୍କ ପାଇଁ ୫୦ ପ୍ରତିଶତ ସଂରକ୍ଷଣ ସ୍ପଷ୍ଟ ଭାବେ ଆହ୍ୱାନ ରହିଛି। ପାର୍ଲିଆମେଂଟ ସାଂପ୍ରତିକ ଆସନ ସଂଖ୍ୟା ବୃଦ୍ଧି ନକରି ତୁରନ୍ତ ଏହା ଲାଗୁ କରିବା ପାଇଁ ଦାବି ରହିଛି। ସେହିପରି କ୍ୟାବିନେଟରେ ମହିଳାଙ୍କ ପାଇଁ ୫୦ ପ୍ରତିଶତ ସଂରକ୍ଷଣ ପାଇଁ ଦାବି କରିଛି। ଏହାକୁ ସ୍ଥଗିତ ନରଖି ମହିଳାଙ୍କ ପାଇଁ୫୦ପ୍ରତିଶତ ସଂରକ୍ଷଣ ଦାବି ବଳବତର ରଖିଛି। ଇତିମଧ୍ୟରେ ସିଜେପିର ୫ଟି ଦାବି ମଧ୍ୟରୁ ୩ଟି ଦାବିକୁ ସରକାର ଗ୍ରହଣ କରି ନେଇଥିବାବେଳେ ମହିଳାଙ୍କ ପାଇଁ ଲୋକସଭା, ବିଧାନସଭା ଓ କ୍ୟାବିନେଟରେ ୫୦ ପ୍ରତିଶତ ସଂରକ୍ଷଣ ଦାବି ମୁଖ୍ୟ ଦାବି ଭାବେ ଉଭା ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ଦେଶର ପଂଚାୟତରାଜ ଅନୁଷ୍ଠାନରେ ୫୦ପ୍ରତିଶତ ଆସନ ସଂରକ୍ଷଣ ନିୟମ ରହିଛି। ୫୦ ପ୍ରତିଶତ ତ୍ରିସ୍ତରୀୟ ପଂଚାୟତ ରାଜ ଏବଂ ସହରାଚଂଳ ସ୍ୱାୟତ ଶାସନ ସଂସ୍ଥାରେ ମୁଖ୍ୟ ପଦବୀ ମହିଳାଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି। ଦେଶରେ ତୃଣମୂଳ ସ୍ତରରେ ଥିବା ପଂଚାୟତିରାଜ ଅନୁଷ୍ଠାନ ଓ ସ୍ୱାୟତ ଶାସନ ସଂସ୍ଥାଗୁଡିକରେ ଏବେ ୧.୪ ମିଲିଅନ ନିର୍ବାଚିତ ମହିଳା ପ୍ରତିନିଧି ଅଛନ୍ତି। ସେମାନଙ୍କ କାର୍ଯ୍ୟଦକ୍ଷତା ମଧ୍ୟ କିଛି କମ୍ ନୁହେଁ। ତେଲେଙ୍ଗାନାର ମହିଳା ସରପଂଚମାନେ ଗ୍ରାମାଚଂଳରେ ମଦ ଦୋକାନ ବନ୍ଦ କରିଥିବାବେଳେ ଉତରପ୍ରଦେଶରେ ଯୌତୁକ ବିହିନ ବିବାହ ଏବଂ ମହାରାଷ୍ଟ୍ରରେ କାଉନସିଲରମାନେ ବିଧବାଙ୍କ ପ୍ରତି ଅମାନୁଷିକ ଓ ରକ୍ଷଣାଶୀଳ ସାମାଜିକ ପ୍ରଥାକୁ ଉଚ୍ଛେଦ କରିବାରେ ସମର୍ଥ ହୋଇଛି। ଓଡିଶାରେ ଗ୍ରାମାଚଂଳରେ ମଦଭାଟି ଭାଙ୍ଗିବାରେ ଅଗ୍ରଣୀ ଭୂମିକା ନେଇଛନ୍ତି। ସେହିପରି ସରପଂଚରୁ ରାଜନୈତିକ ଜୀବନ ଆରମ୍ଭ କରିଥିବା ସାବିତ୍ରୀ ଠାକୁର ଏବଂ ରେଖା ନିଖିଲ ଖଡକେ ଏବେ କେନ୍ଦ୍ରମନ୍ତ୍ରୀ ସରପଂଚରୁ ପାର୍ଲିଆମେଂଟ ଯାତ୍ରା ପର୍ଯ୍ୟନ୍ତ ସେମାନେ ସେମାନଙ୍କର ଦକ୍ଷତା ପ୍ରଦର୍ଶନ କରି କେନ୍ଦ୍ର ମନ୍ତ୍ରୀ ହୋଇପାରିଛନ୍ତି। ଆମଦେଶରେ ମହିଳାଙ୍କ ଠାରେ ଶାସନ କଳାର ଅଭାବ ନାହିଁ ଏହା ପ୍ରମାଣିତ କରେ। ଜେନ-ଜେଡ ଆନ୍ଦୋଳନ ପ୍ରତି ବିରୋଧ ଦଳଗୁଡିକର ସମର୍ଥନ ରହିଥିବାବେଳେ ପାର୍ଲିଆମେଂଟ ଓ ଜେନ-ଜେଡକୁ ମହିଳାମାନେ ହିଁ ଏକାଠି କରିପାରିବା ଆଶା କରାଯାଏ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨
ମୋବାଇଲ ନଂ-୯୪୩୭୯୯୪୩୭୯

# ଶ୍ରୀଜଗନ୍ନାଥଙ୍କ ୧୦୧ ନାମରେ ଭକ୍ତି, ସମତା, ସଂସ୍କୃତି ଓ ବିଶ୍ୱମାନବତାର ମହାଗାଥା

### ସୌଜନ୍ୟ କୁମାର ପରିଡା ■

ଆଷାଢ଼ ଶୁକ୍ଳ ଦ୍ୱିତୀୟା ଦିନ ପୁରୀର ବଡ଼ଦାଣ୍ଡରେ ଯେତେବେଳେ ନନ୍ଦିଘୋଷ, ତାଳଧ୍ୱଜ ଓ ଦର୍ପଦଳନ ରଥ ଗଡ଼ିବା ଆରମ୍ଭ କରେ, ସେତେବେଳେ କେବଳ ଓଡ଼ିଶା ନୁହେଁ, ସମଗ୍ର ବିଶ୍ୱ ଭକ୍ତିର ଏକ ଅଦ୍ଭୁତ ଜ୍ୟୋତିରେ ଆଲୋକିତ ହୋଇଯାଏ। ରଥଯାତ୍ରା କେବଳ ଏକ ଧାର୍ମିକ ଉତ୍ସବ ନୁହେଁ; ଏହା ମାନବ ସଭ୍ୟତାର ଏକ ଅନନ୍ୟ ସାଂସ୍କୃତିକ ଐତିହ୍ୟ, ଯାହା ସମତା, ସହଯୋଗ, ଭକ୍ତି, ପ୍ରେମ ଓ ବିଶ୍ୱବନ୍ଧୁତ୍ୱର ମହାନ ବାର୍ତ୍ତା ବହନ କରେ।

ଶ୍ରୀଜଗନ୍ନାଥଙ୍କୁ କେବଳ ପୁରୀର ଅଧିଷ୍ଠାତା ଦେବତା ଭାବେ ଦେଖିଲେ ତାଙ୍କ ମହିମାକୁ ସୀମିତ କରାଯିବ। ସେ ଜଗନ୍ନାଥ—ଜଗତର ନାଥ; ପୁରୁଷୋତ୍ତମ—ସର୍ବୋତ୍ତମ ପୁରୁଷ; ପତିତପାବନ—ସମସ୍ତଙ୍କ ଉଦ୍ଧାରକ; ଦାରୁବ୍ରହ୍ମ—କାଠରେ ବିରାଜିତ ପରବ୍ରହ୍ମ; ନୀଳାଚଳନାଥ—ନୀଳାଚଳର ଅଧିପତି; ଏବଂ ମହାପ୍ରଭୁ—ସମସ୍ତଙ୍କ ଆଶ୍ରୟ। ତାଙ୍କର ୧୦୧ଟି ପବିତ୍ର ନାମ କେବଳ ନାମ ନୁହେଁ, ବରଂ ଭାରତୀୟ ଦର୍ଶନ, ବୈଷ୍ଣବ ଭକ୍ତି, ମାନବତା ଓ ଆଧ୍ୟାତ୍ମିକ ଚେତନାର ସାରତତ୍ତ୍ୱ।

ରଥଯାତ୍ରାର ସବୁଠାରୁ ବଡ଼ ବିଶେଷତା ହେଉଛି ଏହା ସମସ୍ତଙ୍କର ପର୍ବ। ମନ୍ଦିର ଭିତରକୁ ସମସ୍ତେ ପ୍ରବେଶ କରିପାରନ୍ତି ନାହିଁ, କିନ୍ତୁ ରଥଯାତ୍ରା ଦିନ ପ୍ରଭୁ ସ୍ୱୟଂ ମନ୍ଦିର ଛାଡ଼ି ଭକ୍ତଙ୍କ ପାଖକୁ ଆସନ୍ତି। ଧନୀ କିମ୍ବା ଦରିଦ୍ର, ଉଚ୍ଚ କିମ୍ବା ନିମ୍ନ, ଭାରତୀୟ କିମ୍ବା ବିଦେଶୀ—ସମସ୍ତେ ସମାନ ଭାବରେ ରଥର ରସି ଟାଣିବାର ସୁଯୋଗ ପାଆନ୍ତି। ଏହା ହିଁ ଜଗନ୍ନାଥ ସଂସ୍କୃତିର ମୂଳ ଦର୍ଶନ—'ସମସ୍ତେ ଏକ, ସମସ୍ତେ ପ୍ରଭୁଙ୍କ ସନ୍ତାନ।'

ଏହି ଭାବନାକୁ ଶ୍ରୀଜଗନ୍ନାଥଙ୍କ ଅନେକ ନାମ ସ୍ପଷ୍ଟ କରେ। ଦୀନବନ୍ଧୁ, ଭକ୍ତବତ୍ସଳ, ଦୟାନିଧି, କରୁଣାସିନ୍ଧୁ—ଏହି ନାମଗୁଡ଼ିକ ଆମକୁ ସ୍ମରଣ କରାଏ ଯେ ଈଶ୍ୱରଙ୍କ ପାଇଁ କୌଣସି ଭେଦଭାବ ନାହିଁ। ଯେ ଭକ୍ତିର ସହିତ ତାଙ୍କୁ ସ୍ମରଣ କରେ, ସେ ତାଙ୍କର ଆଶୀର୍ବାଦ ପାଇଥାଏ।

ଶ୍ରୀଜଗନ୍ନାଥଙ୍କ ୧୦୧ ନାମରେ ତାଙ୍କ ସମସ୍ତ ଅବତାର ଓ ଲୀଳାର ପ୍ରତିଫଳନ ମିଳେ। କୃଷ୍ଣ, ଗୋବିନ୍ଦ, ଗୋପାଳ, ମୁରଲୀଧର, ରାଧାରମଣ, ଗୋପୀନାଥ, ନବନୀତଚୋର, କାଳୀୟଦମନ, ଗୋବର୍ଦ୍ଧନଧାରୀ, ବୃନ୍ଦାବନଚନ୍ଦ୍ର—ଏହି ସମସ୍ତ ନାମ ଭଗବାନଙ୍କ ପ୍ରେମମୟ ଲୀଳାର ସ୍ମୃତି ବହନ କରେ। ଅନ୍ୟପଟେ ନାରାୟଣ, ବିଷ୍ଣୁ, ଅଚ୍ୟୁତ, ପଦ୍ମନାଭ, ହୃଷୀକେଶ, ପରମାତ୍ମା, ପରବ୍ରହ୍ମ, ସଚ୍ଚିଦାନନ୍ଦ ତାଙ୍କ ସର୍ବବ୍ୟାପୀ, ଶାଶ୍ୱତ ଓ ଦିବ୍ୟ ସ୍ୱରୂପକୁ ପ୍ରକାଶ କରେ।

ରଥଯାତ୍ରା କେବଳ ଭକ୍ତିର ନୁହେଁ, ଓଡ଼ିଆ ଜାତିର ଅସ୍ମିତାର ମଧ୍ୟ ପ୍ରତୀକ। ଶତାବ୍ଦୀ ଧରି ଏହି ପରମ୍ପରା ଆମ ସାଂସ୍କୃତିକ ପରିଚୟକୁ ଜୀବନ୍ତ ରଖିଛି। ରଥ ନିର୍ମାଣରେ ମହାରଣା, ରୂପକାର, କମାର, ଚିତ୍ରକାର, ଦର୍ଜି, ବୁଣାକାର, ପୂଜାପଣ୍ଡା, ସେବାୟତ—ସମସ୍ତଙ୍କ ଅବଦାନ ରହିଛି। ଏହା ପ୍ରମାଣ କରେ ଯେ ଏକ ମହାନ କାର୍ଯ୍ୟ ସମସ୍ତଙ୍କ ସହଯୋଗରେ ସଫଳ ହୁଏ।

ରଥଯାତ୍ରାର ଆଉ ଏକ ମହାନ ପରମ୍ପରା ହେଉଛି ଛେରା ପହଁରା। ଗଜପତି ମହାରାଜ ସୁବର୍ଣ୍ଣ ଝାଡୁରେ ରଥ ପରିଷ୍କାର କରନ୍ତି। ଏହି ପରମ୍ପରା ସମଗ୍ର ବିଶ୍ୱକୁ ବାର୍ତ୍ତା ଦେଇଥାଏ ଯେ, ପ୍ରଭୁଙ୍କ ସମ୍ମୁଖରେ କେହି ବଡ଼ କିମ୍ବା ଛୋଟ ନୁହେଁ। ସେବା ହିଁ ସର୍ବୋତ୍ତମ ଧର୍ମ। ଆଜିର ସମାଜରେ ଯେତେବେଳେ ଅହଙ୍କାର ଓ ପଦମର୍ଯ୍ୟାଦାର ପ୍ରତିଯୋଗିତା ବଢ଼ୁଛି, ସେତେବେଳେ ଏହି ପରମ୍ପରା ଆମକୁ ବିନୟ ଓ ସେବାର ଶିକ୍ଷା ଦିଏ।

ଶ୍ରୀଜଗନ୍ନାଥଙ୍କର ଚକାଆଖି ଆମକୁ ସ୍ମରଣ କରାଏ ଯେ ସେ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖନ୍ତି। ତାଙ୍କର ବିଶାଳ ଆଖିରେ କୌଣସି ଜାତି, ଧର୍ମ କିମ୍ବା ଭାଷାର ଭେଦ ନାହିଁ। ସେ ସମଗ୍ର ବିଶ୍ୱର ପାଳକ—ବିଶ୍ୱମ୍ଭର, ସମସ୍ତଙ୍କ ଗୁରୁ—ଜଗତଗୁରୁ, ଏବଂ ସମସ୍ତଙ୍କ ପାଇଁ କରୁଣାର ସାଗର—କରୁଣାସିନ୍ଧୁ।

ଆଜି ବିଶ୍ୱ ହିଂସା, ଯୁଦ୍ଧ, ପରିବେଶ ସଙ୍କଟ, ଅସହିଷ୍ଣୁତା ଓ ମାନସିକ ଅସ୍ଥିରତାର ସମ୍ମୁଖୀନ। ଏପରି ସମୟରେ ଜଗନ୍ନାଥ ସଂସ୍କୃତି ଏକ ନୂଆ ଆଶାର ଆଲୋକ ଦେଖାଏ। ତାଙ୍କର ୧୦୧ ନାମ ଆମକୁ ଶିଖାଏ ଯେ ମଣିଷର ପ୍ରକୃତ ପରିଚୟ ତାଙ୍କର ଧନ, ପଦବୀ କିମ୍ବା ଜାତି ନୁହେଁ; ବରଂ ତାଙ୍କର ଚରିତ୍ର, ଦୟା, ସତ୍ୟ ଓ ସେବାଭାବ।

ରଥଯାତ୍ରା ଓଡ଼ିଶାର ଅର୍ଥନୀତି ଓ ପର୍ଯ୍ୟଟନକୁ ମଧ୍ୟ ସମୃଦ୍ଧ କରେ। ଲକ୍ଷ ଲକ୍ଷ ଭକ୍ତ ଓ ପର୍ଯ୍ୟଟକ ପୁରୀକୁ ଆସିଥାନ୍ତି। ହସ୍ତଶିଳ୍ପ, ପଟ୍ଟଚିତ୍ର, ରୂପା ଫିଲିଗ୍ରୀ, ପିପିଲିର ଆପ୍ଲିକ୍ କାମ, ଓଡ଼ିଆ ଖାଦ୍ୟ ଓ ସ୍ଥାନୀୟ ବ୍ୟବସାୟ ନୂଆ ଜୀବନ ପାଏ। ଏହି ଉତ୍ସବ କେବଳ ଆଧ୍ୟାତ୍ମିକ ନୁହେଁ, ଏହା ସାମାଜିକ ଓ ଅର୍ଥନୈତିକ ଉନ୍ନତିର ମଧ୍ୟ ଏକ ମାଧ୍ୟମ।

ଆଜିର ଯୁବପିଢ଼ିଙ୍କ ଦାୟିତ୍ୱ ହେଉଛି ଜଗନ୍ନାଥ ସଂସ୍କୃତିର ପ୍ରକୃତ ଦର୍ଶନକୁ ବୁଝିବା। ରଥଯାତ୍ରା କେବଳ ସେଲ୍ଫି, ସୋସିଆଲ ମିଡିଆ ପୋଷ୍ଟ କିମ୍ବା ଭିଡ଼ର ଆନନ୍ଦରେ ସୀମିତ ନ ରହୁ। ଏହାର ମୂଳ ବାର୍ତ୍ତା—ସମତା, ସହିଷ୍ଣୁତା, ଭାଇଚାରା, ସେବା ଓ ମାନବତା—ପ୍ରତ୍ୟେକ ଯୁବକଙ୍କ ଜୀବନରେ ପ୍ରତିଫଳିତ ହେବା ଆବଶ୍ୟକ।

ସେହିପରି ରଥଯାତ୍ରା ସମୟରେ ପରିବେଶ ସୁରକ୍ଷା, ସ୍ୱଚ୍ଛତା, ଶୃଙ୍ଖଳା ଓ ସ୍ୱେଚ୍ଛାସେବାର ମନୋଭାବ ମଧ୍ୟ ଆମର କର୍ତ୍ତବ୍ୟ। ପ୍ଲାଷ୍ଟିକ ବ୍ୟବହାର କମାଇବା, ସ୍ୱଚ୍ଛ ପରିବେଶ ରଖିବା ଓ ଭକ୍ତମାନଙ୍କୁ ସହଯୋଗ କରିବା ହେଉଛି ପ୍ରକୃତ ଜଗନ୍ନାଥ ସେବା।

ଶ୍ରୀଜଗନ୍ନାଥଙ୍କ ୧୦୧ ନାମ ଆମକୁ ଶିଖାଏ ଯେ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଦୟା, କ୍ଷମା, ସତ୍ୟ, ଧର୍ମ, ପ୍ରେମ ଓ ସେବାର ଆଦର୍ଶ ପାଳନ କରିବା ଉଚିତ। ସେ ହରି ହୋଇ ଦୁଃଖ ହରଣ କରନ୍ତି, ମୁକୁନ୍ଦ ହୋଇ ମୁକ୍ତି ଦିଅନ୍ତି, ଯୋଗେଶ୍ୱର ହୋଇ ଜ୍ଞାନ ଦିଅନ୍ତି, ଗୀତାଚାର୍ଯ୍ୟ ହୋଇ କର୍ମର ଶିକ୍ଷା ଦିଅନ୍ତି, ଏବଂ ମହାପ୍ରଭୁ ହୋଇ ସମଗ୍ର ବିଶ୍ୱକୁ ନିଜ କୋଳରେ ଧାରଣ କରନ୍ତି।

ରଥଯାତ୍ରା ଆମକୁ ଶିଖାଏ ଯେ ମଣିଷର ଜୀବନ ମଧ୍ୟ ଏକ ରଥଯାତ୍ରା। ସତ୍ୟ, ଧର୍ମ, ପ୍ରେମ ଓ ନିଷ୍ଠାର ରସି ଧରି ଆମେ ଜୀବନର ଲକ୍ଷ୍ୟ ଆଡ଼କୁ ଆଗେଇ ଚାଲିବା ଉଚିତ। ତେବେ ହିଁ ଆମ ଜୀବନ ସାର୍ଥକ ହେବ।

ଶେଷରେ, ଆସନ୍ତୁ ଏହି ପବିତ୍ର ରଥଯାତ୍ରା ଅବସରରେ ଆମେ ସମସ୍ତେ ଜଗନ୍ନାଥ, ପୁରୁଷୋତ୍ତମ, ପତିତପାବନ, ଦୀନବନ୍ଧୁ, ଦୟାନିଧି, କରୁଣାସିନ୍ଧୁ, ଭକ୍ତବତ୍ସଳ, ଜଗଦ୍ଗୁରୁ ଓ ମହାପ୍ରଭୁଙ୍କ ଶ୍ରୀଚରଣରେ ପ୍ରାର୍ଥନା କରିବା—ସମସ୍ତଙ୍କ ଜୀବନରେ ଶାନ୍ତି, ସମୃଦ୍ଧି, ସଦ୍ଭାବ ଓ ମାନବତାର ବିଜୟ ହେଉ। ଏହାହିଁ ରଥଯାତ୍ରାର ପ୍ରକୃତ ସନ୍ଦେଶ, ଏହାହିଁ ଶ୍ରୀଜଗନ୍ନାଥଙ୍କ ୧୦୧ ନାମର ଚିରନ୍ତନ ମହିମା।

ଜୟ ଜଗନ୍ନାଥ।

ମୋବାଇଲ: ୮୨୪୯୯୪୩୨୪୭



# 'ମୌସୁମୀ ସଡ଼କ, ସ୍ୱାସ୍ଥ୍ୟ ସୁରକ୍ଷା' ଏବଂ 'ସାଇବର ସୁରକ୍ଷା' ସଚେତନତା ଅଭିଯାନ

କଳିଙ୍ଗନଗର, ୧୧।୮ :(ମନ୍ଥନ) ସ୍ଥାନୀୟ ଜନସାଧାରଣ, ଗାଡ଼ି ଚାଳକ ଏବଂ କର୍ମଚାରୀମାନଙ୍କ ମଧ୍ୟରେ ମୌସୁମୀ ସମୟରେ ସଡ଼କ ସୁରକ୍ଷା, ସ୍ୱାସ୍ଥ୍ୟ ସଚେତନତା ଏବଂ ସାଇବର ସୁରକ୍ଷା ବାର୍ତ୍ତା ପହଞ୍ଚାଇବା ଲକ୍ଷ୍ୟରେ ଟାଟା ଷ୍ଟିଲ୍ କଳିଙ୍ଗନଗର (ଟିଏସ୍‌କେ) ସୁରକ୍ଷା ବିଭାଗ ଏବଂ କଳିଙ୍ଗନଗର ପୁଲିସ୍ ?ର ମିଳିତ ଆନୁକୂଲ୍ୟରେ ଏକ ତିନିଦିନିଆ ସଚେତନତା ଅଭିଯାନ ଆରମ୍ଭ ହୋଇଯାଇଛି । ମଙ୍ଗଳବାର ଡୁବୁରୀସ୍ଥିତ ଟାଟା ଷ୍ଟିଲ୍ କଳିଙ୍ଗନଗରର ମୁଖ୍ୟ ଫାଟକ ନଂ-୧ ନିକଟରେ 'ମୌସୁମୀ ସଡ଼କ ଓ ସ୍ୱାସ୍ଥ୍ୟ ସୁରକ୍ଷା' ଏବଂ 'ସାଇବର ସୁରକ୍ଷା' ଶୀର୍ଷକରେ ଏକ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି ।ଏହି କାର୍ଯ୍ୟକ୍ରମକୁ କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁପ୍ରସନ୍ନ ମଲ୍ଲିକ ଏବଂ କଳିଙ୍ଗନଗର ଥାନା ଆଇଆଇସି ପ୍ରକାଶ କୁମାର ସାହୁ ଆନୁଷ୍ଠାନିକ ଭାବେ ଉଦ୍ ?ଘାଟନ କରିଥିଲେ । ଏହି ଅବସରରେ ଟାଟା ଷ୍ଟିଲ୍ କଳିଙ୍ଗନଗର ଓ ଟାଟା ଷ୍ଟିଲ୍ ମେରାମଣ୍ଡଳୀର ଚିଫ୍ ସିକ୍ୟୁରିଟି ପ୍ରକାଶ ସଞ୍ଜୟ, ଟିଏସ୍‌କେ ଚିଫ୍ କୋର୍ପୋରେଟ୍ ସର୍ଭିସେସ୍ ରବି ମାରିକଙ୍କ ସମେତ ସଂସ୍ଥାର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ପ୍ରବଳ ବର୍ଷା ଯୋଗୁଁ ରାସ୍ତାଘାଟର ଖରାପ ଅବସ୍ଥା ହେତୁ ସୃଷ୍ଟି ହେଉଥିବା ବିପଦକୁ ଏଡ଼ାଇବା ପାଇଁ ଏହି ପଦକ୍ଷେପ ନିଆଯାଇଛି । ମୌସୁମୀ ଫଳରେ



ଉପୁଜୁଥିବା ସମସ୍ୟାର ମୁକାବିଲା, ସଡ଼କ ସୁରକ୍ଷା ନିୟମ ପାଳନ, ସ୍ୱାସ୍ଥ୍ୟ ସଚେତନତା ସହ ବର୍ତ୍ତମାନର ପ୍ରମୁଖ ସମସ୍ୟା ପାଲଟିଥିବା ସାଇବର ସୁରକ୍ଷା ପ୍ରତି ସଚେତନ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ । କାର୍ଯ୍ୟକ୍ରମ ଚାଲୁଥିବା ସମୟରେ ଚାରିଚକିଆ ଯାନ ଚାଳକମାନଙ୍କୁ ସିଟ୍‌ବେଲ୍ଟ ବାନ୍ଧିବା ଏବଂ ଦୁଇଚକିଆ ଯାନ ଚାଳକ ଓ ପଛରେ ବସୁଥିବା ବ୍ୟକ୍ତିଙ୍କୁ ହେଲ୍‌ମେଟ୍ ପିନ୍ଧିବା ପାଇଁ ପରାମର୍ଶ ଦିଆଯାଇଥିଲା । ଏଥିସହ ସଡ଼କ ଓ ସାଇବର ସୁରକ୍ଷା ସମ୍ବନ୍ଧୀୟ ସଚେତନତା ଲିଫ୍ ?ଲେଟ୍ ବଣ୍ଟନ କରାଯାଇଥିଲା । କାର୍ଯ୍ୟକ୍ରମ ଆରମ୍ଭରେ ବର୍ଷା ଦିନେ ଗାଡ଼ି ଚାଳନାର ସୁରକ୍ଷା ସମ୍ପର୍କରେ ସାଧାରଣ ଲୋକଙ୍କୁ ସଚେତନ କରିବା ପାଇଁ ଏକ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା । ଏଥି ସମେତ କାର୍ଯ୍ୟକ୍ରମରେ ଫିସିଂ ଆଟାକ୍, ମାଲୱେୟାର, ରାନ୍ସମ୍‌ୱେୟାର ଏବଂ ଡାଟା ଚୋରି ଭଳି ବୃଦ୍ଧି ପାଉଥିବା ସାଇବର ଅପରାଧ ସମ୍ପର୍କରେ ସଚେତନ କରାଯାଇଥିଲା । ସନ୍ଦେହଜନକ ଲିଙ୍କ୍ ଚିହ୍ନଟ କରିବା, ନିଜର ବ୍ୟକ୍ତିଗତ ତଥ୍ୟ ସୁରକ୍ଷିତ ରଖିବା ଏବଂ ସାଇବର ଠକେଇର ଶିକାର ହେଲେ ତୁରନ୍ତ ସାଇବର ଥାନାରେ ଅଭିଯୋଗ କରିବା ସମ୍ପର୍କିତ ସୂଚନା ଲିଫ୍‌ଲେଟ୍ ମାଧ୍ୟମରେ ଲୋକଙ୍କୁ ବଣ୍ଟାଯାଇଥିଲା ।

# ଛେଣ୍ଡିପଦା ଖଣି ଖାଦାନ ସମ୍ପର୍କିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ



ଛେଣ୍ଡିପଦା, ୧୧।୮ :(ମନ୍ଥନ) ଅନୁଗୋଳ ଜିଲ୍ଲା ପ୍ରଶାସନ ପକ୍ଷରୁ ଛେଣ୍ଡିପଦା ତହସିଲ ଅଫିସ ଠାରେ ସୋମବାର ଖଣି ଖାଦାନ ସମ୍ପର୍କିତ ଜନ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ତହସିଲଦାର ମାନସ ରାୟ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନୁଗୋଳ ଉପ ଜିଲ୍ଲାପାଳ ( ରାଜସ୍ୱ) ଉଦୟ କୁମାର ମହାପାତ୍ର ଯୋଗ ଦେଇ ବିଭିନ୍ନ ଅଞ୍ଚଳ ରେ ସମ୍ପ୍ରତି କୋଇଲା ଖଣି ପ୍ରତିଷ୍ଠା ଯୋଗୁଁ ଉପୁଜୁଥିବା ଜମି ଅଧିଗ୍ରହଣ, କ୍ଷତି ପୂରଣ ରାଶି ପ୍ରଦାନ, ବିସ୍ଥାପନ, ଥଇଥାନ, କ୍ଷତିଗ୍ରସ୍ତ ପ୍ରଜା,ଜମିହରା ପ୍ରଜା ଏବଂ ପାରିପାର୍ଶ୍ୱିକ ପ୍ରଭାବିତ ପ୍ରଜା ମାନଙ୍କୁ ଉପଯୁକ୍ତ କର୍ମ ନିଯୁକ୍ତି, ସ୍ଥାୟୀ ନିଯୁକ୍ତି ପ୍ରଦାନ କରାଯିବା ଦାବି ଆପତ୍ତି ଉପରେ ଜନ ଅଭିଯୋଗ ଗ୍ରହଣ କରିବା ସହ ଏ ସମ୍ପର୍କରେ ବିଚାର ଆଲୋଚନା କରାଯାଇ ପ୍ରଶାସନିକ ପଦକ୍ଷେପ ନିଆଯିବ ବୋଲି ମତ ପ୍ରକାଶ କରିଥିଲେ । ଯେହେତୁ ଛେଣ୍ଡିପଦା ଅଞ୍ଚଳ ରେ କେତେକ କମ୍ପାନୀ ପକ୍ଷରୁ କୋଇଲା ଖଣି ପ୍ରତିଷ୍ଠା ପାଇଁ ଉଦ୍ୟମ ଜାରୀ ରହିଛି ଉପରୋକ୍ତ ସମସ୍ୟା ସ୍ଥାୟୀ ସମାଧାନ ପାଇଁ ପ୍ରଶାସନିକ ପଦକ୍ଷେପ ଗ୍ରହଣ କରିବା ପାଇଁ ଉପସ୍ଥିତ ଥିବା ଜନ ପ୍ରତିନିଧି ତଥା ବୁଦ୍ଧିଜୀବି ମାନେ ଦୃଷ୍ଟି ଆକର୍ଷଣ କରିଥିଲେ । ଅନ୍ୟ ପକ୍ଷରେ ନୟନି କୋଇଲା ଖଣିରୁ ପ୍ରତିଦିନ ଛେଣ୍ଡିପଦା - ଅନୁଗୋଳ ୬୩ ନମ୍ବର ରାଜ୍ୟ ରାଜପଥ ଦେଇ ଶହ ଶହ ସଂଖ୍ୟକ କୋଇଲା ବୋଝେଇ ଭାରି ଯାନ ଟ୍ରକ ଯୋଗେ ବିଭିନ୍ନ ସ୍ଥାନକୁ କୋଇଲା ପରିବହନ କରାଯାଉଥିବା ଯୋଗୁଁ ଏହି ରାସ୍ତା ସମ୍ପୂର୍ଣ୍ଣ ଭାବେ ଖାଲଖମା ହୋଇଯାଇଛି । ରାସ୍ତାର ଦୂରବସ୍ଥା ଯୋଗୁଁ ଜନ ସାଧାରଣ ଯାତାୟତ ଓ ଗମନା ଗମନ କ୍ଷେତ୍ରରେ ବ୍ୟାପକ ଅସୁବିଧା ସମ୍ମୁଖୀନ ହେଉଛନ୍ତି । ଏଥିଯୋଗୁଁ ଅଧିକାଂଶ ସମୟ ଛୋଟ ବଡ଼ ଦୁର୍ଘଟଣା ଘଟୁଛି । ରାସ୍ତା ସାରା ଧୂଳି ଧୂଆଁ ଉଡିବା ସହ କୋଇଲା ଗୁଣ୍ଡ ପଡୁଥିବା ଲକ୍ଷ୍ୟ କରାଯାଉଛି । ଏଥିରେ ସାଧାରଣ ଜୀବନଯାତ୍ରା ବାଧାପ୍ରାପ୍ତ ହେଉଥିବା ଜଣାପଡ଼ିଛି । ଏ ସମ୍ପର୍କରେ ଛେଣ୍ଡିପଦା ଓକିଲ ସଂଘ ସଭାପତି ନଗେନ କୁମାର ନନ୍ଦ ଏବଂ ସଂଘ କର୍ମକର୍ତ୍ତା ମାନେ ଦୃଷ୍ଟି ଆକର୍ଷଣ କରିଥିଲେ । ଏଥିସହ ଅବିଳମ୍ବେ ଉପରୋକ୍ତ ରାସ୍ତା ନିର୍ମାଣ କରିବା ସହ ଏହି ରାସ୍ତା ମଧ୍ୟ ଦେଇ କୋଇଲା ପରିବହନ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଦାବି ଆପତ୍ତି କରିଥିଲେ । ସେହିପରି ଟାଙ୍ଗୀରି ପଞ୍ଚାୟତ ଅଧୀନ ନୂଆପଡା ଓ ନୂଆପଡା ଜଙ୍ଗଲ ମୌଜା ଅଧୀନରେ ଥିବା ପ୍ରାୟ ୪ ଶହ ଏକର ସରକାରୀ ଜମି ଅଧିଗ୍ରହଣ ସକାଶେ ରାଜ୍ୟ ସରକାରଙ୍କ ଇଡକୋ ପକ୍ଷରୁ ସର୍ବ ସାଧାରଣ ନୋଟିସେ ଜାରି କରାଯାଇଛି । ଏହାକୁ ନେଇ ଗ୍ରାମବାସୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଏ ନେଇ ସରପଞ୍ଚ ଅମରେଶ ନାଥ, ସମିତି ସଭ୍ୟ ମହେଶ୍ୱର ମାଝୀ, ଯୁବ ନେତା ରାକେଶ କୁମାର ମହାପାତ୍ର, ଗ୍ରାମ ସଭାପତି ପ୍ରଶାନ୍ତ କୁମାର ମହାପାତ୍ର, ସମ୍ପାଦକ ନବ କିଶୋର ରାଉତ ପ୍ରମୁଖ ଜାରି ହୋଇଥିବା ନୋଟିସ ଯଥାଶୀଘ୍ର ବାତିଲ କରିବା ପାଇଁ ଦାବି କରିଥିଲେ । ସେହିପରି ଛେଣ୍ଡିପଦା ପଞ୍ଚାୟତ ସରପଞ୍ଚ ସୁଦୀପ୍ତ କୁମାର ପ୍ରଧାନ ଖଣି ଖାଦାନ ସମସ୍ୟା,ପରିବହନ ଯୋଗୁଁ ରାସ୍ତା ଘାଟ ସମସ୍ୟା , ବାୟୁ ପ୍ରଦୂଷଣ ସମସ୍ୟା ଆଦି ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ତହସିଲ ଅଫିସ କର୍ମଚାରୀ ସକ୍ରିୟ ସହଯୋଗ କରିଥିଲେ ।

# ଆମେରିକାରେ ୯୦ ବର୍ଷର ରେକର୍ଡ ଭାଙ୍ଗିଲା ତାପମାତ୍ରା

**ନୂଆଦିଲ୍ଲୀ,୧୧।୮(ଏଜେନ୍ସି):** ଆମେରିକା ପାଲଟିଛି ତାତିଲା କଡେଇ, ୯୦ ବର୍ଷର ରେକର୍ଡ ଭାଙ୍ଗିଲା ତାପମାତ୍ରା । ଆମେରିକାରେ ଚଳିତବର୍ଷ ଜୁଲାଇ ମାସର ଗରମ ପୂର୍ବ ରେକର୍ଡ ଭାଙ୍ଗି ଦେଇଛି । ଏହା ଆମେରିକାର ସବୁଠାରୁ ଗରମ ମାସ ଭାବେ କରିଛି ରେକର୍ଡ । ଆମେରିକାର ଜାତୀୟ ସମୁଦ୍ର ଏବଂ ବାୟୁମଣ୍ଡଳୀୟ ପ୍ରଶାସନ -ଏନଓଏଏ ଏହା ଘୋଷଣା କରିଛି । ଏହା ବ୍ୟତୀତ ବର୍ତ୍ତମାନ ଆମେରିକାର କାଲିଫର୍ନିଆ ଏବଂ ନେଭାଡା ରାଜ୍ୟର ସୀମାନ୍ତ ଜଙ୍ଗଲ ନିଆଁ ଦ୍ରୁତ ଗତିରେ ବ୍ୟାପିବାରେ ଲାଗିଛି । ୧୫ ହଜାର ଏକର ଜଙ୍ଗଲ ଜମିରେ ବ୍ୟାପିଛି ନିଆଁ । ଏନେଇ ସରକାରଙ୍କ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ଜୁଲାଇ ମାସରେ ୪୮ଟି ଆମେରିକୀୟ ରାଜ୍ୟରେ ହାରାହାରି ତାପମାତ୍ରା ୭୬ ଦଶମିକ ୯ ଡିଗ୍ରି ଫାରେନହାଇଟ୍ ବା ୨୪ ଦଶମିକ ୯ ଡିଗ୍ରି ସେଲସିୟସ୍ ଥିଲା । ଏନଓଏଏ ପାଖରେ ୧୩୨ ବର୍ଷର ରେକର୍ଡ ରହିଛି । ରେକର୍ଡ ଅନୁସାରେ ଚଳିତବର୍ଷ ଜୁଲାଇ ରେକର୍ଡରେ ସବୁଠାରୁ ଗରମ ମାସ ଥିଲା । ଏହି ରେକର୍ଡ ଆଲାସ୍କା, ହାୱାଇ ଏବଂ ଅନ୍ୟାନ୍ୟ ଆମେରିକୀୟ ବିଦେଶୀ ଅଞ୍ଚଳଗୁଡ଼ିକୁ ବାଦ୍ ଦେଇଛି । ଜୁଲାଇ ମାସର ହାରାହାରି ତାପମାତ୍ରା ୨୦ ଶତାବ୍ଦୀର ହାରାହାରି ତାପମାତ୍ରାଠାରୁ ୩ ଦଶମିକ୩ ଡିଗ୍ରି ଫାରେନହାଇଟ୍ ଅଧିକ ଥିଲା । ରେକର୍ଡ ଅନୁସାରେ ପୂର୍ବରୁ ସବୁଠାରୁ ଗରମ ମାସ ୧୯୩୬ ଜୁଲାଇ ଥିଲା । ସେତେବେଳେ ହାରାହାରି ତାପମାତ୍ରା ଥିଲା ୭୬ ଦଶମିକ ୮ ଡିଗ୍ରି ଫାରେନହାଇଟ୍ ।

# ଶୁଭେନ୍ଦୁ ଅଧିକାରୀଙ୍କ ହେଲିକପ୍ଟରର ଜରୁରୀକାଳୀନ ଅବତରଣ

**ନୂଆଦିଲ୍ଲୀ,୧୧।୮(ଏଜେନ୍ସି):**ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ହେଲିକପ୍ଟର ଜରୁରୀକାଳୀନ ଅବତରଣ କରିଛି । ଖରାପ ପାଗ ଯୋଗୁଁ ହେଲିକପ୍ଟରଟି ପୂର୍ବ ମେଦିନୀପୁର ଜିଲ୍ଲାର କୋଲାଘାଟରେ ଅବତରଣ କରିଛି । ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଦମ୍ ଦମ୍‌ରୁ କେଶପୁର ଅଭିମୁଖେ ଉଡ଼ାଣ କରୁଥିଲେ କିନ୍ତୁ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ପାଇଲଟ୍ ହେଲିକପ୍ଟରକୁ କୋଲାଘାଟର ଏକ ଖୋଲା ପଡ଼ିଆରେ ଅବତରଣ କରିଥିଲେ । ରିପୋର୍ଟ ଅନୁଯାୟୀ, ମୁଖ୍ୟମନ୍ତ୍ରୀ ସ୍ୱାଧୀନତା ସଂଗ୍ରାମୀ ଖୁଦୀରାମ ବୋଷଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ ପାଇଁ ଏକ ସମାରୋହରେ ଯୋଗଦେବା ପାଇଁ କେଶପୁର ଯାଉଥିଲେ । ଅବତରଣ କରିବା ପରେ, ସେ ପଶ୍ଚିମ ମିଦନାପୁର ଜିଲ୍ଲାର କେଶପୁରରେ ଥିବା କାର୍ଯ୍ୟକ୍ରମ ସ୍ଥାନକୁ ସଡ଼କ ପଥରେ ଯାଇଥିଲେ ।

# ଡୋଡାରେ ୪ ସନ୍ଦିଗ୍ଧ ଆତଙ୍କବାଦୀ

**ନୂଆଦିଲ୍ଲୀ,୧୧।୮(ଏଜେନ୍ସି):** ଜମ୍ମୁ-କାଶ୍ମୀରର ଡୋଡା ଜିଲ୍ଲା ଭଦରୱାହ ଅଞ୍ଚଳରେ ୪ ଜଣ ସନ୍ଦିଗ୍ଧ ଆତଙ୍କବାଦୀଙ୍କୁ ଦେଖାଯାଇଥିବା ଖବର ପରେ ସୁରକ୍ଷା ବାହିନୀ ତତ୍ପର ହୋଇଛନ୍ତି । ରାମତୁଣ୍ଡ ଅଞ୍ଚଳରେ ସନ୍ଦିଗ୍ଧ ବ୍ୟକ୍ତିଙ୍କ ଗତିବିଧି ସ୍ଥାନୀୟ ଲୋକଙ୍କ କ୍ୟାମେରାରେ କଏଦ ହୋଇଥିଲା । ଏହାପରେ ସୁରକ୍ଷା ବାହିନୀକୁ ସୂଚନା ଦିଆଯାଇଥିଲା । ସୂଚନା ପାଇବା ପରେ ସେନା, ଜମ୍ମୁ-କାଶ୍ମୀର ପୁଲିସ ଏବଂ ସିଆରପିଏଫ୍ ମିଳିତ ଭାବେ ଅଞ୍ଚଳରେ ସର୍ଚ୍ଚ ଅପରେସନ୍ ଆରମ୍ଭ କରିଛନ୍ତି । ରାମତୁଣ୍ଡ ଓ ଏହାର ଆଖପାଖ ଜଙ୍ଗଲ ଅଞ୍ଚଳକୁ ଘେରାବନ୍ଦୀ କରାଯାଇ ଘନଘନ ତଲାସୀ ଚାଲିଛି ।

ସୁରକ୍ଷା ଏଜେନ୍ସିଙ୍କ ସନ୍ଦେହ ଅନୁସାରେ, ଏହି ଗୋଷ୍ଠୀରେ ୩ ଜଣ ପାକିସ୍ତାନୀ ଆତଙ୍କବାଦୀ ଏବଂ ଜଣେ ସ୍ଥାନୀୟ ଆତଙ୍କବାଦୀ ଥାଇପାରନ୍ତି । ତେବେ ଏନେଇ ଏପର୍ଯ୍ୟନ୍ତ ଅଧିକାରିକ ଭାବେ ସ୍ପଷ୍ଟ ସୂଚନା ମିଳିନାହିଁ । ସନ୍ଦିଗ୍ଧମାନେ କୌଣସି ବଡ଼ ଆକ୍ରମଣ ଯୋଜନା କରୁଥିବା ନେଇ ମଧ୍ୟ ଆଶଙ୍କା କରାଯାଉଛି ।ତଲାସୀ ଅଭିଯାନରେ ଡ୍ରୋନ୍ ଏବଂ ସ୍ନିଫର୍ ଡଗର ସହାୟତା ନିଆଯାଉଛି । ଅଞ୍ଚଳରେ ଅତିରିକ୍ତ ସୁରକ୍ଷା ବାହିନୀ ମୁତୟନ କରାଯାଇଛି । ସନ୍ଦିଗ୍ଧ ବ୍ୟକ୍ତିମାନଙ୍କ ଠାବ କିମ୍ବା ପରିଚୟ ସ୍ପଷ୍ଟ ନହେବା ପର୍ଯ୍ୟନ୍ତ ଅପରେସନ୍ ଜାରି ରହିବ । ପୁଲିସ ପକ୍ଷରୁ ମଧ୍ୟ ସ୍ଥାନୀୟ ଲୋକଙ୍କୁ ସତର୍କ ରହିବା ସହ କୌଣସି ସନ୍ଦିଗ୍ଧ ଗତିବିଧି ଦେଖିଲେ ତୁରନ୍ତ ଜଣାଇବାକୁ କୁହାଯାଇଛି ।

# ଅଯୋଧ୍ୟାରେ ଆଜିଠୁ ରାମ ମନ୍ଦିର ସିଇଓ ଚୟନ ପ୍ରକ୍ରିୟା ଆରମ୍ଭ

**ନୂଆଦିଲ୍ଲୀ,୧୧।୮(ଏଜେନ୍ସି):**ଅଯୋଧ୍ୟାରେ ଆଜିଠୁ ରାମ ମନ୍ଦିର ସିଇଓ ଚୟନ ପ୍ରକ୍ରିୟା, ଏହି ପଦ ପାଇଁ ମଇଦାନରେ ୧୮ ପ୍ରାର୍ଥୀ ଅଛନ୍ତି । ଶ୍ରୀରାମ ଜନ୍ମଭୂମି ମନ୍ଦିରର ଦାନଅର୍ଥରେ ହେରଫେର ଏବଂ ଦାନ ଚୋରି ମାମଲା ସାମ୍ନାକୁ ଆସିବା ପରେ ଟ୍ରଷ୍ଟ ଏହାର ପ୍ରାଶାସନିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ବଡ଼ ପଦକ୍ଷେପ ଗ୍ରହଣ କରିଛି । ମନ୍ଦିର ପାଇଁ ଜଣେ ପୂର୍ଣ୍ଣକାଳୀନ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ -ସିଇଓ ନିଯୁକ୍ତି ପ୍ରକ୍ରିୟା ଆଜିଠାରୁ ଆରମ୍ଭ ହୋଇଛି । ଏହି ପଦ ପାଇଁ ସର୍ଟଲିଷ୍ଟ ହୋଇଥିବା ୧୮ ଜଣ ପ୍ରାର୍ଥୀ ଅଯୋଧ୍ୟାରେ ପହଞ୍ଚିଥିବାବେଳେ ଟ୍ରଷ୍ଟ ଦ୍ୱାରା ଗଠିତ ତିନିଜଣିଆ ପ୍ୟାନେଲ୍ ସେମାନଙ୍କର ସାକ୍ଷାତକାର ନେଉଛନ୍ତି ।ରାମ ମନ୍ଦିର ଦାନହୁଣ୍ଡିରୁ ନଗଦ ଟଙ୍କା ଚୋରି ଏବଂ ଆର୍ଥିକ ଅନିୟମିତତା ଅଭିଯୋଗ ଆସିବା ପରେ ଶ୍ରୀ ରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟର ମହାସଚିବ ଚମ୍ପତ ରାୟ ଏବଂ ଟ୍ରଷ୍ଟି ଅନିଲ ମିଶ୍ର ନିଜ ପଦରୁ ଇସ୍ତଫା ଦେଇଥିଲେ । ଏହାକୁ ଟ୍ରଷ୍ଟ ଗ୍ରହଣ କରିଛିନ୍ତି । ଏହାପରେ ପୂର୍ବତନ ଆରଏସ୍‌ଏସ୍ ପ୍ରଚାରକ ତଥା ଅବସରପ୍ରାପ୍ତ ଆଇଏଫ୍‌ଏସ୍ ଅଧିକାରୀ କୃଷ୍ଣ ମୋହନଙ୍କୁ ଅନ୍ତରୀଣ ମହାସଚିବ ଭାବେ ଦାୟିତ୍ୱ ଦିଆଯାଇଛି । ଉତ୍ତର ପ୍ରଦେଶ ସରକାରଙ୍କ ଦ୍ୱାରା ଗଠିତ ସ୍ୱତନ୍ତ୍ର ତଦନ୍ତକାରୀ ଦଳର ତଦନ୍ତ ଆଧାରରେ ପୁଲିସ ଏପର୍ଯ୍ୟନ୍ତ ୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରିସାରିଛି । ସିସିଟିଭି ଫୁଟେଜ୍, ଟଙ୍କା ଜବତ ଏବଂ ଆର୍ଥିକ ଦସ୍ତାବେଜକୁ ଆଧାର କରି ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ।

# ପଶ୍ଚିମବଙ୍ଗ ଏସଆଇଆର ମାମଲାରେ ସୁପ୍ରିମକୋର୍ଟଙ୍କ କଠୋର ଆଭିମୁଖ୍ୟ

**ନୂଆଦିଲ୍ଲୀ,୧୧।୮(ଏଜେନ୍ସି):**ପଶ୍ଚିମବଙ୍ଗରେ ଭାରତୀୟ ନିର୍ବାଚନ କମିସନ(ଇସିଆ) ପକ୍ଷରୁ ହୋଇଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ପ୍ରକ୍ରିୟା ସମୟରେ ଭୋଟର ତାଲିକାରୁ ଯେଉଁମାନଙ୍କର ନାମ ବାଦ୍ ଦିଆଯାଇଥିଲା ସେମାନଙ୍କର ଆବେଦନର ସମାଧାନ ସମ୍ପର୍କରେ ସୂଚନା ପ୍ରଦାନ କରିବାକୁ ସୁପ୍ରିମକୋର୍ଟ ଭାରତୀୟ ନିର୍ବାଚନ କମିସନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ ପଶ୍ଚିମବଙ୍ଗର ପ୍ରତ୍ୟେକ ବ୍ଲକରେ ଏସଆଇଆର ଟ୍ରିବ୍ୟୁନାଲ ପ୍ରତିଷ୍ଠା ଏବଂ ଆବେଦନର ସମୟସୀମା ମଧ୍ୟରେ ସମାଧାନ ପାଇଁ କଂଗ୍ରେସ ନେତା ଅଧିର ରଞ୍ଜନ ଚୌଧୁରୀଙ୍କ ଦ୍ୱାରା ଦାୟର କରାଯାଇଥିବା ଏକ ଆବେଦନ ନେଇ ଜବାବ ତଲବ କରି ନିର୍ବାଚନ କମିସନଙ୍କୁ ନୋଟିସ୍ ଜାରି କରିଛନ୍ତି ।ଏସଆଇଆର ଉପରେ ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ଉପରେ ମତ ଦେଇ କଂଗ୍ରେସ ନେତା ଅଧିର ରଞ୍ଜନ ଚୌଧୁରୀ କହିଛନ୍ତି, ନିର୍ବାଚନ କମିସନଙ୍କ ଅନୁଯାୟୀ ରାଜ୍ୟରେ ଏସଆଇଆର ଯୋଗୁଁ ୨୭ ଲକ୍ଷ ଲୋକ ଭୋଟ ଦେବାର ଅଧିକାରରୁ ବଞ୍ଚିତ ହୋଇଛନ୍ତି, କିନ୍ତୁ ବାସ୍ତବରେ ୩୪ ଲକ୍ଷ ସାଧାରଣ ଲୋକ ଭୋଟ ଦେବାର ଅଧିକାରରୁ ବଞ୍ଚିତ ହୋଇଛନ୍ତି । ରାଜ୍ୟ ହାଇକୋର୍ଟର ଜଣେ ବିଚାରପତି ନିଜେ ସ୍ୱୀକାର କରିଛନ୍ତି ଯେ ମାମଲାଗୁଡ଼ିକର ନିଷ୍ପତ୍ତି ନେବାର ଗତି ଅତି କମରେ ୨୧ ବର୍ଷ ଲାଗିବ, ଯାହା ଫଳରେ ସମଗ୍ର ପରିବାର କ୍ଷତିଗ୍ରସ୍ତ ହେବେ । ଯଦି ତାଲିକାରେ ନାମ ନାହିଁ,ତେବେ ରାସନ ବନ୍ଦ କରିଦିଆଯାଏ ଏବଂ



କୌଣସି ସୁବିଧା ଯୋଗାଇ ଦିଆଯାଏ ନାହିଁ ।ମାମଲାର ଶୁଣାଣି ସମୟରେ, ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ଖଣ୍ଡପୀଠ କଠୋର ଆଭିମୁଖ୍ୟ ଗ୍ରହଣ କରି କହିଛନ୍ତି, ଯଦି ମାମଲା ପରିଚାଳନା ପାଇଁ ଗଠିତ ଟ୍ରିବ୍ୟୁନାଲ ଆଶାନୁରୂପ କାର୍ଯ୍ୟ ନ କରେ, ତେବେ ଏହାର କାର୍ଯ୍ୟ ପଦ୍ଧତିରେ ପରିବର୍ତ୍ତନ କରାଯାଇପାରେ । କୋର୍ଟ ଉଲ୍ଲେଖ କରିଛନ୍ତି, ମାମଲାକୁ ନେଇ ବହୁ ସମୟ ବିତିଯାଇଛି, ତେଣୁ ବର୍ତ୍ତମାନ ଟ୍ରିବ୍ୟୁନାଲ କେତେ ମାମଲା ସମାଧାନ କରିଛି ତାହା ପରୀକ୍ଷା କରିବା ଆବଶ୍ୟକ । ଏହି ମନ୍ତବ୍ୟର ଜବାବରେ, ପଶ୍ଚିମବଙ୍ଗ ସରକାରଙ୍କ ପ୍ରତିନିଧିତ୍ୱ କରୁଥିବା ଆଇନଜୀବୀ କହିଛନ୍ତି ଯେ ସେମାନେ ଖୁବ୍ ଶୀଘ୍ର କୋର୍ଟରେ ସମ୍ପୂର୍ଣ୍ଣ ତଥ୍ୟ ଉପସ୍ଥାପନ କରିବେ ।

# ହିମାଚଳରେ ମୌସୁମୀ ବିପ୍ରାତ ୧୫୭ ମୃତ, ୨୫୯ ରାସ୍ତା ବନ୍ଦ

**ନୂଆଦିଲ୍ଲୀ,୧୧।୮(ଏଜେନ୍ସି):**ଲଗାଣ ବର୍ଷା, ଭୂସ୍ଖଳନ ଓ ଆକସ୍ମିକ ବନ୍ୟାରେ ହିମାଚଳ ପ୍ରଦେଶର ସ୍ଥିତି ଦିନକୁ ଦିନ ଗମ୍ଭୀର ହେଉଛି । ଜୁନ୍ ୩୦ରୁ ଅଗଷ୍ଟ ୯ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷାଜନିତ ଘଟଣା ଓ ସଡ଼କ ଦୁର୍ଘଟଣାରେ ୧୫୭ ଜଣଙ୍କ ମୃତ୍ୟୁ ହୋଇଛି ।ରାଜ୍ୟ ଜରୁରୀକାଳୀନ ଅପରେସନ୍ ସେଣ୍ଟରର ରିପୋର୍ଟ ଅନୁସାରେ, ଭୂସ୍ଖଳନ ଓ ଆକସ୍ମିକ ବନ୍ୟାରେ ୬୮ ଜଣ ପ୍ରାଣ ହରାଇଛନ୍ତି । ଏହାସହ ସଡ଼କ ଦୁର୍ଘଟଣାରେ ଆଉ ୮୯ ଜଣଙ୍କ ମୃତ୍ୟୁ ହୋଇଛି । ପ୍ରାୟ ୨୫୭ ଜଣ ନିଖୋଜ ଥିବା ମଧ୍ୟ ରିପୋର୍ଟରେ କୁହାଯାଇଛି ।ଭୂସ୍ଖଳନ ଯୋଗୁଁ ରାଜ୍ୟର ପ୍ରାୟ ୨୫୯ଟି ରାସ୍ତାରେ ଯାତାୟାତ ଠପ୍ ହୋଇଛି । ଏଥିରେ ଗୁରୁତ୍ୱପୂର୍ଣ୍ଣ ମଣ୍ଡି-କୁଲ୍ଲୁ ରାଜପଥ ମଧ୍ୟ ରହିଛି । ମଣ୍ଡିରେ ୧୨୦, ଚମ୍ବାରେ ୪୨, କୁଲ୍ଲୁରେ ୪୦ ଏବଂ ଶିମଲାରେ ୩୦ଟି ରାସ୍ତା ବନ୍ଦ ରହିଛି ।ଲଗାଣ ବର୍ଷାରେ ପ୍ରାୟ ୯୦୦ଟି ଘର, ସରକାରୀ ସମ୍ପତ୍ତି ଓ ଅନ୍ୟାନ୍ୟ ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇ ଛି । ମୋଟ କ୍ଷୟକ୍ଷତି ପ୍ରାୟ ୮୮୬ କୋଟି ଟଙ୍କା ଆକଳନ କରାଯାଇଛି ।ବିଦ୍ୟୁତ୍ ଯୋଗାଣ ମଧ୍ୟ ବାଧାପ୍ରାପ୍ତ ହୋଇଛି । ୧୬୧ଟି ଡିଷ୍ଟ୍ରିବ୍ୟୁସନ୍ ଟ୍ରାନ୍ସଫର୍ମର୍ ଅଚଳ ହୋଇଥିବା ବେଳେ ମଣ୍ଡିରେ ୭୭ଟି, ଶିମଲାରେ ୪୩ଟି ଓ କୁଲ୍ଲୁରେ ୪୦ଟି ଟ୍ରାନ୍ସଫର୍ମର୍ ପ୍ରଭାବିତ ହୋଇଛି ।ସ୍ଥିତି ଏବେ ବି ଚିନ୍ତାଜନକ । ଭାରତୀୟ ପାଣିପାଗ ବିଭାଗ କାଙ୍ଗଡ଼ା, ମଣ୍ଡି, ହମିରପୁର, ଶିମଲା ଓ ସିରମୌରରେ ପ୍ରବଳ ବର୍ଷା ପାଇଁ ଅରେଞ୍ଜ୍ ଆଲର୍ଟ ଜାରି କରିଛି । ଚମ୍ବା, କୁଲ୍ଲୁ, ସୋଲନ ଓ ବିଲାସପୁରରେ ମଧ୍ୟ ମଧ୍ୟମରୁ ପ୍ରବଳ ବର୍ଷା ହୋଇପାରେ । ଫଳରେ ଭିତ୍ତିଭୂମି ପୁନରୁଦ୍ଧାର ସହ ଆଗକୁ ଆସୁଥିବା ବର୍ଷାକୁ ମୁକାବିଲା କରିବା ହିମାଚଳ ସରକାରଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି ।

# ସୁଭାଷ ଚନ୍ଦ୍ର ବୋଷଙ୍କ ଝିଅ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ; କେନ୍ଦ୍ର ସରକାରଙ୍କୁ ନୋଟିସ୍ ଜାରି

**ନୂଆଦିଲ୍ଲୀ,୧୧।୮(ଏଜେନ୍ସି):** ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଝିଅ ଅନିତା ବୋଷ ଫାଫ୍ ଜାପାନର ଟୋକିଓସ୍ଥିତ ରେଙ୍କଜି ମନ୍ଦିରରୁ ତାଙ୍କ ଚିତାଭସ୍ମ ଫେରାଇ ଆଣିବା ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି । ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ କେନ୍ଦ୍ର ସରକାର, ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏବଂ ଗୃହ ମନ୍ତ୍ରଣାଳୟକୁ ନୋଟିସ୍ ଜାରି କରିଛନ୍ତି । ଶୁଣାଣି ସମୟରେ ବରିଷ୍ଠ ଆଇନଜୀବୀ ଏଏମ୍ ସିଂଘଭି କହିଛନ୍ତି ଯେ ଏହା ଏପରି ଏକ ମାମଲା ଯେଉଁଥିରେ ନେତାଜୀଙ୍କ ଝିଅ ବ୍ୟକ୍ତିଗତ ଭାବରେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଜଷ୍ଟିସ୍ ଜୟମାଲ୍ୟ ବାଗଚୀ କହିଥିଲେ ଯେ କେନ୍ଦ୍ର ସରକାରଙ୍କୁ ପ୍ରଥମେ ଜବାବ ଦେବାକୁ ଅନୁମତି ଦିଆଯିବା ଉଚିତ୍ ।ଏହାପରେ ସିଜେଆଇନୋଟିସ୍ ଜାରି କରିବାକୁ ନିର୍ଦ୍ଦେଶ ଦେଇଥିଲେ ।ପୂର୍ବରୁ, ମାର୍ଚ୍ଚ ୨୦୨୬ ରେ, ସୁପ୍ରିମକୋର୍ଟ ନେତାଜୀଙ୍କ ପୁତୁରାଙ୍କ ପୁଅ ଆଶିଷ ରାୟଙ୍କ ଦ୍ୱାରା ଦାୟର ଏକ ଜନହିତକର ଆବେଦନର ଶୁଣାଣି କରିବାକୁ ମନା କରିଦେଇଥିଲେ । ସେହି ସମୟରେ, ମୁଖ୍ୟ ବିଚାରପତିଙ୍କ ଖଣ୍ଡପୀଠ କହିଥିଲେ ଯେ ନେତାଜୀଙ୍କ ଝିଅ ଅନିତା ବୋଷ ଫାଫ୍ ବ୍ୟକ୍ତିଗତ ଭାବରେ ନିଜ ନାମରେ ଆବେଦନ ଦାଖଲ କରିବା ଉଚିତ୍, କାରଣ ସେ ତାଙ୍କର ଆଇନଗତ ଉତ୍ତରାଧିକାରୀ । ବର୍ତ୍ତମାନ, ଅନିତା ବୋଷ ଫାଫ୍ ସୁପ୍ରିମକୋର୍ଟରେ ଏକ ଆବେଦନ ଦାଖଲ କରିଛନ୍ତି, ଯେଉଁଥିରେ ଟୋକିଓର ରେଙ୍କଜି ମନ୍ଦିରରେ ରଖାଯାଇଥିବା ନେତାଜୀଙ୍କ ଚିତାଭସ୍ମକୁ ଭାରତକୁ ଫେରାଇ ଆଣିବା ପାଇଁ ଦାବି କରାଯାଇଛି ।ନେତାଜୀଙ୍କ ଝିଅ ଦାବି କରୁଛନ୍ତି ଯେ ନେତାଜୀଙ୍କ ଅସ୍ଥି, ଯାହା ଜାପାନର ଟୋକିଓର ରେଙ୍କଜି ମନ୍ଦିରରେ ରଖାଯାଇଥିବା କୁହାଯାଉଛି, ତାହାକୁ ଭାରତ ଅଣାଯାଉ । ସେ କହିଛନ୍ତି ଯେ ନେତାଜୀଙ୍କୁ ଭାରତ ମାଟିରେ ଶେଷ ସମ୍ମାନ ଦିଆଯିବା ଉଚିତ୍ । ସେ ବର୍ଷ ବର୍ଷ ଧରି ଏହି ଦାବି ପାଇଁ କାମ କରିଆସୁଛନ୍ତି । ଏହା ଉଲ୍ଲେଖନୀୟ ଯେ ନେତାଜୀଙ୍କ ଅସ୍ଥି ଫେରାଇ ଆଣିବା ପ୍ରସଙ୍ଗ ତାଙ୍କ କଥିତ ବିମାନ ଦୁର୍ଘଟଣା ଘଟଣା ପରି ପୁରୁଣା । ନେତାଜୀଙ୍କ ଝିଅ ଅନିତା ବୋଷ ଜର୍ମାନୀରେ ରୁହନ୍ତି ଏବଂ ତାଙ୍କ ପିତାଙ୍କ ଅସ୍ଥିକୁ ଜନ୍ମଭୂମିକୁ ଫେରାଇ ଆଣିବା ପାଇଁ ନିରନ୍ତର ଆବେଦନ କରିଆସୁଛନ୍ତି । ଗତ ବର୍ଷ, ନେତାଜୀଙ୍କ ଅଣନାତି ଚନ୍ଦ୍ର କୁମାର ବୋଷ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଏକ ଚିଠି ଲେଖି ନେତାଜୀଙ୍କ ଅସ୍ଥିକୁ ଭାରତ ଫେରାଇ ଆଣିବାକୁ ଅନୁରୋଧ କରିଥିଲେ ।

## ହର୍ମୁଜ୍‌କୁ ନେଇ ଇରାନର ନାଲିଆଖି

# ୨୦୨୯ ଯାଏଁ ଆମେରିକା ସହ ଆଲୋଚନା ନାହିଁ

**ନୂଆଦିଲ୍ଲୀ,୧୧।୮(ଏଜେନ୍ସି):** ଇରାନ ଓ ଆମେରିକା ମଧ୍ୟରେ ତିକ୍ତତା କମିବାର ନାଁ ଧରୁନାହିଁ । ହର୍ମୁଜ୍ ପ୍ରଣାଳୀକୁ ନେଇ ଦୁଇ ଦେଶ ମଧ୍ୟରେ ବିବାଦ ଆହୁରି ତୀବ୍ର ହୋଇଛି । ହର୍ମୁଜ୍ ପ୍ରଣାଳୀକୁ ପୁଣି ଖୋଲିବା ପାଇଁ ଆମେରିକା ଇରାନ ଉପରେ ଚାପ ପକାଉଥିବା ବେଳେ ତେହେରାନ ଏବେ କଠୋର ଆଭିମୁଖ୍ୟ ନେଇଥିବା ଦାବି କରାଯାଇଛି । ଇରାନ ପକ୍ଷରୁ କୁହାଯାଇଛି ଯେ, ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କାର୍ଯ୍ୟକାଳ ଶେଷ ନହେବା ପର୍ଯ୍ୟନ୍ତ ଆମେରିକା ସହିତ କୌଣସି ଆଲୋଚନା କରାଯିବ ନାହିଁ । ଟ୍ରମ୍ପଙ୍କ ବର୍ତ୍ତମାନର କାର୍ଯ୍ୟକାଳ ୨୦ ଜାନୁଆରୀ ୨୦୨୯ରେ ଶେଷ ହେବାକୁ ଥିବାରୁ, ସେପର୍ଯ୍ୟନ୍ତ ତେହେରାନ ନିଜର ବର୍ତ୍ତମାନ ରଣନୀତି ଜାରି ରଖିବ ବୋଲି ଦାବି କରାଯାଇଛି ।ଇରାନର ଏହି ଆଭିମୁଖ୍ୟ ଆମେରିକା ପାଇଁ ଚିନ୍ତା ବଢ଼ାଇଛି । ତେହେରାନ କହୁଛି ଯେ ଟ୍ରମ୍ପ ପ୍ରଶାସନ ସହିତ କୌଣସି ମୂଲ୍ୟରେ ଆପୋଷ ବୁଝାମଣା କରାଯିବ ନାହିଁ । ଭବିଷ୍ୟତରେ ଆମେରିକା ସହ ଆଲୋଚନା ହେଲେ ମଧ୍ୟ ଏହା ଟ୍ରମ୍ପଙ୍କ କାର୍ଯ୍ୟକାଳ ପରେ



ହିଁ ହେବ ବୋଲି ଇରାନ ପକ୍ଷରୁ ସଙ୍କେତ ଦିଆଯାଇଛି ।ଏହା ସହିତ ଆମେରିକା ସହ ଆଲୋଚନା ପାଇଁ ଇରାନ କିଛି କଠୋର ସର୍ତ୍ତ ମଧ୍ୟ ରଖିଛି । ଏଥିରେ ପ୍ରାୟ ୩୦୦ ବିଲିୟନ ଡଲାର କ୍ଷତିପୂରଣ, ଜବତ ହୋଇଥିବା ଇରାନୀ ସମ୍ପତ୍ତିକୁ ମୁକ୍ତ କରିବା ଏବଂ ଆମେରିକୀୟ ସେନା ପ୍ରତ୍ୟାହାର ଭଳି ଦାବି ରହିଛି । ଯୁଦ୍ଧ ସମୟରେ ହୋଇଥିବା କ୍ଷତି ଏବଂ ଚୁକ୍ତିନାମାର କଥିତ ଉଲ୍ଲଂଘନ ପାଇଁ ମଧ୍ୟ ଇରାନ କ୍ଷତିପୂରଣ ଦାବି କରୁଛି । ତେବେ ଏହି ସମସ୍ତ ଦାବି ଆମେରିକା ଗ୍ରହଣ ନକଲେ ଆଲୋଚନା ଆଗକୁ ବଢ଼ିବ ନାହିଁ ବୋଲି ତେହେରାନ ପକ୍ଷରୁ କୁହାଯାଇଛି । ଫଳରେ ହର୍ମୁଜ୍ ପ୍ରଣାଳୀକୁ ନେଇ ଦୁଇ ଦେଶ ମଧ୍ୟରେ ଚାପ ଆହୁରି ବଢ଼ିବାର ଆଶଙ୍କା ରହିଛି ।

# ଆମେରିକା କୋର୍ଟରୁ ଆଦାନୀଙ୍କୁ ବଡ ଆଶ୍ୱସ୍ତି

**ନୂଆଦିଲ୍ଲୀ,୧୧।୮(ଏଜେନ୍ସି):**ଭାରତୀୟ ଶିଳ୍ପପତି ଗୌତମ ଆଦାନୀଙ୍କ ବିରୋଧରେ ଆମେରିକାରେ ଚାଲିଥିବା ଲାଞ୍ଚ ଦେବା ଓ ଠକେଇ ମାମଲାରେ ବଡ଼ ଆଶ୍ୱସ୍ତି ମିଳିଛି । ଆମେରିକାର ଏକ ଅଦାଲତ ଏହି ମାମଲାକୁ ଖାରଜ କରିଛନ୍ତି । ବ୍ରୁକଲିନର ଆମେରିକୀୟ ଜିଲ୍ଲା ଅଦାଲତର ବିଚାରପତି ନିକୋଲାସ୍ ଗାରୋଫିସ୍ ମାମଲାକୁ ଆଗକୁ ନ ବଢ଼ାଇବା ପାଇଁ ଆମେରିକାର ନ୍ୟାୟ ବିଭାଗ (DOJ) କରିଥିବା ଅନୁରୋଧକୁ ମଞ୍ଜୁର କରିଛନ୍ତି । ତେବେ ଅନୁରୋଧ ମଞ୍ଜୁର କରିବା ବେଳେ ମାମଲାର ପରିଚାଳନା ନେଇ ଡିଓଜେକୁ କଡା ସମାଲୋଚନା କରିଥିଲେ ବିଚାରପତି । ୨୦୨୪ ମସିହାରେ ଗୌତମ ଆଦାନୀଙ୍କ ଉପରେ ଭାରତୀୟ ସରକାରୀ ଅଧିକାରୀଙ୍କୁ ଲାଞ୍ଚ ଦେବାକୁ ସହମତି ପ୍ରକାଶ କରିଥିବା ଅଭିଯୋଗ ଆସିଥିଲା । ଏହି ଲାଞ୍ଚ ମାଧ୍ୟମରେ ଆଦାନୀ ଗ୍ରୁପ୍ର ଏକ କମ୍ପାନୀକୁ ସୌର ଶକ୍ତି ପ୍ରକଳ୍ପର ଠିକା ଦେବା ପାଇଁ ଚେଷ୍ଟା କରାଯାଇଥିବା ଆମେରିକୀୟ ନିବେଶକମାନେ ଅଭିଯୋଗ କରିଥିଲେ । ତେବେ ଆଦାନୀ ଗ୍ରୁପ୍ ଏହି ସମସ୍ତ ଅଭିଯୋଗକୁ ଲଗାତାର ଖଣ୍ଡନ କରିଆସିଥିଲା ।ଅଦାଲତଙ୍କ ରାୟ ପରେ ଗୌତମ ଆଦାନୀ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ପୋଷ୍ଟ କରି ରାୟକୁ ସ୍ୱାଗତ କରିଛନ୍ତି । ସେ କହିଛନ୍ତି ଯେ, ନ୍ୟାୟିକ ପ୍ରକ୍ରିୟା ପ୍ରତି ନମ୍ରତା ଓ ଗଭୀର ସମ୍ମାନ ସହିତ ସେ ଆମେରିକୀୟ ଅଦାଲତଙ୍କ ନିଷ୍ପତ୍ତିକୁ ସ୍ୱାଗତ କରୁଛନ୍ତି ।ଏହି ମାମଲାର ମୂଳ ଅଭିଯୋଗ ଭାରତରେ ଲାଞ୍ଚ ଏବଂ ସୌର ଶକ୍ତି ପ୍ରକଳ୍ପର ଠିକା ସହ ଜଡ଼ିତ ଥିଲା । ତେବେ ଏଥିରେ ଆମେରିକୀୟ ନିବେଶକଙ୍କ ଟଙ୍କା ଜଡ଼ିତ ଥିବାରୁ ମାମଲା ଆମେରିକାରେ ମଧ୍ୟ ପହଞ୍ଚିଥିଲା । ୨୦୨୧ ସେପ୍ଟେମ୍ବରରେ ଆଦାନୀ ଗ୍ରୀନ୍ ଏନର୍ଜି ପ୍ରାୟ ୭୫ କୋଟି ଡଲାରର ବଣ୍ଡ ଜାରି କରିଥିଲା । ଏଥିରୁ ପ୍ରାୟ ୧୭.୫ କୋଟି ଡଲାର ଆମେରିକୀୟ ନିବେଶକଙ୍କ ଠାରୁ ଆସିଥିଲା ।ଆମେରିକୀୟ ତଦନ୍ତକାରୀଙ୍କ ଅଭିଯୋଗ ଅନୁସାରେ, କମ୍ପାନୀ ନିବେଶକଙ୍କୁ ଲାଞ୍ଚ ସମ୍ପର୍କିତ ବିପଦ ଏବଂ ଏହାକୁ ରୋକିବା ପାଇଁ ନିଆଯାଇଥିବା ବ୍ୟବସ୍ଥା ବିଷୟରେ ସମ୍ପୂର୍ଣ୍ଣ ସୂଚନା ଦେଇନଥିଲା । ଏହି କାରଣରୁ ମାମଲା କେବଳ ଭାରତରେ ସୀମିତ ରହିନଥିଲା । ଆମେରିକୀୟ ନିବେଶକ ଏବଂ ଆମେରିକା ସହ ଜଡ଼ିତ ଆର୍ଥିକ କାରବାରକୁ ନେଇ ମଧ୍ୟ ଠକେଇର ଅଭିଯୋଗ ଲଗାଯାଇଥିଲା ।



# କିଟ୍ ବିଶ୍ୱବିଦ୍ୟାଳୟ ସହ ଏଆଇ ସେଣ୍ଟର ଅଫ୍ ଏକ୍ସଲେନ୍ସ ପ୍ରତିଷ୍ଠା କରିବ ପ୍ରୋଟିଭିଟି ମେମ୍ବର ଫାର୍ମ ଫର୍ ଇଣ୍ଡିଆ

**ଭୁବନେଶ୍ୱର,୧୧।୮ (ନି.ପ୍ର) :** ଭାରତରେ ପ୍ରୋଟିଭିଟିର ମେମ୍ବର ଫାର୍ମ ପ୍ରୋଟିଭିଟି ମେମ୍ବର ଫାର୍ମ ଫର୍ ଇଣ୍ଡିଆ, କିଟ୍ ବିଶ୍ୱବିଦ୍ୟାଳୟ ସହ ଏକ ରଣନୀତିକ ସହଭାଗିତା ସ୍ଥାପନ କରିଛି। ଏହି ସହଯୋଗିତା ଅଧୀନରେ ବିଶ୍ୱବିଦ୍ୟାଳୟ ପରିସରରେ ଏକ ଏଆଇ ସେଣ୍ଟର ଅଫ୍ ଏକ୍ସଲେନ୍ସ (ସିଏଏ) ପ୍ରତିଷ୍ଠା କରାଯିବ। ଦ୍ରୁତ ଭାବରେ ବିକଶିତ ହେଉଥିବା ଏଆଇ ଭିତ୍ତିକ ଅର୍ଥନୀତିର ଆବଶ୍ୟକତା ପୂରଣ ପାଇଁ ଛାତ୍ରଛାତ୍ରୀ ଓ କାର୍ଯ୍ୟରତ ପେସାଦାରମାନଙ୍କୁ ପ୍ରସ୍ତୁତ କରିବା ଲାଗି ଏହି ସେଣ୍ଟର ଏକ ସମନ୍ୱିତ ପ୍ଲାଟଫର୍ମ ଭାବେ କାର୍ଯ୍ୟ କରିବ। ଏହି ପଦକ୍ଷେପ ଶିକ୍ଷାଗତ ଉତ୍କର୍ଷ, ପରାମର୍ଶଦାତା ଦକ୍ଷତା ଓ ଶିଳ୍ପ ଆବଶ୍ୟକତାକୁ ଏକତ୍ର କରି କୃତ୍ରିମ ବୁଦ୍ଧିମତ୍ତା (ଏଆଇ), ଜେନେରେଟିଭ୍ ଓ ଏଜେଣ୍ଟିକ୍ ଏଆଇ ଏବଂ ଡାଟା ସାଇନ୍ସ ଭଳି ଉଦୀୟମାନ କ୍ଷେତ୍ରରେ ଭବିଷ୍ୟତ ପାଇଁ ପ୍ରସ୍ତୁତ ପ୍ରତିଭା ବିକଶିତ କରିବ। ପ୍ରୋଟିଭିଟି ମେମ୍ବର ଫାର୍ମ ଫର୍ ଇଣ୍ଡିଆର ରଣନୀତିକ ଜ୍ଞାନ ସହଯୋଗୀ ଓ ଆସୋସିଏଟ୍ ଭାବେ ଇନସାଇଟ୍ ?ଭର୍ଜ ଏଆଇ ସେଣ୍ଟର ଅଫ୍ ଏକ୍ସଲେନ୍ସ ଅଧୀନରେ ପ୍ରସ୍ତାବିତ ଶିକ୍ଷାଗତ ଓ ପେସାଦାର କାର୍ଯ୍ୟକ୍ରମଗୁଡ଼ିକର ପରିକଳ୍ପନା, ପରିଚାଳନା ଓ ସହଯୋଗ କରିବ। ଏହି ସେଣ୍ଟର ଶିଳ୍ପ ଓ ଶିକ୍ଷାନୁଷ୍ଠାନ ମଧ୍ୟରେ ସହଯୋଗକୁ ଆହୁରି ମଜବୁତ କରିବ। ଲାଇଭ୍ କନସଲଟିଂ ଆସାଇନମେଣ୍ଟ, ଶିଳ୍ପ ପ୍ରକଳ୍ପ, କ୍ୟାପଷ୍ଟୋନ୍ ପ୍ରୋଗ୍ରାମ, ମେଣ୍ଟରସିପ୍, ଏକ୍ଜିକ୍ୟୁଟିଭ୍ ଏଜୁକେସନ୍ ଏବଂ ଶିଳ୍ପ ବିଶେଷଜ୍ଞଙ୍କ ଦ୍ୱାରା କ୍ଲାସରୁମ୍ ଶିକ୍ଷା ମାଧ୍ୟମରେ ପ୍ରୟୋଗଭିତ୍ତିକ ଶିକ୍ଷା ପ୍ରଦାନ କରାଯିବା ନେଇ ଲକ୍ଷ୍ୟ ରହିଛି। କେବଳ ଶିକ୍ଷାଗତ କାର୍ଯ୍ୟକ୍ରମରେ ସୀମିତ ନ ରହି ଏହି ସେଣ୍ଟର ନବ ସୃଜନ, ଇନକ୍ୟୁବେସନ୍, ଗବେଷଣା ଏବଂ ଭେଞ୍ଚର ବିଲ୍ଡିଂ ପଦକ୍ଷେପ ପାଇଁ ମଧ୍ୟ ଏକ ପ୍ଲାଟଫର୍ମ ଭାବେ କାମ କରିବ। ଏହା ମାଧ୍ୟମରେ ଛାତ୍ରଛାତ୍ରୀ ମାନେ ଉଦୀୟମାନ ପ୍ରଯୁକ୍ତିର ବ୍ୟବହାର କରି ବାସ୍ତବ ଦୁନିଆର ବ୍ୟବସାୟିକ ସମସ୍ୟାର ସମାଧାନ ଖୋଜିବାକୁ ସୁଯୋଗ ପାଇବେ। ଏହି ସହଯୋଗିତା ଏଭଳି ଏକ ସମୟରେ ହୋଇଛି, ଯେତେବେଳେ ଏଆଇ ଆଧାରିତ ପରିବର୍ତ୍ତନ ମଧ୍ୟରେ ଥିବା ସଂଗଠନଗୁଡ଼ିକ ପାଇଁ କେବଳ ବୈଷୟିକ ଦକ୍ଷତା ନୁହେଁ, ବରଂ ପରାମର୍ଶ, ଶାସନ ବ୍ୟବସ୍ଥା ଓ ବ୍ୟବସାୟିକ ପରିବର୍ତ୍ତନ ସମ୍ପର୍କିତ ଦକ୍ଷତା ଥିବା ଶ୍ରମ ଶକ୍ତିର ଆବଶ୍ୟକତା ବଢ଼ିଛି। ତେଣୁ ଭବିଷ୍ୟତର ଏଭଳି ଦକ୍ଷ କର୍ମଶକ୍ତି ପ୍ରସ୍ତୁତ କରିବାରେ ଶିଳ୍ପ ଓ ବିଶ୍ୱବିଦ୍ୟାଳୟର ମିଳିତ ପ୍ରୟାସ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ବିବେଚିତ ହୋଇଛି। ଏହି ସହଯୋଗିତା ସମ୍ପର୍କରେ ପ୍ରୋଟିଭିଟି ମେମ୍ବର ଫାର୍ମ– ମିଡିଲ୍ ଇଷ୍ଟ ଆଣ୍ଡ ଇଣ୍ଡିଆର ସିଇଓ ଏବଂ ମ୍ୟାନେଜିଂ ଡାଇରେକ୍ଟର ସଞ୍ଜୀବ ଅଗ୍ରୱାଲ କହିଛନ୍ତି, "କୃତ୍ରିମ ବୁଦ୍ଧିମତ୍ତା ସଂଗଠନଗୁଡ଼ିକର କାର୍ଯ୍ୟ ପ୍ରଣାଳୀ, ପ୍ରତିଯୋଗିତା ଓ ମୂଲ୍ୟ ସୃଷ୍ଟି ପ୍ରକ୍ରିୟାରେ ମୌଳିକ ପରିବର୍ତ୍ତନ ଆଣୁଛି। ବ୍ୟବସାୟଗୁଡ଼ିକ ଯେତେବେଳେ ଏଆଇ ଯାତ୍ରାକୁ ଦ୍ରୁତ କରୁଛନ୍ତି, ସେତେବେଳେ କେବଳ ପ୍ରଯୁକ୍ତିକୁ ବୁଝୁଥିବା ନୁହେଁ,



ବରଂ ଏହାର ବ୍ୟବସାୟିକ, ଶାସନ ଓ ବିପଦ ସମ୍ପର୍କିତ ପ୍ରଭାବକୁ ବୁଝୁଥିବା ପ୍ରତିଭାର ତୁରନ୍ତ ଆବଶ୍ୟକତା ରହିଛି। କିଟ୍ ବିଶ୍ୱବିଦ୍ୟାଳୟ ସହ ଆମର ଏହି ସହଯୋଗିତା ଭବିଷ୍ୟତର ଶ୍ରମ ଶକ୍ତି ଗଠନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ଏଆଇ ସେଣ୍ଟର ଅଫ୍ ଏକ୍ସଲେନ୍ସ ମାଧ୍ୟମରେ ଆମେ ଶିକ୍ଷାଗତ ଜ୍ଞାନକୁ ବାସ୍ତବ ଶିଳ୍ପ ଅଭିଜ୍ଞତା ସହ ଯୋଡ଼ି ଛାତ୍ରଛାତ୍ରୀଙ୍କୁ ବ୍ୟବହାରିକ ଦକ୍ଷତା, ଶିଳ୍ପ ଉପଯୋଗୀ ଏବଂ ବ୍ୟାପକ ଦୃଷ୍ଟିକୋଣ ପ୍ରଦାନ କରିବାକୁ ଚାହୁଁଛୁ, ଯାହା ଭାରତର ଦ୍ରୁତଗତିରେ ବିକଶିତ ହେଉଥିବା ଏଆଇ ଓ ଡିଜିଟାଲ୍ ଅର୍ଥନୀତିରେ ସେମାନଙ୍କୁ ଅର୍ଥପୂର୍ଣ୍ଣ ଯୋଗଦାନ କରିବାରେ ସକ୍ଷମ କରିବ।"

ଏହି ଅବସରରେ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ସଞ୍ଜୀବ ଅଗ୍ରୱାଲଙ୍କୁ ଡକ୍ଟର ଅଫ୍ ଲେଟର୍ସ (ଡି.ଲିଟ୍.) ସମ୍ମାନସୂଚକ ଡିଗ୍ରୀ ପ୍ରଦାନ କରାଯାଇଥିଲା। ଗତ ତିନି ଦଶନ୍ଧି ଧରି ପ୍ରୋଟିଭିଟିର ମିଡିଲ୍ ଇଷ୍ଟ ଓ ଇଣ୍ଡିଆ ପ୍ରାକ୍ଟିସ୍ ?ର ବିକାଶ ଓ ପରିଚାଳନାରେ ତାଙ୍କର ଉଲ୍ଲେଖନୀୟ ଅବଦାନ ଏବଂ ବିଶିଷ୍ଟ ପେସାଦାର ଯାତ୍ରାକୁ ସ୍ୱୀକୃତି ଦେବା ଉଦ୍ଦେଶ୍ୟରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି।

କିଟ୍ ବିଶ୍ୱବିଦ୍ୟାଳୟର ଡାଇରେକ୍ଟର – ଇଣ୍ଡଷ୍ଟ୍ରି ଏନ୍ଗେଜମେଣ୍ଟ ଏବଂ କେଏସ୍ ?ଓଏମ୍ ପ୍ରଫେସର (ଡ.) କୁମାର ମହାନ୍ତି କହିଛନ୍ତି, "କିଟ୍ ବିଶ୍ୱବିଦ୍ୟାଳୟରେ ଆମେ ସବୁବେଳେ ବିଶ୍ୱାସ କରୁଛୁ ଯେ ଶିକ୍ଷା ବ୍ୟବସ୍ଥାକୁ ଶିଳ୍ପ ସହିତ ସମାନ ଗତିରେ ବିକଶିତ ହେବାକୁ ପଡ଼ିବ। ପ୍ରୋଟିଭିଟି ମେମ୍ବର ଫର୍ମ ଫର୍ ଇଣ୍ଡିଆ ଏବଂ ଇନସାଇଟଭର୍ଜ ସହ ଏହି ସହଯୋଗିତା ଆମ ଛାତ୍ରଛାତ୍ରୀଙ୍କୁ ଉଦୀୟମାନ ପ୍ରଯୁକ୍ତି, କନସଲଟିଂ ପ୍ରାକ୍ଟିସ୍ ଏବଂ ଗୁରୁତ୍ୱପୂର୍ଣ୍ଣ ବାସ୍ତବ ବ୍ୟବସାୟିକ ସମସ୍ୟା ସମ୍ପର୍କରେ ପ୍ରାକ୍ଟିକାଲ୍ ଅଭିଜ୍ଞତା ପ୍ରଦାନ କରିବ। ଏଆଇ ସେଣ୍ଟର ଅଫ୍ ଏକ୍ସଲେନ୍ସ ଶିଳ୍ପ ନେତୃତ୍ୱାଧୀନ ପାଠ୍ୟକ୍ରମ, ଲାଇଭ୍ ପ୍ରକଳ୍ପ, ମେଣ୍ଟରସିପ୍ ଓ ଉଦ୍ଭାବନ ପଦକ୍ଷେପ ମାଧ୍ୟମରେ ଅଭିଜ୍ଞତାଭିତ୍ତିକ ଶିକ୍ଷାକୁ ଆହୁରି ସୁଦୃଢ଼ କରିବ। ଏହା ଆମ ଛାତ୍ରଛାତ୍ରୀଙ୍କୁ ଦ୍ରୁତଗତିରେ ବଦଳୁଥିବା ବିଶ୍ୱ ଅର୍ଥନୀତିରେ ସଫଳ ହେବା ପାଇଁ ଆବଶ୍ୟକ ଦକ୍ଷତା ଓ ଆତ୍ମବିଶ୍ୱାସ ପ୍ରଦାନ କରିବ।"

# ରେକିଟ ଓ ଏଏସସିଆଇ ପକ୍ଷରୁ ସେଫର୍ ଚ୍ୟାଲେଞ୍ଜର ଶୁଭାରମ୍ଭ

**ଭୁବନେଶ୍ୱର, ୧୧।୮ (ନି.ପ୍ର) :** ପରିମଳ କର୍ମଚାରୀଙ୍କ ସୁରକ୍ଷାକୁ ଉନ୍ନତ କରିବା ପାଇଁ ରେକିଟ୍ ଏବଂ ଆଡମିନିଷ୍ଟ୍ରେଟିଭ ଷ୍ଟାଫ କଲେଜ ଅଫ୍ ଇଣ୍ଡିଆ (ଏଏସସିଆଇ) ପକ୍ଷରୁ ଏସଏଏଫଇଆର ଚ୍ୟାଲେଞ୍ଜ (ସାନିଟେଶନ ୱର୍କର ଆସିଷ୍ଟାନ୍ସ ଫର ଫାଟାଲିଟି ଏଲିମିନେଶ ଆଣ୍ଡ ରିସ୍କ ରିଡକ୍ସନ) ଲଂଚ କରାଯାଇଛି। ଏହା ଏକ ପ୍ରଥମ ଧରଣର ନ୍ୟାଶନାଲ ଇନୋଭେଶନ ଚ୍ୟାଲେଞ୍ଜ ଯାହା ଷ୍ଟାର୍ଟଅପ୍, ଇଞ୍ଜିନିୟର, ଗବେଷକ, ଶିକ୍ଷାନୁଷ୍ଠାନ ଏବଂ ଟେକ୍ନୋଲୋଜି ଉଦ୍ଭାବକମାନଙ୍କୁ ସୁଲଭ, ପିନ୍ଧିବାଯୋଗ୍ୟ ଗ୍ୟାସ୍ ଡିଟେକ୍ସନ ଡିଭାଇସ୍ ବିକଶିତ କରିବା ପାଇଁ ଆମନ୍ତ୍ରଣ କରିଛି। ରେକିଟ୍ର ହାର୍ପିକ୍ ୱାର୍ଲ୍ଡ ଟଏଲେଟ୍ କଲେଜ ଅଧୀନରେ ଲଂଚ କରାଯାଇଥିବା ଏହି ପଦକ୍ଷେପ ଦନ୍ତଶୂନ୍ୟ ପରିମଳ ମୃତ୍ୟୁ ପାଇଁ ଏକ ରୋଡମ୍ୟାପ୍‌ଦ' ପ୍ରତି ପ୍ରତିବଦ୍ଧତାକୁ ଗୁରୁତ୍ୱାରୋପ କରିଛି। ଏହି ଚ୍ୟାଲେଞ୍ଜ ବିପଦପୂର୍ଣ୍ଣ ଗ୍ୟାସଗୁଡ଼ିକୁ ଚିହ୍ନଟ କରିବା, ବୃତ୍ତିଗତ ବିପଦକୁ ହ୍ରାସ କରିବା ଏବଂ ଉଦ୍ଭାବନ ମାଧ୍ୟମରେ ସୁରକ୍ଷିତ ପରିମଳ ଅଭ୍ୟାସଗୁଡ଼ିକୁ ପରିଚାଳନା କରିବା ପାଇଁ ଲକ୍ଷ୍ୟ ରଖିଛି। ସେଫର୍ ଚ୍ୟାଲେଞ୍ଜ ତିନୋଟି ପର୍ଯ୍ୟାୟରେ କାର୍ଯ୍ୟକାରୀ ହେବ – ପିଚ୍, ପାଇଲଟ୍ ଏବଂ




ସ୍କେଲ୍। ଆବେଦନଗୁଡ଼ିକୁ ପ୍ରଥମେ ଶିକ୍ଷାବିତ୍, ସରକାରୀ ଅଧିକାରୀ, ପରିମଳ ବିଶେଷଜ୍ଞ ଏବଂ ପରିମଳ କର୍ମଚାରୀ ପ୍ରତିନିଧିଙ୍କୁ ନେଇ ଗଠିତ ଏକ ବହୁବିଧ ଜୁରୀ ଦ୍ୱାରା ମୂଲ୍ୟାଙ୍କନ କରାଯିବ। ମନୋନିତ ଅଂଶଗ୍ରହଣକାରୀଙ୍କୁ ମାର୍ଗଦର୍ଶନ, ଫିଲ୍ଡ ଭାଲିଡେଶନ ପାଇଁ ସୁଯୋଗ, ସହରାଂଚଳ ସ୍ଥାନୀୟ ସଂସ୍ଥା ପାଇଁ ପହଂଚ, ବରିଷ୍ଠ ସରକାରୀ ଅଧିକାରୀ ଓ ନୀତି ବିଶେଷଜ୍ଞଙ୍କ ସହ ଯୋଗାଯୋଗ, ଜାତୀୟ ଦୃଶ୍ୟମାନତା ଏବଂ ପାଇଲଟ ନିୟୋଜନ ଓ ଭବିଷ୍ୟତର ବିସ୍ତାର ପାଇଁ ସହଯୋଗ ପ୍ରଦାନ କରାଯିବ। ଏହି ଚ୍ୟାଲେଞ୍ଜ ବିଜେତାଙ୍କୁ ୫ ଲକ୍ଷ ଟଙ୍କାର ନଗଦ ଅନୁଦାନ, ପ୍ରଥମ ରନର୍ଅପଙ୍କୁ ୨ ଲକ୍ଷ ଟଙ୍କା ଏବଂ ୨ୟ ରନରଅପଙ୍କୁ୧ ଲକ୍ଷ ଟଙ୍କାର ଅନୁଦାନ ରାଶି ସହିତ ସେମାନଙ୍କ ଉଦ୍ଭାବନର ବ୍ୟାପକ ଗ୍ରହଣୀୟତା ପାଇଁ ସୁଯୋଗ ପ୍ରଦାନ କରିବ। ଆବେଦନ ଆସନ୍ତା ସେପ୍ଟେମ୍ବର ୧ ତାରିଖ ପର୍ଯ୍ୟନ୍ତ ଖୋଲା ରହିଛି ଏବଂ ବିଜେତାଙ୍କ ନାମ ଆସନ୍ତା ଅକ୍ଟୋବର ୨ ତାରିଖରେ ଘୋଷଣା କରାଯିବ। ଆଗ୍ରହୀ ଉଦ୍ଭାବକମାନେ https://asci.org.in/safer ରେ ନିଜର ଆବେଦନ ଦାଖଲ କରିପାରିବେ। ଏହି ଲଂଚ ସମୟରେ ସାଉଥ ଏସିଆ, ଏମଇଏନଏଆରପି ଓ ଆଫ୍ରିକାର କମ୍ୟୁନିକେଶନ୍ସ ଏବଂ କର୍ପୋରେଟ ଆଫାୟାର୍ସ ବିଭାଗର ନିର୍ଦ୍ଦେଶକ ରବି ଭଟନାଗର କହିଛନ୍ତି, "ଭାରତ ଶୌଚାଳୟ ପାଇଁ ପହଂଚ ବିସ୍ତାର କରିବାରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି କରିଛି; ତେବେ ପରବର୍ତ୍ତୀ ପର୍ଯ୍ୟାୟରେ ସ୍ୱଚ୍ଛତାକୁ ସୁରକ୍ଷିତ, ଅଧିକ ଦକ୍ଷ ଏବଂ ସ୍ଥାୟୀ କରିବା ଉପରେ ଧ୍ୟାନ ଦେବାକୁ ପଡିବ। ହାର୍ପିକ୍ ୱାର୍ଲ୍ଡ ଟଏଲେଟ୍ କଲେଜ ମାଧ୍ୟମରେ, ଆମେ ଦକ୍ଷତା ନିର୍ମାଣ କରି ଏବଂ ସଫେଇ କର୍ମଚାରୀଙ୍କ ପାଇଁ ମର୍ଯ୍ୟାଦା ଓ ସୁରକ୍ଷାକୁ ସମର୍ଥନ କରି ସ୍ୱଚ୍ଛତା ଇକୋସିଷ୍ଟମକୁ ମଜବୁତ କରିଆସୁଛୁ।"

# ନୂଆ ଗିନିସ ୱାର୍ଲ୍ଡ ରେକର୍ଡସ ଟାଇଟଲ ହାସଲ କରିଛି ହିମାଳୟା ୱେଲନେସ୍ କମ୍ପାନୀ

**ଭୁବନେଶ୍ୱର, ୧୧।୮ (ନି.ପ୍ର) :** ଭାରତର ୬୬୯୨୮ ଜଣ ଡାକ୍ତର ଓ ସ୍ୱାସ୍ଥ୍ୟସେବା କର୍ମଚାରୀ ବିଶ୍ୱ ଡାକ୍ତର ଦିବସ (ଗତ ଜୁଲାଇ ୧ ତାରିଖ, ୨୦୨୬) ଅବସରରେ ଲଂଚ କରାଯାଇଥିବା ଏକ ମାସର ବୃକ୍ଷରୋପଣ ଅଭିଯାନରେ ଅଂଶଗ୍ରହଣ କରିବା ପରେ, ହିମାଳୟା ୱେଲନେସ୍ କମ୍ପାନୀକୁ ଏକ ନୂଆ ଗିନିସ ୱାର୍ଲ୍ଡ ରେକର୍ଡ ଟାଇଟଲରେ ପ୍ରଦାନ କରାଯାଇଛି। "ଏକ ସାଇନ ଧରିଥିବା ଲୋକମାନଙ୍କର ସର୍ବବୃହତ ଅନଲାଇନ ଫଟୋ ଆଲବମ' ପାଇଁ ଗିନିସ ୱାର୍ଲ୍ଡ ରେକର୍ଡସ ବର୍ଗରେ ଏହି ଟାଇଟଲ ଦିଆଯାଇଛି। ଅଂଶଗ୍ରହଣକାରୀମାନେ 'ୟୁନାଇଟେଡ ଫର ୱେଲନେସ୍, ୟୁନାଇଟେଡ ଫର୍ ଏ ଗ୍ରୀନର ଟୁମୋରୋ' ବାର୍ତ୍ତା ପ୍ରଦର୍ଶିତ କରୁଥିବା ଫଟୋଗ୍ରାଫ ଦାଖଲ କରିଥିବା ବେଳେ ଚୂଡ଼ାନ୍ତ ସଂଖ୍ୟାକୁ ନିଶ୍ଚିତ କରାଯିବା ପୂର୍ବରୁ ଗିନିସ ୱାର୍ଲ୍ଡ ରେକର୍ଡସ୍ର ନିର୍ଦ୍ଦେଶାବଳୀ ଅନୁଯାୟୀ ପ୍ରତ୍ୟେକ ଏଂଟ୍ରିକୁ ସମୀକ୍ଷା ଓ ଯାଂଚ କରାଯାଇଥିଲା



ଏହି ସଫଳତାର ମହତ୍ୱ ସମ୍ପର୍କରେ ହିମାଳୟା ୱେଲନେସ୍ କମ୍ପାନୀର ମୁଖ୍ୟ ବିତୀୟ ଅଧିକାରୀ ଏବଂ ମୁଖ୍ୟ ପରିଚାଳନା ଅଧିକାରୀ ଜୟଶ୍ରୀ ଉଲ୍ଲାଲ କହିଛନ୍ତି, "ଏହି ରେକର୍ଡ ଅତ୍ୟନ୍ତ ସ୍ୱତନ୍ତ୍ର କାରଣ ଏହା ହିମାଳୟା ଫିଲୋସୋଫି "କେୟାର ଫର ଲାଇଫ"ର ୩ଟି ଦିଗକୁ ଏକାଠି କରିଛି ତାହା ହେଉଛି; କେୟାର ଫର୍ ପିପୁଲ, କେୟାର ଫର୍ ଆୱାର ପ୍ଲାନେଟ, ଏବଂ କେୟାର ଫର୍ ପାର୍ଟନରସିପ ଯାହା ୯୬ ବର୍ଷର ବିଶ୍ୱାସ ଉପରେ ନିର୍ମିତ। ଆମର ଡାକ୍ତରମାନଙ୍କ ସହ ସହଭାଗିତା ଏହି ଶକ୍ତିଶାଳୀ ବାର୍ତ୍ତାକୁ ଆହୁରି ସୁଦୃଢ଼ କରିଛି ଯେ, ସ୍ଥାୟିତ୍ୱ ଏକ ସାମୂହିକ ଦାୟିତ୍ୱ ଅଟେ। ଏହା କେବଳ ଏକ ୱାନ-ଟାଇମ କ୍ୟାମ୍ପେନ ନୁହେଁ, ପ୍ରକୃତିକୁ ଫେରାଇବା ଆମ ବିରାସତର ଅଂଶ ଏବଂ ଆମ ପାଇଁ ଏକ ଜୀବନକାଳ ପ୍ରତିବଦ୍ଧତା ଅଟେ।"

ସେହିପରି ହିମାଳୟା ୱେଲନେଓ କମ୍ପାନୀର ହେଲ୍ଥକେୟାର ବିଭାଗର ବ୍ୟବସାୟ ନିର୍ଦ୍ଦେଶକ ବିକାଶ ବଂଶୀ କହିଛନ୍ତି, "ଏହି ଅଭିଯାନ କେବଳ ଏକ ବିଶ୍ୱ ରେକର୍ଡ ହାସଲ କରିବାଠାରୁ ଆହୁରି ଅନେକ କିଛି ଥିଲା। ଏହା ଭାରତର ଚିକିତ୍ସା ସମୁଦାୟକୁ ଏକାଠି କରିବା ସମ୍ପର୍କରେ ଥିଲା ଯିଏ ଏକ ଉଜ୍ଜ୍ୱଳ, ସୁସ୍ଥ ଭବିଷ୍ୟତ ନିର୍ମାଣ କରିବା ପାଇଁ ଏକ ମିଳିତ ପ୍ରତିଶ୍ରୁତି ଦ୍ୱାରା ଏକତ୍ରିତ ହୋଇଥିଲେ। ଆମେ ଏହି ଅତୁଳନୀୟ ସଫଳତା ହାସଲ କରିବାରେ ଆମକୁ ସାହାଯ୍ୟ କରିବା ପାଇଁ ନିଜର ଆଗ୍ରହ ଓ ସମର୍ପଣଭାବ ଆଣିଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଗଭୀର କୃତଜ୍ଞତା ଜଣାଉଛୁ।" ହିମାଳୟା ୱେଲନେସ୍ କମ୍ପାନୀର ବେବିକେୟାର ବିଭାଗର ନିର୍ଦ୍ଦେଶକ ଚକ୍ରବର୍ତ୍ତୀ ଏନ.ଭି. କହିଛନ୍ତି, "ଆମେ ଏହି ଐତିହାସିକ ଗିନିସ ୱାର୍ଲ୍ଡ ରେକର୍ଡସ ଦ୍ୱାରା ଗଭୀର ଭାବେ କୃତଜ୍ଞ, ଯାହାକୁ ସହଭାଗୀ କାର୍ଯ୍ୟର ଶକ୍ତି ମାଧ୍ୟମରେ ହାସଲ କରାଯାଇଛି। ଆମର ହୃଦୟ ଡାକ୍ତରମାନଙ୍କ ପାଇଁ କୃତଜ୍ଞତାରେ ଭରି ଯାଇଛି ଯିଏ ନିଜର ଉତ୍ସାହପୂର୍ଣ୍ଣ ଆଗ୍ରହ ସହିତ ଏହି ଦୃଷ୍ଟିକୋଣକୁ ଜୀବନ୍ତ କରିଛନ୍ତି। ଏହି ସ୍ୱପ୍ନ ବାସ୍ତବତାରେ ପରିଣତ ହୋଇଛି କାରଣ ଆମର ଫିଲ୍ଡ କର୍ମଚାରୀମାନେ ଏହାକୁ ହୃଦୟର ସହ କାର୍ଯ୍ୟକାରୀ କରିଥିଲେ। ଆମେ ପ୍ରତ୍ୟେକ ଡାକ୍ତର ଓ ହିମାଳୟା ଟିମକୁ ଧନ୍ୟବାଦ ଜଣାଉଛୁ ଯିଏ ଏହି ମହାନ ଉଦ୍ଦେଶ୍ୟ ଓ ରେକର୍ଡ ବ୍ରେକିଂ ସଫଳତା ପାଇଁ ନିଜର ଉତ୍ସାହ ଦେଖାଇଥିଲେ।" ଏହି ଅଭିଯାନ ହିମାଳୟା ୱେଲନେସ୍ କମ୍ପାନୀର ବିସ୍ତୃତ ପରିବେଶୀୟ ପ୍ରୟାସଗୁଡିକ ଉପରେ ଆଧାରିତ। କମ୍ପାନୀ ୨୦୩୦ ସୁଦ୍ଧା ସର୍ବନିମ୍ନ ୫୦ ଲକ୍ଷ ବୃକ୍ଷ ରୋପଣ କରିବା ପାଇଁ ଲକ୍ଷ୍ୟ ରଖିଛି। ହିମାଳୟା ପରିବେଶ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଅଂଚଳଗୁଡିକରେ ୨ ମିଲିୟନରୁ ଅଧିକ ବୃକ୍ଷ ରୋପଣ କରିଥିବା ବେଳେ ଜୈବବିବିଧତାର ସଂରକ୍ଷଣ ପାଇଁ ଏନଜିଓ, ସ୍ଥାନୀୟ ସମୁଦାୟ ଓ କୃଷି ସହଯୋଗୀଙ୍କ ସହ ମିଶି କାର୍ଯ୍ୟ କରୁଛି। ଏହାବ୍ୟତୀତ କମ୍ପାନୀ ଭର୍ମିକମ୍ପୋଷ୍ଟିଙ୍ଗ ଓ ବୀକିପିଙ୍ଗ କ୍ଷେତ୍ରରେ ପ୍ରଶିକ୍ଷଣ ସହିତ ଦେଶବ୍ୟାପୀ କୃଷକଙ୍କ ସହ ସହଭାଗିତା କରିଛି, ସ୍ଥାୟୀ ଔଷଧୀୟ ଚାରା ରୋପଣ ଅଭ୍ୟାସକୁ ପ୍ରୋତ୍ସାହିତ କରୁଛି ଏବଂ ଜୀବିକା ଅଭିଯାନ ଗୁଡିକରେ ସହଯୋଗ କରୁଛି।

# ସମାଜକୁ ପରିବର୍ତ୍ତନ କରୁଥିବା ଅଜଣା ନାୟକମାନଙ୍କୁ ମିଳିବ 'ଗୋଲ୍ଡେନ୍ ଇମ୍ପାକ୍ଟ ଅଚିଭର୍ ଆୱାର୍ଡ୍ସ-୩'

**ଭୁବନେଶ୍ୱର, ୧୧।୮ (ନି.ପ୍ର):** ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବା ପାଇଁ ନିସ୍ୱାର୍ଥ ଭାବେ କାର୍ଯ୍ୟ କରୁଥିବା ଅଜଣା ନାୟକମାନଙ୍କୁ ଜାତୀୟ ସ୍ତରରେ ପରିଚୟ ଦେବାର ଉଦ୍ଦେଶ୍ୟରେ ଋସସଟେନେବଲ୍ ଡେଭେଲପମେଣ୍ଟ ଗୋଲ୍ସ (ଏସଡିଜି) ପ୍ରତି ସମର୍ପିତ ନୋଡାଲ୍ ସଂସ୍ଥା '୨୦୩୦ କା ଭାରତ' ପକ୍ଷରୁ ଗୋଲ୍ଡେନ୍ ଇମ୍ପାକ୍ଟ ଅଚିଭର୍ ଆୱାର୍ଡ୍ସ-୩ (ଜିଆଇଏଏ-୩) ପାଇଁ ନିଃଶୁଳ୍କ ନାମାଙ୍କନ ଆମନ୍ତ୍ରଣ କରାଯାଇଛି। ଏହି ସମ୍ମାନ ମାଧ୍ୟମରେ କ୍ୱାଲିଟି ଏଜୁକେସନ୍, ଜିରୋ ହଙ୍ଗର୍ ଏବଂ ଅଫୋର୍ଡେବଲ୍ ଆଣ୍ଡ କ୍ଲିନ୍ ଏନର୍ଜି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବ୍ୟକ୍ତିମାନଙ୍କୁ ସମ୍ମାନିତ କରାଯିବ। ସଂସ୍ଥାର ବିଶ୍ୱାସ ଯେ, ସମାଜରେ ପ୍ରକୃତ ପରିବର୍ତ୍ତନ ସେହି ଲୋକମାନେ ଆଣନ୍ତି, ଯେଉଁମାନେ କୌଣସି ପ୍ରଚାର କିମ୍ବା ପରିଚୟର ଆଶା ନରଖି ବର୍ଷ ବର୍ଷ ଧରି ଲୋକମାନଙ୍କ ଜୀବନକୁ ଉନ୍ନତ କରିବାରେ ନିରନ୍ତର ଲାଗି ରହିଛନ୍ତି। ଗୋଲ୍ଡେନ୍ ଇମ୍ପାକ୍ଟ ଅଚିଭର୍ ଆୱାର୍ଡ୍ସ ଏପରି ପ୍ରେରଣାଦାୟକ ବ୍ୟକ୍ତିତ୍ୱମାନଙ୍କୁ ଜାତୀୟ ମଞ୍ଚ ପ୍ରଦାନ କରିବାର ଏକ ପ୍ରୟାସ। '୨୦୩୦ କା ଭାରତ'ର ସଂସ୍ଥାପକ ଡ଼ଃ ଅତୁଲ୍ ମଲିକରାମଙ୍କ କହିଛନ୍ତି, 'ଦେଶ କେବଳ ନୀତି ଓ ଯୋଜନା ଦ୍ୱାରା ପରିବର୍ତ୍ତନ ହୁଏ ନାହିଁ, ବରଂ ସେହି ଲୋକମାନଙ୍କ ଦ୍ୱାରା ପରିବର୍ତ୍ତନ ହୁଏ, ଯେଉଁମାନେ ଅନ୍ୟମାନଙ୍କ ଜୀବନରେ ଆଶା ଓ ପରିବର୍ତ୍ତନ ଆଣିବାର ସଂକଳ୍ପ ନେଇ କାର୍ଯ୍ୟ କରନ୍ତି। ଗୋଲ୍ଡେନ୍ ଇମ୍ପାକ୍ଟ ଅଚିଭର୍ ଆୱାର୍ଡ୍ସ ଏପରି ପ୍ରକୃତ ପରିବର୍ତ୍ତନକାରୀମାନଙ୍କୁ ସମ୍ମାନିତ କରିବା ସହ ତାଙ୍କର କାର୍ଯ୍ୟକୁ ସମାଜ ସମ୍ମୁଖରେ ଆଣିବାର ଏକ ପ୍ରୟାସ।' ସେ କହିଛନ୍ତି ଯେ, ଏହା ଗୋଲ୍ଡେନ୍ ଇମ୍ପାକ୍ଟ ଅଚିଭର୍ ଆୱାର୍ଡ୍ସର ତୃତୀୟ ସଂସ୍କରଣ। ଏହା ପୂର୍ବରୁ ଆୟୋଜିତ ଦୁଇଟି ସଂସ୍କରଣରେ ସାତଟି ହିନ୍ଦୀଭାଷୀ ରାଜ୍ୟର ୨୧ ଜଣ ସମାଜସେବୀ ଏବଂ ପରିବର୍ତ୍ତନକାରୀଙ୍କୁ ତାଙ୍କର ଉଲ୍ଲେଖନୀୟ ସାମାଜିକ ଅବଦାନ ପାଇଁ ସମ୍ମାନିତ କରାଯାଇସାରିଛି। ଆୟୋଜନ କମିଟି ସମାଜର ସମସ୍ତ ନାଗରିକ, ସାମାଜିକ ସଂସ୍ଥା ଏବଂ ସଂଗଠନମାନଙ୍କୁ ଅନୁରୋଧ କରିଛି ଯେ, ଯଦି ସେମାନଙ୍କ ଜ୍ଞାନରେ ଏପରି କୌଣସି ବ୍ୟକ୍ତି ଅଛନ୍ତି, ଯିଏ ଋକ୍ୱାଲିଟି ଏଜୁକେସନ୍, ଜିରୋ ହଙ୍ଗର୍ କିମ୍ବା ଅଫୋର୍ଡେବଲ୍ ଆଣ୍ଡ କ୍ଲିନ୍ ଏନର୍ଜି କ୍ଷେତ୍ରରେ ଉତ୍କୃଷ୍ଟ କାର୍ଯ୍ୟ କରୁଛନ୍ତି, ତେବେ ନିଶ୍ଚୟ ତାଙ୍କର ନାମାଙ୍କନ ପଠାନ୍ତୁ। ପ୍ରାପ୍ତ ନାମାଙ୍କନଗୁଡ଼ିକର ମୂଲ୍ୟାଙ୍କନ ବିଶେଷଜ୍ଞ କମିଟି ଦ୍ୱାରା କରାଯିବ ଏବଂ ଚୟନିତ ପରିବର୍ତ୍ତନକାରୀମାନଙ୍କୁ ଗୋଲ୍ଡେନ୍ ଇମ୍ପାକ୍ଟ ଅଚିଭର୍ ଆୱାର୍ଡ୍ସ-୩ ପ୍ରଦାନ କରାଯିବ।




# ଜିନ୍ଦଲ ଷ୍ଟେନଲେସର ଏମଆଇଟି ୱାର୍ଲ୍ଡ ପିସ୍ ୟୁନିଭର୍ସିଟି (ଏମଆଇଟି-ଡବ୍ଲ୍ୟୁପିୟୁ) ସହିତ ବୁଝାମଣା ସ୍ୱାକ୍ଷରିତ

**ଭୁବନେଶ୍ୱର, ୧୧।୮ (ନି.ପ୍ର):** ଭାରତର ଅଗ୍ରଣୀ ଷ୍ଟେନଲେସ୍ ଷ୍ଟିଲ୍ ଉତ୍ପାଦକ କମ୍ପାନୀ ଜିନ୍ଦଲ ଷ୍ଟେନଲେସ୍ ପୁଣେ ସ୍ଥିତ ଏମଆଇଟି ୱାର୍ଲ୍ଡ ପିସ୍ ୟୁନିଭର୍ସିଟି (ଏମଆଇଟି-ଡବ୍ଲ୍ୟୁପିୟୁ) ସହିତ ଷ୍ଟେନଲେସ୍ ଷ୍ଟିଲ୍: ଟନେଲ୍ ଏବଂ ଭୂତଳ ସ୍ପେସ୍ ନିର୍ମାଣ ପାଇଁ ଏକ ସ୍ଥାୟୀ, ସବୁଜ ଏବଂ ଅଭିନବ ସାମଗ୍ରୀ ଶୀର୍ଷକ ଏକ ସ୍ୱତନ୍ତ୍ର ପାଠ୍ୟକ୍ରମ ଆରମ୍ଭ କରିବା ପାଇଁ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷର କରିଛି। ଏହି ସହଯୋଗର ଉଦ୍ଦେଶ୍ୟ ହେଉଛି ଭବିଷ୍ୟତର ଇଞ୍ଜିନିୟରମାନଙ୍କୁ ଷ୍ଟେନଲେସ୍ ଷ୍ଟିଲ, ଉନ୍ନତ ସାମଗ୍ରୀ ଏବଂ ସ୍ଥାୟୀ ଟନେଲ୍ ନିର୍ମାଣରେ ସେମାନଙ୍କର ପ୍ରୟୋଗର ବ୍ୟାବହାରିକ ଜ୍ଞାନ ସହିତ ସଜ୍ଜିତ କରି ଶିକ୍ଷାନୁଷ୍ଠାନ ସମ୍ବନ୍ଧୀୟ ଶିକ୍ଷା ସମ୍ପର୍କକୁ ମଜବୁତ କରିବା। ମେଟ୍ରୋ ରେଳ, ରାଜପଥ, ରେଳବାଇ, ଜଳବିଦ୍ୟୁତ ଏବଂ ପମ୍ପଡ୍ ଷ୍ଟୋରେଜ୍ ପ୍ରକଳ୍ପ (ପିଏସ୍ପି)ରେ ଭାରତରେ ଉଲ୍ଲେଖନୀୟ ପୁଂଜି ବିନିଯୋଗ ହେବା ସହିତ ଭୂତଳ ଭିତିଭୂମି ଭବିଷ୍ୟତର ବିକାଶର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଭାବରେ ଉଭା ହେଉଛି। ଯେହେତୁ ଟନେଲଗୁଡିକ ଦୀର୍ଘ ସେବା ଜୀବନ ପାଇଁ ଡିଜାଇନ୍ ହୋଇଛି ଏବଂ ଭୂତଳ ଜଳ, ଆର୍ଦ୍ରତା ଏବଂ କ୍ଷୟକାରୀ ଅବସ୍ଥା ସହିତ ଜଡିତ ଆହ୍ୱାନମୂଳକ ପରିବେଶରେ କାର୍ଯ୍ୟ କରୁଛି। ସମୟକ୍ରମେ ଉନ୍ନତ ସାମଗ୍ରୀ, ଜୀବନଚକ୍ର ଭିତ୍ତିକ ଡିଜାଇନ୍ ଏବଂ ସ୍ଥାୟୀ ନିର୍ମାଣ ଅଭ୍ୟାସରେ ପାରଦର୍ଶିତା ଥିବା ଇଞ୍ଜିନିୟରମାନଙ୍କର ଆବଶ୍ୟକତା ବଢୁଛି। ଏହି ପାଠ୍ୟକ୍ରମର ପ୍ରଥମ ବ୍ୟାଚ୍ ଆଜିଠାରୁ ଆରମ୍ଭ ହେବ। ଜିନ୍ଦଲ ଷ୍ଟେନଲେସର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ତରୁଣ ଖୁଲବେ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି। ଜିନ୍ଦଲ ଷ୍ଟେନଲେସ୍ ଷ୍ଟିଲୱେ ଲିମିଟେଡର ବ୍ୟବସାୟ ୟୁନିଟ୍ ମୁଖ୍ୟ ଶ୍ରୀ ମଧୁର ଗୁପ୍ତା; ଜିନ୍ଦଲ ଷ୍ଟେନଲେସ୍ ଷ୍ଟିଲୱେ ଲିମିଟେଡର ଷ୍ଟ୍ରାଟେଜିକ୍ ବିଜନେସ୍ ଆଣ୍ଡ ଟନେଲ୍ ଇନଫ୍ରା ମୁଖ୍ୟ ଶ୍ରୀ ସନ୍ଦୀପ ସିଂ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ। ଏମଆଇଟି ୱାର୍ଲ୍ଡ ପିସ୍ ୟୁନିଭର୍ସିଟି (ଏମଆଇଟି-ଡବ୍ଲ୍ୟୁପିୟୁ)ର ପ୍ରତିନିଧିତ୍ୱ କରି ଇଞ୍ଜିନିୟରିଂ ଏବଂ ଟେକ୍ନୋଲୋଜି ବିଭାଗର ଡିନ୍ ଡ. ସିଦ୍ଧାର୍ଥ ଚକ୍ରବର୍ତ୍ତୀ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି। ଏହି ଅବସରରେ ପ୍ରଫେସର ତଥା ପ୍ରୋଗ୍ରାମ ନିର୍ଦ୍ଦେଶକ, ସିଭିଲ୍ ଇଞ୍ଜିନିୟରିଂ ବିଭାଗ, ଡ. ଶାନ୍ତିନି ଏ. ବୋକିଲ; ସେଂଟର ଅଫ୍ ଏକ୍ସଲେନ୍ସ ଫର୍ ଟନେଲିଂ ଆଣ୍ଡ ଅଣ୍ଡରଗ୍ରାଉଣ୍ଡ କନଷ୍ଟ୍ରକସନ୍ (ସିଓଇଟିୟୁସି)



ଏବଂ ଟନେଲ୍ ଇଞ୍ଜିନିୟରିଂ ପ୍ରୋଗ୍ରାମର ମୁଖ୍ୟ ଡ. ସନ୍ଦୀପ ପୋଟନିସ୍; ଏବଂ ସହକାରୀ ପ୍ରଫେସର ଏବଂ ଏକାଡେମିକ୍ ସଂଯୋଜକ, ଡ. ଅଭୟସିଂହ ଜି. ଶେଲାକେ ଉପସ୍ଥିତ ଥିଲେ। ଏହି ଚୁକ୍ତିନାମା ତିନି ବର୍ଷ ପାଇଁ ବୈଧ ଅଟେ ଏବଂ ମିଳିତ ପ୍ରଶାସନ, ବିତରଣ ଏବଂ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ନିର'ର ବୃଦ୍ଧି ପାଇଁ ଏକ ଢାଂଚା ପ୍ରତିଷ୍ଠା କରେ। ଏହି ସମ୍ପର୍କରେ ଶ୍ରୀ ତରୁଣ ଖୁଲବେ,ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିନ୍ଦଲ ଷ୍ଟେନଲେସ୍ କହିଛନ୍ତି, 'ଜିନ୍ଦଲ ଷ୍ଟେନଲେସରେ, ଆମେ ବିଶ୍ୱାସ କରୁ ଯେ ଭାରତର ଭିତିଭୂମିର ଭବିଷ୍ୟତ ଗଠନ ଭବିଷ୍ୟତ ପ୍ରସ୍ତୁତ ପ୍ରତିଭାର ଗଠନ ସହିତ ଆରମ୍ଭ ହୁଏ। ଦେଶର ଭିତିଭୂମି ବିକଶିତ ହେବା ସହିତ ପରବର୍ତ୍ତୀ ପିଢ଼ିର ଇଞ୍ଜିନିୟରିଂ ବିକାଶ ପାଇଁ ଶିଳ୍ପ ଏବଂ ଏକାଡେମୀ ମଧ୍ୟରେ ଘନିଷ୍ଠ ସହଯୋଗ ଗୁରୁତ୍ୱପୂର୍ଣ୍ଣ ହେବ। ଏମଆଇଟି ୱାର୍ଲ୍ଡ ପିସ୍ ୟୁନିଭର୍ସିଟି ସହିତ ଆମର ସହଭାଗୀତା ଏହି ସହଭାଗୀ ଦୃଷ୍ଟିକୋଣ ଏବଂ ବ୍ୟାବହାରିକ ପ୍ରୟୋଗ-ଆଧାରିତ ଶିକ୍ଷା ମାଧ୍ୟମରେ ଭାରତର ଦୀର୍ଘକାଳୀନ ଭିତିଭୂମିକୁ ସମର୍ଥନ କରିବା ପାଇଁ ସଜ୍ଜିତ ଏକ ଶକ୍ତିଶାଳୀ ପ୍ରତିଭା ସୃଷ୍ଟି କରିବା ପାଇଁ ଥିବା ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। 'ଏସମ୍ପର୍କରେ ଶ୍ରୀ ଦୀପକ ଅଗ୍ରୱାଲ, ଯାଜପୁରର ୟୁନିଟ୍ ହେଡ୍, ଜିନ୍ଦଲ ଷ୍ଟେନଲେସ୍, କହିଛନ୍ତି, 'ଯେହେତୁ ଭାରତ ଭୂତଳ ଭିତିଭୂମି ଏବଂ ଟନେଲ୍ ନେଟୱାର୍କରେ ପୁଂଜି ବିନିଯୋଗକୁ ତ୍ୱରାନ୍ୱିତ କରୁଛି, ଭବିଷ୍ୟତର ଇଞ୍ଜିନିୟରମାନେ ଉନ୍ନତ ଏବଂ ସ୍ଥାୟୀ ସାମଗ୍ରୀ ବିଷୟରେ ଏକ ଦୃଢ଼ ବୁଝାମଣା ସହିତ ସଜ୍ଜିତ ହେବା ଜରୁରୀ। ଏମଆଇଟି-ଡବ୍ଲୁପିୟୁ ସହିତ ଆମର ସହଯୋଗ ମାଧ୍ୟମରେ, ଆମେ ଏହି ସ୍ୱତନ୍ତ୍ର ପାଠ୍ୟକ୍ରମର ପ୍ରବର୍ତ୍ତନକୁ ସମର୍ଥନ କରି ଆନନ୍ଦିତ, ଯାହା ଛାତ୍ରମାନଙ୍କୁ ଟନେଲ ଇଞ୍ଜିନିୟରିଂରେ ଷ୍ଟେନଲେସ୍ ଷ୍ଟିଲର ପ୍ରୟୋଗ ବିଷୟରେ ବ୍ୟାବହାରିକ ଜ୍ଞାନ ପ୍ରଦାନ କରିବ। ଏ ସମ୍ପର୍କରେ ଏମଆଇଟି-ଡବ୍ଲ୍ୟୁପିୟୁ ପୁଣେର ପ୍ରଫେସର ତଥା ଟନେଲ ଇଞ୍ଜିନିୟରିଂ ପ୍ରୋଗ୍ରାମ ମୁଖ୍ୟ ଡ. ସନ୍ଦୀପ ପୋଟନିସ୍ କହିଛନ୍ତି, ଭାରତର ଭୂତଳ ଭିତିଭୂମି ଦ୍ରୁତ ଗତିରେ ବୃଦ୍ଧି ପାଉଛି, ଯାହା ଉନ୍ନତ ସାମଗ୍ରୀ ଏବଂ ଜୀବନଚକ୍ର ଆଧାରିତ ଡିଜାଇନର ବିଶେଷ ଜ୍ଞାନ ଥିବା ଇଞ୍ଜିନିୟରମାନଙ୍କର ଆବଶ୍ୟକତା ସୃଷ୍ଟି କରୁଛି। ଜିନ୍ଦଲ ଷ୍ଟେନଲେସ୍ ସହିତ ଏହି ସହଯୋଗ ଏକାଡେମିକ୍ ଶିକ୍ଷା ଏବଂ ଶିଳ୍ପ ଅଭ୍ୟାସକୁ କରିବ।

# ଆଇଆଇଏଫଏଲ ଫାଇନାନ୍ସର ମହିଳାଙ୍କ ପାଇଁ ସ୍ୱତନ୍ତ୍ର ସ୍ୱର୍ଣ୍ଣ ଋଣ ଯୋଜନା ଆରମ୍ଭ

**ଭୁବନେଶ୍ୱର, ୧୧।୮ (ନି.ପ୍ର):** ଆଇଆଇଏଫଏଲ ଫାଇନାନ୍ସ, ଏକ ଅଗ୍ରଣୀ ଅଣ-ବ୍ୟାଙ୍କିଙ୍ଗ ଆର୍ଥିକ କମ୍ପାନୀ (ଏନବିଏଫସି), ଆଜି ମହିଳା ଋଣଗ୍ରହୀତାମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ସ୍ୱର୍ଣ୍ଣ ଋଣ ପ୍ରସ୍ତାବ ଘୋଷଣା କରିଛି, ଯାହା ମହିଳା ଉଦ୍ୟୋଗୀ ଏବଂ ଗୃହିଣୀମାନଙ୍କୁ ଅବ୍ୟବହୃତ ଘରୋଇ ସୁନାକୁ ଉତ୍ପାଦନକ୍ଷମ ପୁଞ୍ଜିରେ ପରିଣତ କରିବାରେ ସାହାଯ୍ୟ କରିବା ପାଇଁ ଏକ ପରିକଳ୍ପନା କରାଯାଇଛି। ଏହି ଅଫର ସମଗ୍ର ଭାରତରେ ଆଇଆଇଏଫଏଲ ଫାଇନାନ୍ସ ସୁନା ଋଣ ଶାଖାରେ ଉପଲବ୍ଧ। ଏହି ଯୋଜନା ମହିଳା ଋଣଗ୍ରହୀତାମାନଙ୍କ ପାଇଁ ଶୂନ୍ୟ ପ୍ରକ୍ରିୟାକରଣ ଶୁଳ୍କରେ ପ୍ରତି ମାସରେ ୦.୮୧% (ବାର୍ଷିକ ୯.୭୨%) ରୁ ଆରମ୍ଭ କରି ଏକ ସ୍ୱତନ୍ତ୍ର ସୁଧ ହାର ପ୍ରଦାନ କରୁଛି। ଏହି ଯୋଜନା ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ନିର୍ଦ୍ଧାରିତ ଋଣ-ମୂଲ୍ୟ ସୀମା ମଧ୍ୟରେ ଗ୍ରାହକଙ୍କ ସୁନା ଉପରେ ସର୍ବାଧିକ ଅନୁମୋଦିତ ଋଣ ମୂଲ୍ୟ ମଧ୍ୟ ପ୍ରଦାନ କରୁଛି। 'ଲକ୍ଷ ଲକ୍ଷ ଭାରତୀୟ ମହିଳାଙ୍କ ପାଇଁ, ଆଲମାରୀରେ ଥିବା ସୁନା ହେଉଛି ସେମାନଙ୍କର ସବୁଠାରୁ ମୂଲ୍ୟବାନ ସମ୍ପତ୍ତି, କିନ୍ତୁ ଭ୍ବିଷ୍ୟତନ ପିଢିଙ୍କ ପାଇଁ ଏହା କେବଳ ସଞ୍ଚୟ ହୋଇ ରହିଯାଏ। ସମ୍ଭବତଃ ଏକ ସୁନା ଋଣ ଏହାକୁ ସମ୍ପୂର୍ଣ୍ଣ ପରିବର୍ତ୍ତନ କରି



ବହୁମୂଲ୍ୟ ସଞ୍ଚୟକୁ ସମ୍ପତ୍ତି ରେ ପରିଣତ କରିପାରେ। ଏବଂ ବିନା ଦ୍ୱିଧାରେ ସେ ଋଣ ନିଅନ୍ତି, ପରିଶୋଧ କରନ୍ତି, ଏବଂ ଠିକ ସମୟରେ ତାଙ୍କର ଅଳଙ୍କାର ମଧ୍ୟ ଘରକୁ ଫେରିଆସେ। ଏହି ଯୋଜନା ସହିତ ଆମେ ପ୍ରଥମ ଥର ପାଇଁ ୨ଟି ଅଫର ଆରମ୍ଭ କରିବାକୁ ଚେଷ୍ଟା କରିଛୁ, ଯାହା ମୁଖ୍ୟତଃ ଋଣଗ୍ରହୀତାକୁ ଫେରାଇ ନେଉଥିଲା। ସେଇ ଦୁଇଟି ଅଫର ହେଉଛି – ଋଣର ସଠିକ ମୂଲ୍ୟ ନିର୍ଦ୍ଧାରଣ ଏବଂ ଏଥିପାଇଁ ଆବେଦନ କରିବାର ମୂଲ୍ୟ। ଶୂନ୍ୟ ପ୍ରକ୍ରିୟାକରଣ ଶୁଳ୍କ ଜଣେ ମହିଳା ଋଣଗ୍ରହୀତାଙ୍କ ପାଇଁ ଏକ ସ୍ୱାଗତଯୋଗ୍ୟ ସଙ୍କେତ। ସ୍ୱାଧୀନତା ଦିବସ ପୂର୍ବରୁ, ଏହା ଏକ ସଠିକ୍ ପଦକ୍ଷେପ ବୋଲି କହିଲେ ଭୁଲ ହେବ ନାହିଁ।

# ଟିଭିଏସ ଭିଏମଏସ ଓ ମୋଂଟ୍ରା ଇଲେକ୍ଟ୍ରି ଇଏମଆଣ୍ଡ ଏଚସିଭି ମଧ୍ୟରେ ସହଯୋଗିତା

**ଭୁବନେଶ୍ୱର, ୧୧।୮ (ନି.ପ୍ର) :** ଭାରତର ସମ୍ପୂର୍ଣ୍ଣ ଇଲେକ୍ଟ୍ରିକ ବାଣିଜ୍ୟିକ ଯାନ ବ୍ରାଣ୍ଡ ମୋଂଟ୍ରା ଇଲେକ୍ଟ୍ରିକ (ଇଏମ ଆଣ୍ଡ ଏଚସିଭି ଡିଭିଜନ) ପକ୍ଷରୁ ଟିଭିଏସ ମୋବିଲିଟି ଗ୍ରୁପର ଟିଭିଏସ ଭେଇକିଲ ମୋବିଲିଟି ସଲ୍ୟୁସନ୍ସ (ଟିଭିଏସ ଭିଏମଏସ) ସହିତ ସହଯୋଗିତା ସ୍ଥାପନ କରାଯାଇଛି। ଟିଭିଏସ ଭିଏମଏସ ଏହାର ମାଲ ପରିଚାଳନାରେ ମୋଂଟ୍ରା ଇଲେକ୍ଟ୍ରିକର ରାଇନୋ ଇ-ଏମ ଆଣ୍ଡ ଏଚସିଭି ମୂତୟନ କରିବା ଲାଗି ଏହି ବୁଝାମଣା କରିଛି। ଏହି ବୁଝାମଣା ଏଥିପାଇଁ ଗୁରୁତ୍ୱପୂର୍ଣ୍ଣ ଯେ ଦୀର୍ଘ ୭୦ ଦଶନ୍ଧି ଧରି ପାରମ୍ପରିକ ଜୀବାଶ୍ମ ଇନ୍ଧନରେ ଚାଲୁଥିବା ପରିବହନରୁ ବାହାରକୁ ଆସି ଟିଭିଏସ ଭିଏମଏସ ଇଲେକ୍ଟ୍ରିକ ଟ୍ରକ ଗ୍ରହଣ କରିଛି।

ଏହି ବୁଝାମଣା ଅଧୀନରେ ୫୭ ମୋଂଟ୍ରା ଇଲେକ୍ଟ୍ରିକ ରାଇନୋ ୫୫୩୮ ଇଭି ୪ଋ୨ ଟିଟି ଇଲେକ୍ଟ୍ରିକ ବାଣିଜ୍ୟିକ ଟ୍ରକ ମାନେସରରୁ



ବାହାରିଛି। ପ୍ରଥମ ପର୍ଯ୍ୟାୟରେ ସେଗୁଡ଼ିକୁ ଟିଭିଏସ ଭିଏମଏସ ତରଫରୁ ଛତିଶଗଡ଼ ରୁଟରେ ମୂତୟନ କରାଯିବ। ଏହି ଟ୍ରକଗୁଡ଼ିକ ୧୯୦ କିମି ବିଶିଷ୍ଟ ଦୂରତା ଅତିକ୍ରମ କରିବ। ଏହି ରୁଟରେ ଉତ୍ସର୍ଗୀକୃତ ଚାର୍ଜିଂ ଷ୍ଟେସନ ରହିବ ଯାହା ନିରବଚ୍ଛିନ୍ନ ପରିବହନକୁ ସୁନିଶ୍ଚିତ କରିବ। ଏହି ଇଲେକ୍ଟ୍ରିକ ଟ୍ରକ ମୂତୟନ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ କାରଣ ଏହା ଦ୍ୱାରା କାର୍ବନ ନିର୍ଗମନ ଉଲ୍ଲେଖନୀୟ ଭାବେ ହ୍ରାସ ପାଇବ, ଡିଜେଲ ବ୍ୟବହାର କରିବ ଏବଂ ନିର'ର ପରିବହନର ପ୍ରସାର ହେବ। ମାଲ ପରିବହନକାରୀଙ୍କ ପରିଚାଳନା ଖର୍ଚ୍ଚ କମ କରିବା ଏବଂ ମୋଟ ମାଲିକାନା ଖର୍ଚ୍ଚ ହ୍ରାସ କରିବା ସହିତ ସିଧାସଳଖ ଭାବେ ନେଟ ଜିରୋ କାର୍ବନ ଏବଂ ସ୍ୱଚ୍ଛ ଶକ୍ତି ଲକ୍ଷ୍ୟ ପ୍ରତି ଅବଦାନ ପ୍ରଦାନ କରିବା ପାଇଁ ଏହି ପ୍ରକଳ୍ପ ପ୍ରସ୍ତୁତ କରାଯାଇଛି। ଗାଡ଼ିର ପରିବହନକୁ ପତାକା ଦେଖାଇ ଶୁଭାରମ୍ଭ କରାଯାଇଥିଲା। ଏହି ଅବସରରେ ମୋଂଟ୍ରା ଇଲେକ୍ଟ୍ରିକର ସିଇଓ (ଇଏମ ଆଣ୍ଡଏଚସିଭି ଡିଭିଜନ) ଶ୍ରୀ ନବନୀତ ସେଠୀ ଓ ଚିଫ ବିଜନେସ ଅଫିସର ଶ୍ରୀ ପି ଭି ସତ୍ୟନାରାୟଣ, ଟିଭିଏସ ଭିଏମଏସ ତରଫରୁ ସିଇଓ ଶ୍ରୀ ମଧୁ ରଘୁନାଥ ଓ ଇଭି ବ୍ୟବସାୟ ମୁଖ୍ୟ ଶ୍ରୀ କେ ରମେଶ ଉପସ୍ଥିତ ଥିଲେ। ମୋଂଟ୍ରା ଇଲେକ୍ଟ୍ରିକ୍ର ପରିଚାଳନା ନିର୍ଦ୍ଦେଶକ ଜଲଜ ଗୁପ୍ତା କହିଛନ୍ତି ଯେ, 'ଟିଭିଏସ୍ ଭିଏମ୍ଏସ୍ ଭଳି ସାତ ଦଶନ୍ଧିର ଅଭିଜ୍ଞତା ଥିବା ଏକ ସହଯୋଗୀ ଆମର ଇଲେକ୍ଟ୍ରିକ୍ ଟ୍ରକଗୁଡ଼ିକୁ ପ୍ରତ୍ୟକ୍ଷ ମାଲ୍ ପରିବହନ କାର୍ଯ୍ୟରେ ନିୟୋଜିତ କରିବା ହିଁ ଭାରତର ଲଜିଷ୍ଟିକ୍ସ ଶିଳ୍ପ ଆବଶ୍ୟକ କରୁଥିବା ସଠିକ୍ ପ୍ରମାଣ। ଏହା ଏକ ପ୍ରମାଣ ଯେ ଆମର ପ୍ରଯୁକ୍ତିବିଦ୍ୟା ବାଣିଜ୍ୟିକ ସ୍ତର ପାଇଁ ପ୍ରସ୍ତୁତ। ଏହା ମଧ୍ୟ ଏହି ବଜାରର ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ଷମ ଆବଶ୍ୟକତାକୁ ପୂରଣ କରିବା ପାଇଁ ପ୍ରସ୍ତୁତ କରାଯାଇଥିବା ଉତ୍ପାଦଗୁଡ଼ିକ ସହିତ ଆମେ ମୋଂଟ୍ରୋ ଇଲେକ୍ଟ୍ରିକ୍ରେ ଗଢ଼ିଥିବା ଗଭୀରତାକୁ ପ୍ରତିଫଳିତ କରୁଛି। ଆମ ଟିମ୍ ଟିଭିଏସ ଭିଏମଏସ ସହିତ କାର୍ଯ୍ୟପ୍ରଣାଳୀର ଯୋଜନା କରିବା, ସେମାନଙ୍କର ସଠିକ୍ ରୁଟଗୁଡ଼ିକରେ ଚାର୍ଜିଂ ବ୍ୟବସ୍ଥା ସ୍ଥାପନ କରିବା ପାଇଁ କାମ କରିଛି ଏବଂ ଆମର ଟେଲିମାଟିକ୍ସ ପ୍ଲାଟଫର୍ମ ଫ୍ଲିଟ୍ ଚାଳିବା ସହିତ ପ୍ରଦର୍ଶନକୁ ସୁଧାରିବାରେ ସାହାଯ୍ୟ କରୁଛି। କାଗଜପତ୍ରରେ କାମ କରୁଥିବା ଟ୍ରକ୍ ଓ ରାସ୍ତାରେ କାମ କରୁଥିବା ଫ୍ଲିଟ୍ ମଧ୍ୟରେ ଏହା ହିଁ ପାର୍ଥକ୍ୟ।

# ଗୋଦରେଜ୍ର ଆପ୍ଲାଏନ୍ସେସ୍ ବ୍ୟବସାୟ ପକ୍ଷରୁ ଉପଭୋକ୍ତା ଅଧ୍ୟୟନ 'ହାଣ୍ଡଲୁମ୍ ଡିଲେମା' ଉନ୍ମୋଚିତ

**ଭୁବନେଶ୍ୱର, ୧୧।୮ (ନି.ପ୍ର) :** ବିଶ୍ୱ ହସ୍ତତନ୍ତ ଦିବସରେ ଗୋଦରେଜ୍ ଏଂଟରପ୍ରାଇଜେସ୍ ଗ୍ରୁପ୍ର ଆପ୍ଲାଏନ୍ସେସ୍ ବ୍ୟବସାୟ ପକ୍ଷରୁ ହ୍ୱେଷ୍ଟିଫାଏ ଇଣ୍ଡିଆ ସହଯୋଗରେ କରାଯାଇଥିବା ଉପଭୋକ୍ତା ଅଧ୍ୟୟନ 'ହାଣ୍ଡଲୁମ ଡିଲେମା' ଉନ୍ମୋଚନ କରାଯାଇଛି। ଏଥିରେ ହସ୍ତତନ୍ତର ବ୍ୟବହାର ଓ ସଚେତନତା ସମ୍ପର୍କରେ ଗ୍ରାହକଙ୍କୁ ପ୍ରଶ୍ନ କରାଯାଇଥିଲା। ଅଧ୍ୟୟନରୁ ଜଣାପଡ଼ିଛି ଯେ ହସ୍ତତନ୍ତକୁ ଭଲ ପାଇବା ଓ ତାହାକୁ ନେଇ ପ୍ରକୃତ ସଚେତନତା ଓ ବ୍ୟବହାରରେ ବୃହତ ଅନ୍ତର ରହିଛି। ହସ୍ତତନ୍ତ ହେଉଛି ଭାରତର ବିବିଧ ସଂସ୍କୃତି ଓ ଐତିହ୍ୟର ପ୍ରତୀକ ଯାହା ଆଂଚଳିକ କାରିଗରୀକୁ ଉପସ୍ଥାପନ କରୁଛି। ହାଣ୍ଡଲୁମ ଡିଲେମା ଅଧ୍ୟୟନରୁ ଜଣାପଡ଼ିଛି ଯେ ୮୦ ପ୍ରତିଶତ ଭାରତୀୟ ହସ୍ତତନ୍ତକୁ ଭଲ ପାଉଛନ୍ତି ଏବଂ ପୂର୍ବୋପେକ୍ଷା ସେଥିପ୍ରତି ଅଧିକ ଆକର୍ଷିତ ହେଉଛନ୍ତି। ହସ୍ତତନ୍ତକୁ ଭଲ ପାଇବାରେ ଜେନ ଏକ୍ସକୁ ଜେନ ଜି ପଛରେ ପକାଇ ଦେଇଛନ୍ତି ଯାହା ହସ୍ତତନ୍ତର ପୁନରୁଦ୍ଧାରକୁ ଦର୍ଶାଉଛି।




ଏଭଳି ଭଲ ପାଇବା ସତ୍ତ୍ୱେ ସଚେତନତାର ଅଭାବ (୮୧%ଙ୍କ ମତ) ଓ କପଡ଼ାର ଯତ୍ନକୁ ନେଇ ଗ୍ରାହକମାନେ ଚିନ୍ତିତ ଅଛନ୍ତି। ୭୦ ପ୍ରତିଶତ ଗ୍ରାହକ ହସ୍ତତନ୍ତୁ ହାତରେ ସଫା କରନ୍ତି କିମ୍ବା ଡ୍ରାଏ କ୍ଲିନ କରିବାକୁ ଦିଅନ୍ତି ଯାହା ଏକ ସମୟ ସାପେକ୍ଷ ଓ ବ୍ୟୟବହୁଳ କାର୍ଯ୍ୟ। ତେଣୁ ହସ୍ତତନ୍ତର ଯତ୍ନ ନେବା ସବୁଠୁ ବଡ଼ ପ୍ରତିବନ୍ଧକ ହୋଇରହିଛି। ସେଥିପାଇଁ ହସ୍ତତନ୍ତ କେବଳ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଅବସରରେ ପୋଷାକ ହୋଇରହିଯାଇଛି। ଅଧ୍ୟୟନ ଅନୁସାରେ ପାରିବାରିକ କାର୍ଯ୍ୟକ୍ରମ (୭୧%), ଉତ୍ସବ (୬୯%), ମନ୍ଦିର ପରିଦର୍ଶନ (୬୭%), ବିବାହ (୬୪%)ରେ ହସ୍ତତନ୍ତ ବ୍ୟବହାର କରୁଥିବା ବେଳେ ନିୟମିତ ଭାବେ ବ୍ୟବହାର କରୁଥିବା ୩୬% କହିଛନ୍ତି। ଏହା ହେଉଛି ବଡ଼ ଅବସରର ପୋଷାକ ଯାହାର ଯଥେଷ୍ଟ ଗୁରୁତ୍ୱ ରହିଛି। କୋମଳ ବୁଣାବୁଣି ନଷ୍ଟ ହୋଇଯିବାର ଆଶଙ୍କା ଥିବାରୁ ଅଧିକାଂଶ ଲୋକ ନିଜ ହସ୍ତତନ୍ତ ଶାଢ଼ି କିମ୍ବା ସାର୍ଟ କିମ୍ବା କୁର୍ତାକୁ ୱାର୍ଡରୋବ୍ରେ ରଖିଥାନ୍ତି।

